

୨୦୨୭ରେ 'କ୍ରିସ୍-୪'

▶ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-78 • THURSDAY • 11 SEPTEMBER 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୭୮ • ଗୁରୁବାର • ୧୧ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ତୃତୀୟ ଦିନରେ ଥମିଲା ଆନ୍ଦୋଳନ

# ସେନା କବ୍‌ଜାରେ ନେପାଳ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ନିଷିଦ୍ଧ ଏବଂ ଦୁର୍ନୀତି ବିରୋଧରେ ନେପାଳରେ ଆରମ୍ଭ ହୋଇଥିବା 'ଜେନ୍ ଜେଡ୍' ଆନ୍ଦୋଳନ ସରକାର ଭୁଶୁଡ଼ାଇବା ପରେ ତୃତୀୟ ଦିନରେ କ୍ରମଶଃ ଶିଥିଳ ହୋଇଛି। ତେବେ ହିଂସା ୩୦ ଜଣଙ୍କ ଜୀବନ ନେଇଛି। ୧୦୩୩ରୁ ଅଧିକ ଆହତ ହୋଇଛନ୍ତି। ହିଂସ୍ର ପ୍ରଦର୍ଶନ ଯୋଗୁଁ ସାରା ଦେଶ ସେନା ନିୟନ୍ତ୍ରଣରେ ରହିଛି। ଅନ୍ତରୀଣ ସରକାର ଗଠନ ପାଇଁ ସେନା ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ୬ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ହୋଇଛି।

ନେପାଳ ହିଂସା ଅନେକ ନିରୀହଙ୍କ ଜୀବନ ନେଇଛି। ଏହାକୁ ନେଇ ବୁଧବାର ଅନେକ ଖବର ସାମ୍ନାକୁ ଆସିଛି। ସିପିଏନ ଅଧ୍ୟକ୍ଷ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ଝିଅ ଗଙ୍ଗା ଦହଲଙ୍କ ମୃତଦେହକୁ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ପ୍ରଚଣ୍ଡ ଏବଂ ତାଙ୍କ ସ୍ତ୍ରୀଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆନ୍ଦୋଳନକାରୀ ତାଙ୍କ ଘର ଉପରେ ଆକ୍ରମଣ କରି ▶ପୃଷ୍ଠା-୭

### ସମ୍ବିଧାନ ସଂଶୋଧନ ଦାବିକଲେ ଆନ୍ଦୋଳନକାରୀ
### ୩ ଦଶନ୍ଧି ଧରି କରାଯାଇଥିବା ଲୁଟ୍‌ର ତଦନ୍ତ ଦାବି
### ପୂର୍ବ ପ୍ରଧାନମନ୍ତ୍ରୀଙ୍କ ଝିଅର ପୋଡ଼ାଶବ ଉଦ୍ଧାର
### ଜେଲ୍‌ରୁ ଚମ୍ପଟମାରିଲେ ୧୧ ହଜାର କଏଦୀ
### ନେପାଳରେ ଫସିଛନ୍ତି ୨୦୦ ଭାରତୀୟ ଡ୍ରାଇଭର

## ସୁଶୀଳା କାର୍କି ହେବେ କାମଚଳା ପ୍ରଧାନମନ୍ତ୍ରୀ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ଦେଶର କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ପାଇଁ ଜେନ୍ ଜେଡ୍ ଆନ୍ଦୋଳନକାରୀ ସୁଶୀଳା କାର୍କିଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ସେନା ଏବଂ ଅନ୍ୟ ପ୍ରମୁଖ ଆନ୍ଦୋଳନକାରୀଙ୍କ ମଧ୍ୟରେ ଦୀର୍ଘ ୬ ଘଣ୍ଟାର ଅନ୍‌ଲାଇନ ଚର୍ଚ୍ଚା ପରେ ତାଙ୍କ ନାମରେ ମୋହର ବାଜିଛି। ଏହି ଭର୍ଚୁଆଲ ବୈଠକରେ ପ୍ରାୟ ୫ ହଜାର ଆନ୍ଦୋଳନକାରୀ ସାମିଲ ହୋଇଥିଲେ। କୌଣସି ଯୁବଗୋଷ୍ଠୀ ରାଜନୈତିକ ଦଳରେ ସାମିଲ ହୋଇ ସରକାର ଗଠନ ନିମନ୍ତେ ପ୍ରୟାସ କରିବେ ନାହିଁ ବୋଲି ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଛନ୍ତି। କାର୍କି କୌଣସି ରାଜନୈତିକ ଭିତ୍ତିଭୂମିରୁ ଆସି ନାହାନ୍ତି। ସ୍ୱଚ୍ଛତା ଏବଂ ସମାନତା ପାଇଁ ତାଙ୍କୁ ବଛାଯାଇଛି। ସେ ନେପାଳ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ଥିଲେ। ସେ ମଧ୍ୟ ନେତୃତ୍ୱ ନେବାକୁ ରାଜି ହୋଇଛନ୍ତି। ନାମ ପ୍ରସ୍ତାବ ଦେବା ପରେ ସୁଶୀଳା ସେନା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ସେ ଅଧିକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସେନା ସହମତ ହେଲେ ସୁଶୀଳା ଦେଶର ନେତୃତ୍ୱ ନେବେ।

୧୯୫୨ ଜୁନ୍ ୭ରେ ଜନ୍ମିତ ସୁଶୀଳା ବନାରସ ହିନ୍ଦୁ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ମାଷ୍ଟର୍ସ କରିଥିଲେ। ସେ ୧୯୭୯ରେ ଓକିଲାତିରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୬ ଜୁଲାଇ ୧୧ରୁ ୨୦୧୭ ଜୁନ୍ ୬ ପର୍ଯ୍ୟନ୍ତ ନେପାଳର ପ୍ରଧାନ ବିଚାରପତି ଥିଲେ। କାର୍ଯ୍ୟପାଳିକାରେ ହସ୍ତକ୍ଷେପ ଅଭିଯୋଗରେ ୨୦୧୭ରେ ତାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଥିଲା।

## କାଠମାଣ୍ଡୁରେ ଫସିଛନ୍ତି କେନ୍ଦ୍ରାପଡ଼ାର ଶତାଧିକ

### ଭାରତ ଫେରାଇ ଆଣିବାକୁ ପରିବାର ପକ୍ଷରୁ ନିବେଦନ

■ ପଟ୍ଟାମୁଣ୍ଡାଇ, ୧୦।୯ (ସମିସ): ନେପାଳରେ ଗୃହଯୁଦ୍ଧ ଆରମ୍ଭ ହୋଇଯାଇ ଥିବାରୁ ସମ୍ପ୍ରତି ସେଠାକାର ଜାତୀୟ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଇସ୍ତଫା ଦେବା ପରେ ସରକାରର ପତନ ହେବା ସଙ୍ଗେ ସଙ୍ଗେ ବିଦ୍ରୋହୀମାନଙ୍କ କବଜାରେ ରହିଛି ନେପାଳ। ଅନ୍ୟପକ୍ଷରେ ସରକାର ପତନ ହେବା କାରଣରୁ ଦେଶର ଦାୟିତ୍ୱ ସେନା ହାତକୁ ନେଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନେପାଳରେ ଫସିରହିଥିବା ଭାରତର ଲକ୍ଷାଧିକ ନାଗରିକଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ନେପାଳ କାଠମାଣ୍ଡୁରେ ରହି କାମ କରୁଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶତାଧିକ ବ୍ୟକ୍ତିଙ୍କ ଜୀବନଜୀବିକା ବିପନ୍ନ ହେବା ସହ ନେପାଳ ସେନା ଦେଶର ସୀମାକୁ ସିଲ୍ କରିଦେଇଥିବାରୁ ସେମାନଙ୍କର ଭାରତ ଫେରିବା ଆଶା ମଉଳିଯାଇଛି। ନିଜ ଦେଶକୁ ଫେରିପାରୁ ନ ଥିବାରୁ ସେମାନଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଛି।

ନେପାଳରେ ଫସିଥିବା ପଟ୍ଟାମୁଣ୍ଡାଇ ଲୋକମାନଙ୍କ ମଧ୍ୟରେ ଅଧିକାଂଶ ପାଣି ପାଇପ୍ ମିସ୍ତ୍ରୀ ଓ ଠିକାଦାର ଥିବା ଜଣାପଡ଼ିଛି। ଫସିଥିବା ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ସେମାନଙ୍କ ପରିବାର ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ନେପାଳର କାଠମାଣ୍ଡୁରେ ଅବସ୍ଥାନ କରୁଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପବିତ୍ର ପଣ୍ଡା(୪୬), ତାଙ୍କ ପତ୍ନୀ ତୁଳସୀ ପଣ୍ଡା (୪୨), ଝିଅ ପ୍ରିୟଙ୍କା ପଣ୍ଡା(୧୪), ସାଇରାମ ପଣ୍ଡା(୧୦) ପ୍ରମୁଖ ଆସନ୍ତା ୨୩ ତାରିଖରେ ଦୁର୍ଗାପୂଜା ପାଇଁ ଘରକୁ ଫେରିବାର ଥିଲା। କିନ୍ତୁ ସେମାନଙ୍କ ଆସିବା ବାଟ ଏବେ ବନ୍ଦ ହୋଇଯାଇଛି। ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଭାରତ ଫେରାଇ ଆଣିବା ପାଇଁ ୮୭ ବର୍ଷର ବୃଦ୍ଧା ମାଆ କୁନ୍ତଳା ପଣ୍ଡା ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଓଉପଦା ଅଞ୍ଚଳର ସ୍ୱର୍ଗତ ନରେନ୍ଦ୍ର କୁମାର କରଙ୍କ ପୁଅ ଅଜିତ କୁମାର କର କାଠମାଣ୍ଡୁ କୁଳେଶ୍ୱରରେ ରହୁଥିବା ବେଳେ ପ୍ରକଳ୍ପ କାମ ▶ପୃଷ୍ଠା-୭

## ଅକ୍ଟୋବରରୁ ସାରା ଦେଶରେ ଏସ୍ଆଇଆର୍

### ପ୍ରସ୍ତୁତ ରହିବା ଲାଗି ସମସ୍ତ ନିର୍ବାଚନ ଅଧିକାରୀଙ୍କୁ କମିସନଙ୍କ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆସନ୍ତା ଅକ୍ଟୋବର ମାସରୁ ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଆରମ୍ଭ ହୋଇପାରେ। ଆଜି ଏଠାରେ ଅନୁଷ୍ଠିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ବୈଠକରେ ହୋଇଥିବା ଆଲୋଚନାରୁ ଏଭଳି ସୂଚନା ମିଳିଛି। ସରକାରୀ ଭାବେ ତାରିଖ ଘୋଷଣା କରାଯାଇନଥିଲେ ମଧ୍ୟ ଏଥିଲାଗି ପ୍ରସ୍ତୁତ ରହିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଭାରତର ନିର୍ବାଚନ କମିସନ। ବିହାରରେ ଏସ୍ଆଇଆର୍‌କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସୁପ୍ରିମ କୋର୍ଟ ଏବେ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ବିପୁଳ ସଂଖ୍ୟାରେ ଭୋଟରଙ୍କୁ ତାଲିକାରୁ ହଟାଇବା ଲାଗି କମିସନ ଚକ୍ରାନ୍ତ ଚଳାଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଥିବା ବେଳେ କମିସନ ଏହା ସପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି।

ଦେଶବ୍ୟାପୀ ଏସ୍ଆଇଆର୍ କରାଯିବ ବୋଲି ନିର୍ବାଚନ କମିସନଙ୍କ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିବା ବେଳେ ଆଜି ଏଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କର ଏକ ବୈଠକ ହୋଇଥିଲା। ବୈଠକରେ କେବଳ ଏସ୍ଆଇଆର୍ ପ୍ରସଙ୍ଗରେ ହିଁ ଆଲୋଚନା କରାଯାଇଛି। ସାଢ଼େ ତିନି ଘଣ୍ଟା ଧରି ହୋଇଥିବା ବୈଠକରେ ନିର୍ବାଚନ ଅଧିକାରୀମାନେ ସେମାନଙ୍କ ରାଜ୍ୟ ସଂପର୍କରେ ବିଭିନ୍ନ ତଥ୍ୟ ▶ପୃଷ୍ଠା-୭

### କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ଅନୁମୋଦନ

## 'ଭୁବନେଶ୍ୱର ନୂଆ ସହର' ଉନ୍ନୟନ ଯୋଜନାକୁ ମଞ୍ଜୁରୀ

■ ଭୁବନେଶ୍ୱର, ୧୦।୯ (ସମିସ): ବୁଧବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏକ ଆଧୁନିକ ଏବଂ ସମାବେଶୀ ସହରୀ କେନ୍ଦ୍ର ସୃଷ୍ଟି ଲକ୍ଷ୍ୟରେ ପ୍ରସ୍ତାବିତ 'ଭୁବନେଶ୍ୱର ନୂଆ ସହର' ଉନ୍ନୟନ(ନିୟୁ ସିଟି) ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସାମ୍ବିଧାନିକ ଅନୁମୋଦନ ମିଳିଛି। ଅନ୍ୟ ଏକ ପ୍ରମୁଖ ପ୍ରସ୍ତାବକ୍ରମେ ୪୨୮ଟି ଆମ୍ବୁଲାନ୍ସ ପାଇଁ ୧୧୮.୯୮ କୋଟି ଟଙ୍କାର ବ୍ୟୟ ଅଟକଳକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, 'ଭୁବନେଶ୍ୱର ନୂଆ ସହର ଉନ୍ନୟନ ଯୋଜନା' ପ୍ରକଳ୍ପ ଗୋଠପାଟଣା, ମଳିପଡା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିକୁ ନେଇ ହେବ। ଏହି ଯୋଜନାରେ ନୂଆ ସହରର ସମସ୍ତ ଅଧିବାସୀଙ୍କୁ ଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ ସମସ୍ତ ଆୟ ଶ୍ରେଣୀ ପାଇଁ ସାମର୍ଥ୍ୟ ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାରର ଘର ଉପଲବ୍ଧ ହେବ।

୨୦୨୫ ଜାନୁଆରୀ ୧୭ରେ ସିଙ୍ଗାପୁରର ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ସିଙ୍ଗାପୁରର ସୁର୍ବାନା ଜୁରୋଙ୍ଗ ସଂସ୍ଥା ମଧ୍ୟରେ ଏକ ▶ପୃଷ୍ଠା-୭

ବଢ଼ିଲା ବିଡିଓ, ଯନ୍ତ୍ରୀଙ୍କ କ୍ଷମତା → ପୃଷ୍ଠା-୩

### ଅସହ୍ୟ ହେଲାଣି ଦରଦାମ୍ ବୃଦ୍ଧି

## ୩ ବର୍ଷରେ ୩୩% ବଢ଼ିଗଲାଣି ଘର ଖର୍ଚ୍ଚ

### ପରିବାର ଚଳାଇବାକୁ ସଂଘର୍ଷ କରୁଛନ୍ତି ୪୫% ମଧ୍ୟବିତ୍ତ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ବଜାର ଦରର ମହଙ୍ଗା ମାଡ଼ରେ ଖାଉଟି ନୟାନ୍ତ। ଗାଁ ଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଲୋକ ଦରଦାମରେ ଅତିଷ୍ଠ। ଖାଦ୍ୟପାନୀୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଶିକ୍ଷା ସବୁ କ୍ଷେତ୍ରରେ ବଢ଼ି ଚାଲିଥିବା ଖର୍ଚ୍ଚକୁ ନେଇ ସାଧାରଣ ଉପଭୋକ୍ତା ତ୍ରାହିତ୍ରାହି ଡାକୁଛନ୍ତି। ଗରିବ ଲୋକମାନଙ୍କୁ ସରକାର ମାଗଣା ଖାଦ୍ୟ ଶସ୍ୟ ଯୋଗାଇ ଦେଉଥିଲେ ହେଁ ଆନୁଷଙ୍ଗିକ ଖର୍ଚ୍ଚ ଯୋଗାଡ଼ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଛି। ଉଚ୍ଚ ବଜାର ଦର ଯୋଗୁଁ ୩ ବର୍ଷରେ ଭାରତୀୟଙ୍କ ପାରିବାରିକ ଖର୍ଚ୍ଚ ୩୩ ପ୍ରତିଶତ ବୃଦ୍ଧି ପାଇଛି ଓ ୪୫% ଭାରତୀୟ ପରିବାର ଘର ଚଳାଇବାକୁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ମୂଲ୍ୟ ବୃଦ୍ଧିଜନିତ ସମସ୍ୟାକୁ ମୁକାବିଲା କରିବା ପାଇଁ ମଧ୍ୟବିତ୍ତ ପରିବାରଗୁଡ଼ିକ ଖର୍ଚ୍ଚକାଟ କରୁଛନ୍ତି ଓ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକର ସଞ୍ଚୟ ହ୍ରାସ ପାଇଛି। ଜୁନ୍ ୨୦୨୨ରେ ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ହାରାହାରି ସାପ୍ତାହିକ ଖର୍ଚ୍ଚ ୫୨୭୧୧ ଟଙ୍କା ଥିବାବେଳେ ୨୦୨୫ ମାର୍ଚ୍ଚ ମାସରେ ଏହା ବୃଦ୍ଧି ପାଇ ୭୩୫୭୯ ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ହାରାହାରି ସାପ୍ତାହି ଖର୍ଚ୍ଚ ଜୁନ୍ ୨୦୨୨ରେ ୩୬୧୦୪ ଟଙ୍କା ଥିବାବେଳେ ମାର୍ଚ୍ଚ ୨୦୨୫ରେ ଏହା ୪୬୬୨୩ ଟଙ୍କାରେ ପହଞ୍ଚିଛି। ପାରିବାରିକ ଖର୍ଚ୍ଚକୁ ନେଇ ୱାର୍ଲ୍ଡ ପ୍ୟାନେଲ ସର୍ଭେ ପ୍ରକାଶ କରିଛି ଏପରି ତଥ୍ୟ।

'ୱାର୍ଲ୍ଡପ୍ୟାନେଲ୍ ବାଇ ନ୍ୟୁମେରେଟର୍' ରିପୋର୍ଟ ଅନୁସାରେ ଭାରତରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ଦୃଷ୍ଟାନ୍ତମୂଳକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିବର୍ଷ ସହରାଞ୍ଚଳରେ ବସବାସ କରୁଥିବା ଭାରତୀୟ ପରିବାରଗୁଡିକର ଖର୍ଚ୍ଚ ▶ପୃଷ୍ଠା-୭

**ୱାର୍ଲ୍ଡ ପ୍ୟାନେଲ୍ ଇଣ୍ଡିଆ ସର୍ଭେ ରିପୋର୍ଟ**

### ବର୍ଷକ ମଧ୍ୟରେ ଉପଭୋକ୍ତା ଆତ୍ମବିଶ୍ୱାସ ୩% ହ୍ରାସ
### ଦେଶରେ ସ୍ୱଚ୍ଛନ୍ଦ ଜୀବନ କାଟୁଛନ୍ତି ମାତ୍ର ୧୭%

## ପେଟ୍ରୋଲ ଢାଳି ନିଜକୁ ଜାଳିଦେଲେ

### ୯୦ ପ୍ରତିଶତ ଦଗ୍ଧ



■ ବ୍ରହ୍ମପୁର, ୧୦।୯ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବକ ମେଣ୍ଟୁଛକଠାରେ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ତାଙ୍କ ଶରୀରର ୯୦ ଭାଗରୁ ଅଧିକ ପୋଡ଼ିଯାଇଛି। ଗୁରୁତର ଯୁବକଜଣଙ୍କ ହେଲେ, ପୁରୁଣା ବ୍ରହ୍ମପୁର ରାଧାକୃଷ୍ଣ ସାହିର ସୂରଜ ସାହୁ(୨୧)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ▶ପୃଷ୍ଠା-୭

### ମହଙ୍ଗା ପଡ଼ିଲା ଚାରିଚକିଆ ଗାଡ଼ି କିଣା ଓ ଧାନ ବିକ୍ରି ପଞ୍ଜୀକରଣ

## ସୁଭଦ୍ରାରୁ ୨ ଲକ୍ଷ ହିତାଧିକାରୀ ବାଦ୍

■ ଭୁବନେଶ୍ୱର, ୧୦।୯ (ସମିସ): ରାଜ୍ୟରେ ଜାରି ରହିଥିବା ସୁଭଦ୍ରା ଯୋଜନାରୁ ପାଖାପାଖି ୨ ଲକ୍ଷ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ୨ଟି କିସ୍ତିରେ ଅର୍ଥ ପାଇସାରିବା ପରେ ମଧ୍ୟ ଏହି ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ଯେଉଁ ପରିବାରରେ ଚାରିଚକିଆ ଗାଡ଼ି କିଣାଯାଇଛି, ଧାନ ବିକ୍ରି ପାଇଁ ପଞ୍ଜୀକରଣ କରାଯାଇଛି ଓ ଆୟକରଦାତା ରହିଛନ୍ତି, ସେମାନଙ୍କୁ ସରକାର ଏହି ଯୋଜନାରୁ ବାଦ୍ ଦେଇଥିବା ଜଣାପଡ଼ିଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର କରିଥିବା ସୁଭଦ୍ରା ଯୋଜନାର ସମୀକ୍ଷା ବୈଠକରୁ ଏହି ତଥ୍ୟ ଜଣାପଡ଼ିଛି। ଏଥିରେ ଦର୍ଶାଯାଇଛି ଯେ ମୃତ୍ୟୁ ଯୋଗୁଁ ୧୫,୯୮୪ଜଣ, ଚାରିଚକିଆ ଗାଡ଼ି କିଣିଥିବାରୁ ୩୬ ହଜାର ୭୦୨ଜଣ, ଆୟ କର ରିଟର୍ଣ୍ଣ ଦାଖଲ କରିଥିବା ୨୧ ହଜାର ୩୫ଜଣ ଏବଂ ଧାନ ବିକ୍ରି ପାଇଁ କୃଷକ ଭାବେ ପଞ୍ଜୀକରଣ କରିଥିବା ୧ ଲକ୍ଷ ୩୩ ହଜାର ୬୯୧ ଜଣ ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ତେବେ ସରକାରଙ୍କ ମୃତ୍ୟୁ ତାଲିକାକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। କାରଣ ଯେଉଁ ୧୫ ହଜାର ୯୮୪ ଜଣଙ୍କୁ ମୃତ ଘୋଷଣା କରାଯାଇଛି, ସେମାନଙ୍କ ▶ପୃଷ୍ଠା-୭

### ମୃତ ଦର୍ଶାଇ ୧୮୦୫ ଜଣଙ୍କୁ କାଟିଦେଲେ

## ରକ୍ତ ଭଣ୍ଡାରରେ ଚିହ୍ନଟ ହୋଇପାରୁନି ଏଚ୍ଆଇଭି

### ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ



### ଆଇଡି-ଏନଏଟି ପରୀକ୍ଷା ସୁବିଧା ନ ଥିବାରୁ ହୋଇପାରୁନି ଏଚ୍ଆଇଭି, ଏଚ୍‌ସିଭି ରକ୍ତ ସଂକ୍ରମଣ ଚିହ୍ନଟ

■ କଟକ, ୧୦।୯ (ସମିସ): ରାଜ୍ୟର ସମସ୍ତ ୫୫ ରକ୍ତଭଣ୍ଡାରରେ ଇଣ୍ଡିଭିଜୁଆଲ ଡୋନର୍ ନ୍ୟୁକ୍ଲିକ୍ ଏସିଡ୍ ଆମ୍ପ୍ଲିଫିକେସନ୍ ଟେକ୍ନୋଲୋଜି (ଆଇଡି-ଏନ୍ଏଟି) ପରୀକ୍ଷା ସୁବିଧା ନଥିବାରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ହେଉଥିବା ରକ୍ତର ଏଚ୍ଆଇଭି, ଏଚ୍‌ସିଭି ଭଳି ମାରାତ୍ମକ ସଂକ୍ରମଣର ଚିହ୍ନଟ ହୋଇପାରୁନାହିଁ। ଫଳରେ ଏଡ୍ସ ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଅବସରପ୍ରାପ୍ତ ଚିକିତ୍ସା ବିଜ୍ଞାନୀ ଡା. ଅମରେନ୍ଦ୍ର ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ରକ୍ତଭଣ୍ଡାରଗୁଡ଼ିକରେ ରକ୍ତର ପୁରୁଣା ଏଲିସା ପରୀକ୍ଷା ପଦ୍ଧତି ଅବଲମ୍ବନ କରାଯାଉଛି। ଏହି ପଦ୍ଧତିରେ ଏଚ୍ଆଇଭି ଭଳି ଭୂତାଣୁ ସଂକ୍ରମଣ ନିର୍ଦ୍ଦିଷ୍ଟ ଅବଧିରେ ଜଣାପଡୁନଥିଲା। ହାଇକୋର୍ଟରେ ରୁଜୁ ଆଉ ଏକ ଜନସ୍ୱାର୍ଥ ମାମଲାରେ ନିର୍ଦ୍ଦେଶାନୁସାରେ ସରକାର ଏନଏଟି-ପିସିଆର୍ ଟେଷ୍ଟ କେତେକ ରକ୍ତଭଣ୍ଡାରରେ ଉପଲବ୍ଧ କରାଇଲେଣି। ହେଲେ ଏହି ପ୍ରକ୍ରିୟାରେ ମଧ୍ୟ ଏଚ୍ଆଇଭିର ବିଭିନ୍ନ ଭାରିଆଣ୍ଟ ଓ ହେପାଟାଇଟିସି ବି' ଭଳି ମାରାତ୍ମକ ସଂକ୍ରମଣ ୱିଣ୍ଡୋ ପିରିୟଡ୍‌ରେ ଜଣାପଡ଼ିବ ନାହିଁ। ଏଣୁ, ଓଏସଏମସିଲକୁ ସମସ୍ତ ରକ୍ତଭଣ୍ଡାରରେ ଅତ୍ୟାଧୁନିକ ଆଇଡି-ଏନଏଟି ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ, ପୂର୍ବରୁ ବିଚାରାଧୀନ ▶ପୃଷ୍ଠା-୭

ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

## ଆଜିର ଇତିହାସ

- ୧୮୯୩- ସିକାଗୋରେ ବିଶ୍ୱ ଧର୍ମ ସଂସଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।
- ୧୮୯୫- ଭୂଦାନ ଆନ୍ଦୋଳନର ପ୍ରବର୍ତ୍ତକ ସନ୍ଥ ବିନୋବା ଭାବେଙ୍କ ଜନ୍ମ।
- ୧୯୧୯-ଆମେରିକୀୟ ନୌସେନା ହଣ୍ଡୁରାସ ଉପରେ ଆକ୍ରମଣ କଲା।
- ୧୯୩୨- ଏଥେନ୍ସରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୬ ଜଣକ ମୃତ୍ୟୁ ହୋଇଥିଲା।
- ୧୯୬୧-ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନା।
- ୨୦୦୧-ଅଲକାଏଦା ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏଥିରେ ୨୯୯୬ ଜଣକର ମୃତ୍ୟୁ ହୋଇଥିଲା।

## ୨୦୨୭ରେ 'କ୍ରିସ୍ ୪'



ହ୍ରିତିକ୍ ରୋଶନ ଚଳିତବର୍ଷ ବଲିଉଡ୍‌ରେ ୨୫ ବର୍ଷ ପୂରଣ କରିଛନ୍ତି। ଏଇବର୍ଷ 'କ୍ରିସ୍ ୪'କୁ ନେଇ ମଧ୍ୟ ବଡ଼ ଅପଡେଟ୍ ଆସିଛି। ରାକେଶ ରୋଶନଙ୍କ ବଦଳରେ ନିଜେ ଏଥିରେ ହ୍ରିତିକ୍ ନିର୍ଦ୍ଦେଶନା ଦେବେ ବୋଲି ଜଣାପଡ଼ିଛି। ନିକଟରେ ରାକେଶ ତାଙ୍କ ୭୬ ତମ ଜନ୍ମଦିନ ପାଳନ ଅବସରରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, 'କ୍ରିସ୍ ୪' ର କାହାଣୀ ପାଇଁ ଆଉ ବେଶୀ ଦିନ ଲାଗିବ ନାହିଁ। ବଜେଟ୍ ପାଇଁ ଆମେ ଚାପରେ ଅଛୁ। ଆମେ ଏକ ସୀମିତ ବଜେଟ୍ ମଧ୍ୟରେ ଫିଲ୍ମଟିକୁ ନିର୍ମାଣ କରିବୁ। ଆସନ୍ତା ବର୍ଷ ମଧ୍ୟ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। ୨୦୨୭ରେ ଆମେ ଏହାକୁ ରିଲିଜ୍ କରିବା ପାଇଁ ଯୋଜନା ରଖିଛୁ।' ଏଠାରେ ପ୍ରକାଶ ଥାଉ କି, 'କ୍ରିସ୍ ୪' 'କ୍ରିସ୍' ସିରିଜ୍‌ର ଚତୁର୍ଥ ଫିଲ୍ମ ହେବ। ଏହାର ପ୍ରଥମ ଫିଲ୍ମ 'କୋଇ ମିଲ ଗୟା(୨୦୦୩), 'କ୍ରିସ୍'(୨୦୦୬) ଓ 'କ୍ରିସ୍ ୩'(୨୦୧୩) ରେ ଆସିଥିଲା। ହ୍ରିତିକ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ୱାର୍ ୨' ଫିଲ୍ମରେ ଦେଖାଯାଇଥିଲେ। ଏଥିରେ ତାଙ୍କ ସହ ଜୁନିୟର୍ ଏନ୍‌ଟିଆର୍, କିଆରା ଆଡଭାନୀ ଲିଡ୍ ରୋଲରେ ନଜର ଆସିଥିଲେ। ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସେତେଟା ଭଲ ବ୍ୟବସାୟ କରି ନଥିଲା। ଏହି କାରଣରୁ ହ୍ରିତିକ୍‌ଙ୍କ କ୍ୟାରିୟର ମଧ୍ୟ ପ୍ରଭାବିତ ହୋଇଛି।

## ଶ୍ରମିକଙ୍କ କାମ କରିବ ରୋବଟ୍

### ଥରକରେ ଉଠାଇବ ୨୫୦ କେଜି ଓଜନର ଜିନିଷ



ଚୀନ୍ ଦିନକୁ ଦିନ ନୂଆ ନୂଆ ଟେକ୍ନୋଲଜି ବିକଶିତ କରୁଥିବା ଦେଖାଯାଉଛି। ଏହି କ୍ରମରେ ଚୀନ୍ ରୋବଟିକ୍ସ ଦୁନିଆରେ ଏକ ବଡ଼ ସଫଳତା ହାସଲ କରିଛି। ଏଆଇ ସହାୟତାରେ ଏହା ଏଭଳି ଏକ ରୋବଟ୍ ବିକଶିତ କରିଛି, ଯାହାକୁ ଲୋକେ ବାହୁବଳି ରୋବଟ୍ କହୁଛନ୍ତି। କାରଣ ଏହା ୨୫୦ କେଜି ଓଜନର ଜିନିଷକୁ ବେଶ୍ ସହଜରେ ଉଠାଇ ଦେଉଛି। ସାମାଜିକ ଗଣମାଧ୍ୟମରେ ଏହି ରୋବଟ୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଚୀନ୍‌ର ଷ୍ଟାର୍ଟଅପ୍ କମ୍ପାନି 'ମ୍ୟାଜିକ୍‌ଲ୍ୟାବ୍' 'ମ୍ୟାଜିକବଟ୍' ନାମକ ଏକ ହ୍ୟୁମାନଏଡ୍ ରୋବଟ୍ ବିକଶିତ କରିଛି। ଏହା ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ବୋହିବାକୁ ସକ୍ଷମ। ଏହି ରୋବଟ୍‌ର ଏକ ଭିଡିଓ ଜାରି କରାଯାଇଛି। ତେବେ ଆଗାମୀ ଦିନଗୁଡ଼ିକରେ ଏହା କାରଖାନାରେ ଶ୍ରମିକଙ୍କ ସ୍ଥାନ ନେଇପାରେ ବୋଲି କୁହାଯାଉଛି। ରୋବଟ୍‌ଟି ପ୍ରଥମେ ୮୦ କିଲୋଗ୍ରାମ ଓଜନ ବୋହିଥିବା ବେଳେ ଏହା ପରେ ୧୭୦ କିଲୋଗ୍ରାମ ଏବଂ ଶେଷରେ ୨୫୦ କିଲୋଗ୍ରାମ ଓଜନ ବୋହିଥିବା ଦେଖାଯାଇଛି। ହାଲୁକା ଜିନିଷ ଉଠାଇବା ସମୟରେ ଏହି ରୋବଟ୍‌ର ବେଗ ସେକେଣ୍ଡ ପ୍ରତି ୦.୭ ମିଟର ଥିବା ବେଳେ ଭାରି ଓଜନ ଉଠାଇବା ସମୟରେ ଏହା ସେକେଣ୍ଡ ପ୍ରତି ୦.୩ ମିଟର ଥିଲା। ଅବଶ୍ୟ ରୋବଟ୍‌ଟି କେବଳ ଶକ୍ତିଶାଳୀ ନୁହେଁ, ବରଂ ଏକାଧିକ କାର୍ଯ୍ୟ ମଧ୍ୟ କରିବାକୁ ସକ୍ଷମ। ମୁଖ୍ୟତଃ ଉକ୍ତ ରୋବଟ୍‌କୁ କାରଖାନାରେ କାମ କରିବା ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଛି। ଏହା ହେଉଛି ତୃତୀୟ ପିଢ଼ିର ଏଆଇ ରୋବଟ୍। ଏହା ଜିନିଷ ଉଠାଇବା ସହ ପରୀକ୍ଷା କରିବା, ସ୍କାନିଂ କରିବା ସହିତ ଗୋଦାମରେ ମଧ୍ୟ କାମ କରିପାରିବ। କେବଳ ସେତିକି ନୁହେଁ, ଏହା ପୋଷାକ ସଫା କରିବା, ପିଲାଙ୍କ ପାଇଁ ରୋଷେଇ କରିବା, ଗଛରେ ପାଣି ଦେବା ଭଳି ଅନ୍ୟାନ୍ୟ ଘରୋଇ କାମ ବି କରିପାରିବ। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ଅତି ସୂକ୍ଷ୍ମ ଜିନିଷକୁ ମଣିଷଙ୍କ ଭଳି ସର୍ତକତାର ସହ ରଖିଥାଏ। ଏହି ରୋବଟ୍‌ରେ ଆରଜିବିଡି କ୍ୟାମେରା, ଫିସ୍‌ଆଇ କ୍ୟାମେରା ଏବଂ ଅଲଟ୍ରାସୋନିକ ସେନସର୍ ଲାଗିଛି। ଥରେ ଚାର୍ଜ କଲେ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଏହା ମଣିଷ ଭଳି ଚଲାବୁଲା, ଦୌଡ଼ାଦୌଡ଼ି କରିଥାଏ। ସେହିପରି ଏଆଇ ସାହାଯ୍ୟରେ ଏହାର ବେଗକୁ କମ୍ ବେଶି ବି କରାଯାଇ ପାରିବ। ଏହି ରୋବଟ୍ ଏଆଇ ଇଞ୍ଜିନ୍‌ର ବ୍ୟବହାର କରିଥାଏ। ଯାହାକି ଏହାକୁ ନୂଆ କାମ ଶିଖିବାରେ ସାହାଯ୍ୟ କରେ। ଅନ୍ୟପଟେ ଏହାକୁ ଚୀନ୍‌ର କିଛି କାରଖାନାରେ ବ୍ୟବହାର କରାଯାଇଥିବା ଜଣାପଡ଼ିଛି।

## ବୟସ ୧୫, ଉଚ୍ଚତା ୭ ଫୁଟ

ଅନେକ ଲୋକ ସେମାନଙ୍କ ଶାରୀରିକ ଗଠନକୁ ନେଇ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ବିହାର ଦରଭଙ୍ଗାର ଜଣେ ବାଳକ ନିଜର ଉଚ୍ଚତା ପାଇଁ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୧୫ ବର୍ଷୀୟ ହରିଓମ୍‌ଙ୍କ ଉଚ୍ଚତା ୭ ଫୁଟ। ସେ ଏବେ ଏକାଦଶ ଶ୍ରେଣୀରେ ପାଠ ପଢ଼ୁଛନ୍ତି। ଭବିଷ୍ୟତରେ ସେ ପୁଲିସ ଚାକିରିରେ ଯୋଗଦେବାକୁ ଆଶା ରଖିଛନ୍ତି। ଘରର ଅନ୍ୟ ସଦସ୍ୟଙ୍କ ଉଚ୍ଚତା ସାଧାରଣ ଥିବାବେଳେ, କେବଳ ହରିଓମ୍‌ଙ୍କ ଉଚ୍ଚତାରେ ଏପରି ଭିନ୍ନତା ଦେଖାଯାଇଛି। ସେହିପରି ହରିଓମ୍‌ଙ୍କ ବାପା ପୁଅର ଉଚ୍ଚତାକୁ ଦୃଷ୍ଟିରେ ରଖି ତାଙ୍କ ଘରକୁ ତିଆରି କରିଛନ୍ତି। ସେ ତାଙ୍କ ଶୌଚାଳୟ, ଶୋଇବା ଘର ଓ ରୋଷେଇ ଘରର ଉଚ୍ଚତାକୁ ସାଢ଼େ ସାତଫୁଟ ରଖିଛନ୍ତି। ଯଦ୍ୱାରା ହରିଓମ୍ ଘର ମଧ୍ୟରେ ଆରାମରେ ଆତଯାତ କରିପାରିବେ। ଏହାକୁ ନେଇ ହରିଓମ୍ କୁହନ୍ତି, ତାଙ୍କ ଉଚ୍ଚତା ବୟସ ବଢ଼ିବା ସହ ବଢ଼ି ଚାଲିଥିଲା। ଏହାକୁ ନେଇ ତାଙ୍କର କୌଣସି ସମସ୍ୟା ମଧ୍ୟ ହୋଉ ନ ଥିଲା। ଅଧିକ ଉଚ୍ଚତା ପାଇଁ ତାଙ୍କ ସାଙ୍ଗମାନେ ତାଙ୍କୁ 'ଲମ୍ବୁ' ଡାକୁଥିବା ହରିଓମ୍ କୁହନ୍ତି। ସେ ଏବେ ପୁଲିସ୍ ଚାକିରି ପାଇଁ ପ୍ରସ୍ତୁତି ଚଳାଇଛନ୍ତି।




## ସ୍ୱାମୀଙ୍କ ସ୍ମୃତିରେ ସାଇତି ରଖିଛନ୍ତି ଟାଟୁ




ସ୍ୱାମୀ ଓ ସ୍ତ୍ରୀର ସମ୍ପର୍କ ଈଶ୍ୱରଙ୍କ ଏକ ଅନବଦ୍ୟ ସୃଷ୍ଟି। ପତି ପତ୍ନୀଙ୍କ ମଧ୍ୟରୁ ଜଣକର କାହାର ମୃତ୍ୟୁ ହୋଇଗଲେ ଅନ୍ୟ ଜଣେ ତାକୁ ପ୍ରତି ମୁହୂର୍ତ୍ତରେ ଝୁରି ହେଉଥାଏ। ସେ ଛାଡ଼ି ଯାଇଥିବା ଜିନିଷଗୁଡ଼ିକୁ ସ୍ମୃତି ଭାବେ ନିଜ ପାଖେ ସାଇତି ରଖିଥାନ୍ତି। ପଶ୍ଚିମ ଭର୍ଜିନିଆର ଏଞ୍ଜେଲିକା ରାଡେକ୍ସି ନାମ୍ନୀ ଜଣେ ୩୫ ବର୍ଷୀୟା ମହିଳା ତାଙ୍କ ସ୍ୱାମୀଙ୍କୁ ହରାଇବା ପରେ ଏପରି କିଛି କରିଛନ୍ତି ଯାହା ଶୁଣିବାକୁ ବେଶ୍ ଆଶ୍ଚର୍ଯ୍ୟ ଲାଗିବ। ଏଞ୍ଜେଲିକା ଓ ତାଙ୍କ ସ୍ୱାମୀ ଟିଜେ ପିଲାଦିନର ବନ୍ଧୁ ଥିଲେ। ୨୦୨୧ ମସିହାରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସେମାନଙ୍କର ପ୍ରେଷ୍ଟନ ନାମକ ୧୦ ବର୍ଷର ପୁଅ ଅଛି। ୫୫ ବର୍ଷ ବୟସରେ ଟିଜେଙ୍କର ଅଚାନକ ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀ ଚାଲିଯିବା ପରେ ଏଞ୍ଜେଲିକା ପୂରା ଭାଙ୍ଗି ପଡ଼ିଥିଲେ। ସେ ଏକ ନିଆରା ଉପାୟରେ ସ୍ୱାମୀଙ୍କ ସ୍ମୃତିକୁ ସାଉଁଟି ରଖିବାକୁ ଇଚ୍ଛା କରିଥିଲେ। ଟିଜେଙ୍କ ଶରୀରରେ ୭୦ରୁ ଅଧିକ ଟାଟୁ ଥିଲା। ଏଞ୍ଜେଲିକା ଟିଜେଙ୍କ ହାତରେ ଥିବା ପିଟ୍‌ସବର୍ଗ ଷ୍ଟିଲର୍ସ ହେଲମେଟ୍ ଟାଟୁକୁ ସାରା ଜୀବନ ସାଇତି ରଖିବାକୁ ଚାହିଁଥିଲେ। ଖପୁରୀ ଆକୃତିର ଏହି ଟାଟୁଟି ଟିଜେ ଏବଂ ତାଙ୍କ ପୁଅଙ୍କର ବହୁତ ପସନ୍ଦ ଥିଲା। ତେଣୁ ଏହି ଟାଟୁଟିକୁ ଏଞ୍ଜେଲିକା ସାରା ଜୀବନ ସାଇତି ରଖିବାକୁ ଇଚ୍ଛା କରିଥିଲେ। ତେଣୁ ଅନ୍ତିମସଂସ୍କାର ସମୟରେ ଏଞ୍ଜେଲିକା ମାର୍କରରେ ଟାଟୁର ସଠିକ୍ ଅଂଶକୁ ଚିହ୍ନିତ କରିଥିଲେ। ଏହାପରେ ଟିଜେଙ୍କର ସେହି ଅଂଶକୁ କଟାଯାଇ ସେଭ୍ ମାଇଁ ଇଙ୍କ୍ ଫରଏଭର ନାମକ କମ୍ପାନି ନିକଟକୁ ପଠାଇ ଦିଆଯାଇଥିଲା। ଏହି କମ୍ପାନି ଚର୍ମରେ ଥିବା ଟାଟୁକୁ ବହୁଦିନ ଧରି ସଂରକ୍ଷିତ ରଖିବା ପାଇଁ ଜଣାଯାଏ। ଏହି ପ୍ରକ୍ରିୟା ୯୦ ଦିନ ଧରି ଚାଲିଥିଲା। ଶେଷରେ କମ୍ପାନି ପକ୍ଷରୁ ଟିଜେଙ୍କ ଟାଟୁଟିକୁ କାଠ ଓ କାଚ ଯୁକ୍ତ ଫ୍ରେମରେ ବନ୍ଦ କରି ପଠାଯାଇଥିଲା। ଏହି ଫ୍ରେମ୍ ଦେଖି ଏଞ୍ଜେଲିକା ଭାବବିହ୍ୱଳ ହୋଇଯାଇଥିଲେ। ଯେତେବେଳେ ସେ ଏହି ଟାଟୁକୁ ହାତରେ ନେଇଥିଲେ କିଛି ହଜିଗଲା ଜିନିଷ ହଠାତ୍ ଫେରି ଆସିଲା ପରି ତାଙ୍କୁ ଲାଗିଥିଲା। ଏନେଇ ଏଞ୍ଜେଲିକା ଏବଂ ପ୍ରେଷ୍ଟନ କୁହନ୍ତି, ଯେତେବେଳେ ସେମାନେ ଟିଜେଙ୍କୁ ମନେ ପକାନ୍ତି, ଏହି ଫ୍ରେମ୍‌କୁ ଆଲିଙ୍ଗନ କରନ୍ତି। ଅନ୍ୟପଟେ ଏଞ୍ଜେଲିକା ଏହି ଘଟଣାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ କେହି କେହି ତାଙ୍କର ପ୍ରଶଂସା କରିଥିବାବେଳେ ଆଉ କେହି କେହି ସେ ସିରିଏଲ୍ କିଲର୍‌ଙ୍କ ଭଳି କାମ କରିଥିବା କହିଛନ୍ତି।

## ନୁଡୁଲ୍ସ କଞ୍ଚା ଖାଉଥିଲେ ସାବଧାନ

ପିଲାଠୁ ବୟସ୍କ ସମସ୍ତଙ୍କ ପାଇଁ ଏବେ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସ ପ୍ରିୟ ଖାଦ୍ୟ ପାଲଟିଛି। ଏହା କମ୍ ସମୟରେ ପ୍ରସ୍ତୁତ ହୋଇଥାଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ଶରୀର ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ନିକଟରେ ଇଜିପ୍ଟର ଜଣେ ୧୩ ବର୍ଷର ପିଲା ଜଳଖିଆରେ ତିନି ପ୍ୟାକେଟ୍ କଞ୍ଚା ନୁଡୁଲ୍ସ ଖାଇଥିଲା। ଖାଇବାର କିଛି ସମୟ ମଧ୍ୟରେ ତାର ପେଟରେ ଯନ୍ତ୍ରଣା ହୋଇ ବାନ୍ତି ହେବାରୁ ପରିବାର ଲୋକେ ପିଲାଟିକୁ ହସ୍‌ପିଟାଲକୁ ନେଇଥିଲେ। ହେଲେ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ହିଁ ପିଲାଟିର ମୃତ୍ୟୁ ହୋଇଯାଇଥିଲା। ଅଧିକ କଞ୍ଚା ନୁଡୁଲ୍ସ ଖାଇବାରୁ ପିଲାଟିର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ସାଧାରଣତଃ ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ସହଜରେ ହଜମ ହୋଇ ନ ଥାଏ। ଏହାଦ୍ୱାରା ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ବ୍ଲକ୍ ହେବା ଆଶଙ୍କା ଥାଏ। ସେହିପରି ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ସୋଡିୟମ୍ ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଦିନକରେ ୨୦୦୦ମିଲିଗ୍ରାମ୍‌ରୁ ଅଧିକ ସୋଡିୟମ୍ ଗ୍ରହଣ କରିବା ବିପଜ୍ଜନକ। ଗୋଟିଏ ପ୍ୟାକେଟ୍ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ପାଖାପାଖି ୧୮୨୯ ମିଲିଗ୍ରାମ୍ ସୋଡିୟମ୍ ଥାଏ। ଜଣେ ଏଭଳି ନୁଡୁଲ୍ସ ଦୁଇ ଚାରି ପ୍ୟାକେଟ୍ ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଅଧିକ ସୋଡିୟମ୍ ଯୋଗୁ ରକ୍ତଚାପ ଅଚାନକ ବଢ଼ିଯାଏ। କେବଳ ସେତିକି ନୁହେଁ ଏହା ହୃତ୍‌ପିଣ୍ଡ ଓ ବୃକକ୍ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ସେହିପରି ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଡିହାଇଡ୍ରେସନ୍ ସମସ୍ୟା ସୃଷ୍ଟି ହେବା ସହ ମଧୁମେହ, କର୍କଟ ଆଦି ରୋଗ ଆଶଙ୍କାକୁ ବଢ଼ାଇ ଦେଇଥାଏ। ତେଣୁ ନୁଡୁଲ୍ସକୁ କଞ୍ଚା ନ ଖାଇ ରାନ୍ଧିକି ଖାଇବା ଉଚିତ।



## ଗୁମ୍ଫାରେ ପାଠାଗାର



ଚୀନ୍‌ର ଗୁଆଙ୍ଗ୍ସି ଅଞ୍ଚଳରେ ଥିବା ମିୟାଁହୁଆ ପାଠାଗାର ଏବେ ସାରା ବିଶ୍ୱର ଆକର୍ଷଣର କେନ୍ଦ୍ର ପାଲଟିଛି। ମେ ମାସରେ ଏହି ପାଠାଗାର ଖୋଲିବା ପରେ ଚୀନ୍ ସାମାଜିକ ଗଣମାଧ୍ୟମରେ ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ଏହି ପାଠାଗାର ସମ୍ପର୍କରେ ଖାସ୍ କଥାଟି ହେଉଛି, ଏହା ଏକ ବଡ଼ ଗୁମ୍ଫା ମଧ୍ୟରେ ନିର୍ମାଣ କରାଯାଇଛି। ଏହା ପୁସ୍ତକ ପ୍ରେମୀଙ୍କ ସହ ପ୍ରକୃତି ପ୍ରେମୀଙ୍କ ମଧ୍ୟ ଧ୍ୟାନ ଆକର୍ଷଣ କରିଛି। ଏହି ଲାଇବ୍ରେରୀ ଏକ ପାହାଡ଼ ଚଟାଣ ମଧ୍ୟରେ ନିର୍ମାଣ କରାଯାଇଥିବାବେଳେ, ଏହାର ଚତୁଃପାର୍ଶ୍ୱରେ ସବୁଜିମା ଭରି ରହିଛି। ଦୂରରୁ ଦେଖିଲେ ଏହା ଏଆଇ ଦ୍ୱାରା ନିର୍ମିତ ଏକ ସ୍ଥାନ ପରି ମନେ ହୁଏ। ଏହି ପାଠାଗାରକୁ ଚାଲି ଚାଲି ଯିବାକୁ ହୋଇଥାଏ। ସେହିପରି ପାଠାଗାରକୁ ଯିବା ନିମନ୍ତେ ଉଦ୍ଦିଷ୍ଟ କାଠ ନିର୍ମିତ ରାସ୍ତା ଓ ଝୁଲନ୍ତା ବାଲକୋନୀ ସଭିଙ୍କ ମନ ଜିଣିଥାଏ। ଗୁମ୍ଫା ମଧ୍ୟରେ ଲୋକଙ୍କ ପଢ଼ିବା ପାଇଁ ହଜାର ହଜାର ସଂଖ୍ୟକ ବହିକୁ ସଜାଇ ରଖାଯାଇଛି। ଏଠାରେ ଲୋକେ ବହି ପଢ଼ିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି। ଏହି ସ୍ଥାନ ଉଭୟ ପୁସ୍ତକପ୍ରେମୀ ଓ ପ୍ରକୃତିପ୍ରେମୀଙ୍କ ପାଇଁ ସ୍ୱର୍ଗ ଭାବେ ଜଣାଯାଏ। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପାଇପାରନ୍ତି। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ରହିବ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ମାନ ସମ୍ମାନ ବୃଦ୍ଧି ପାଇବ।

**କର୍କଟ:** ପରିବାର ସହିତ ହସଖୁସିର ସମୟ ବିତାଇବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ମିଳିବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ। ଦାନ ଧର୍ମ କରନ୍ତୁ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

# ହାତଗୋଡ଼ ବାନ୍ଧି ହତ୍ୟା କରି ଫିଙ୍ଗିଦେଲା

ରାମଚନ୍ଦ୍ରପୁର, ୧୦।୯(ସମିସ): ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ। ସ୍ୱାମୀଙ୍କଠାରୁ ଅଧିକ ବିଶ୍ୱାସ କରିଥିଲେ, ସେ ହିଁ ବଇରୀ ସାଜିଲା। ହତ୍ୟା କରି ହାତଗୋଡ଼ ବାନ୍ଧି ବୁଦାମୂଳକୁ ଫିଙ୍ଗିଦେଲା। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଆଜି ଏପରି ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିବା ସହ ଅଭିଯୁକ୍ତକୁ ଧରିଛି। ମୃତ ମହିଳା ହେଲେ, ଅଳତି




## ଅଭିଯୁକ୍ତ ଅଟକ, ପୁଲିସ ତନାଘନା ଜାରି

ପଞ୍ଚାୟତ ଜନାର୍ଦ୍ଦନପୁର-ପାଟଣା ଗାଁର ବୁଲୁ ଦାସଙ୍କ ପତ୍ନୀ ସୁକାନ୍ତି ଦାସ (୫୦)। ଆଜି ଗାଁ ନିକଟ ଏକ ପରିତ୍ୟକ୍ତ ନାଳ ନିକଟ ବେଣାବୁଦା ମୂଳରୁ ପୁଲିସ ତାଙ୍କ ହାତଗୋଡ଼ବନ୍ଧା ଗଳିତ ଶବ ଜବତ କରିଛି। ସେ ୪ ଦିନ ହେଲା ନିଖୋଜ ଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ କୃପାସିନ୍ଧୁ ଦାସ(୫୨)କୁ ଅଟକ ରଖି ପଚରାଉଚରା କରୁଛି। ଆସନ୍ତାକାଲି ତାକୁ ଘଟଣାସ୍ଥଳକୁ ନେଇ ସିନ୍-ରିକ୍ରିଏସନ୍ କରାଇବା ପରେ କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

ସୂଚନାନୁସାରେ, ସୁକାନ୍ତୀଙ୍କ ସହ କୃପାସିନ୍ଧୁର ପ୍ରେମସଂପର୍କ ଥିଲା। କିନ୍ତୁ କୌଣସି କଥାକୁ ନେଇ ଦୁହିଁଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏପରିକି, ସୁକାନ୍ତୀ ମାସେ ତଳେ କୃପାସିନ୍ଧୁ ବିରୋଧରେ ଥାନାରେ ଏତଲା ଦେବାରୁ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୭ ଦିନ ତଳେ ସେ ଜାମିନରେ ଆସିଥିଲା। ତେବେ ଗତ ରବିବାର ରାତିରୁ ହଠାତ୍ ସୁକାନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ପରିବାରଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ତେବେ ଗାଁ ନାଳ ନିକଟରେ ଏକ କୋଦାଳ ପଡ଼ିଥିବା ଦେଖି ପରିବାରଲୋକଙ୍କ ସନ୍ଦେହ ହେବାରୁ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ସରଜମିନ ତଦନ୍ତ କରିଥିଲା। କିନ୍ତୁ ମହିଳାଙ୍କ ସମ୍ପର୍କରେ କିଛି ସୁରାକ୍ ମିଳିପାରିନଥିଲା। ଆଜି ଗାଁ ନିକଟ ସେହି ନାଳ କୂଳରେ ଥିବା ବେଣାବୁଦା ମୂଳରୁ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି କରିବାରୁ ସୁକାନ୍ତୀଙ୍କ ଗଳିତ ମୃତଦେହ ଠାବ କରାଯାଇଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମହିଳାଙ୍କ ହାତଗୋଡ଼ ବନ୍ଧା ହୋଇଥିବା ଦେଖିଥିଲା।

# ସ୍ତ୍ରୀ ଓ ପ୍ରେମିକକୁ ଅର୍ଦ୍ଧଉଲଗ୍ନ କରି ରାସ୍ତାରେ ଚଲାଇଲେ

**ପରକୀୟା ପ୍ରୀତି ସନ୍ଦେହ**

ନିମାପଡ଼ା, ୧୦।୯(ସମିସ): ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀ ଓ ପ୍ରେମିକକୁ ନିର୍ଘୁମ୍ ମାଡ଼ ମାରିବା ସହ ଅର୍ଦ୍ଧ ଉଲଗ୍ନ କରି ଗାଁ ଦାଣ୍ଡରେ ଚଲାଇଲା ସ୍ୱାମୀ। ମଙ୍ଗଳବାର ରାତିରେ ନିମାପଡ଼ା ଏନ୍ଏସି ଅଞ୍ଚଳରେ ଘଟିଥିବା ଏଭଳି ଏକ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏହାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅପରପକ୍ଷେ, ଏହି ଘଟଣାରେ ଆଜି ନିମାପଡ଼ା ପୁଲିସ ଅଭିଯୁକ୍ତ ସ୍ୱାମୀ ଓ ତାଙ୍କର ଜଣେ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଅଭିଯୁକ୍ତ ସ୍ୱାମୀ କାକଟପୁର ଥାନା ଅଞ୍ଚଳର ଗିରିଧାରୀ ଖଟୁଆ ଓ ସହଯୋଗୀ ସୁବ୍ରତ ପଡ଼ିଆରୀ। ଗିରିଧାରୀ ଜଗତସିଂହପୁର ନାଉଗାଁ ଅଞ୍ଚଳର ଏକ ଘରୋଇ କଲେଜରେ ଅଧ୍ୟାପକ ଅଛନ୍ତି। ଆଜି ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ଗିରିଧାରୀଙ୍କ ପତ୍ନୀ ନିଆଳି ବ୍ଲକର ଏକ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ସେ ନିମାପଡ଼ା ଅମଲାପଡ଼ାଠାରେ ଭଡ଼ାଘର ନେଇ ରହୁଛନ୍ତି। ଗତ ରାତିରେ ସହଯୋଗୀ ସୁବ୍ରତଙ୍କ ସହ ସେ ପତ୍ନୀଙ୍କ ଭଡ଼ାଘରକୁ ଆସିଥିଲେ। ଏହି ସମୟରେ ତାଙ୍କ ଘରେ ଜଣେ ସ୍ଥାନୀୟ ଶିକ୍ଷକ ନେତା ଉପସ୍ଥିତ ଥିବାରୁ ଏ ସଂପର୍କରେ ସେ ପତ୍ନୀଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ, ଦୁହିଁଙ୍କ ମଧ୍ୟରେ ଅବୈଧ ସଂପର୍କ ଥିବା ଅଭିଯୋଗ କରି ଗିରିଧାରୀ ନିଜ ପତ୍ନୀ ଓ ଉକ୍ତ ଶିକ୍ଷକ ନେତାଙ୍କୁ ମାଡ଼ ମାରିଥିଲେ। ଏଥିରେ ସୁବ୍ରତ ବି ତାଙ୍କୁ ସହଯୋଗ କରିଥିଲେ। ପରେ ସେମାନେ ଦୁହିଁଙ୍କୁ ଅର୍ଦ୍ଧଉଲଗ୍ନ କରିବା ସହ ମାଡ଼ମାରି, ବେକରେ ଫୁଲମାଳ ପକାଇ, ହାତବାନ୍ଧି ରାସ୍ତାରେ ଚଲାଇ ଚଲାଇ ଥାନା ପର୍ଯ୍ୟନ୍ତ ନେଇଥିଲେ।



ସ୍ୱାମୀ ଓ ସହଯୋଗୀ ଗିରଫ

ଅପରପକ୍ଷେ, ସମ୍ପୃକ୍ତ ଶିକ୍ଷୟିତ୍ରୀଜଣଙ୍କ ତାଙ୍କ ସ୍ୱାମୀଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଘରେ ଏକୁଟିଆ ଥିବା ବେଳେ ହଠାତ୍ ତାଙ୍କ ସ୍ୱାମୀ ଗିରିଧାରୀ ଓ ଶିକ୍ଷକଜଣଙ୍କ ଘରକୁ ଆସିଥିଲେ। ଶିକ୍ଷକଜଣଙ୍କ ଘର ଭିତରକୁ ପଶିବା କ୍ଷଣି ସ୍ୱାମୀ ଓ ତାଙ୍କ ସହ ଆସିଥିବା ଅନ୍ୟ ଜଣେ ସହଯୋଗୀ ସୁବ୍ରତ ପଡ଼ିଆରୀ ମିଶି ପତ୍ନୀ ଓ ଶିକ୍ଷକଜଣଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଉଲଗ୍ନ କରି ହାତବାନ୍ଧି ରାସ୍ତାରେ ଚଲାଇଚଲାଇ ଥାନା ପର୍ଯ୍ୟନ୍ତ ନେଇଥିଲେ। ପତ୍ନୀଙ୍କ ଅଭିଯୋଗକ୍ରମେ ପୁଲିସ ସ୍ୱାମୀ ଗିରିଧାରୀ ଓ ତାଙ୍କ ସହଯୋଗୀ ସୁବ୍ରତଙ୍କ ବିରୋଧରେ ଏକ ମାମଲା ରୁଜୁ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରିଛି।

# ଚଳିତ ମାସରେ ନୂଆ ଅବକାରୀ ନୀତି

ଭୁବନେଶ୍ୱର, ୧୦।୯(ସମିସ): ଚଳିତ ମାସରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବେ। ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଏ ସଂପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ଅବକାରୀ ନୀତି କାର୍ଯ୍ୟକାରୀ କରିବା ପାଇଁ ସରକାର ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦିନେ ଦୁଇଦିନ ଭିତରେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହେବ। ଦଶହରା ପୂର୍ବରୁ ନୂଆ ନୀତି ପ୍ରଣୟନ ପ୍ରକ୍ରିୟା ସରିବ। ଇତିମଧ୍ୟରେ ଅବକାରୀ ବିଭାଗର ପ୍ରତିନିଧି ଦଳ ଦୁଇ ରାଜ୍ୟକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ସେଠାରେ ପ୍ରଚଳିତ ଅବକାରୀ ନୀତି ଶ୍ରେଷ୍ଠ ଦିଗକୁ ପ୍ରତିନିଧିଦଳ ଅନୁଧ୍ୟାନ କରିଥିବା ବେଳେ ତାହା ନୂଆ ନୀତିରେ ବିନିଯୋଗ କରାଯାଇଛି। ନୂଆନୀତିରେ ଚୋରା ମାଦକଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଯିବ।

ସେହିପରି ବର୍ତ୍ତମାନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଚଢ଼ଉ ଜୋରଦାର କରାଯାଇଛି। ଯେଉଁମାନେ ଚୋରା କାରବାରରେ ସଂପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଆସନ୍ତା ଅକ୍ଟୋବର ୨ତାରିଖ ଅର୍ଥାତ୍ ଗାନ୍ଧୀଜୟନ୍ତୀରୁ ରାଜ୍ୟ ସରକାର ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବେ। ମାସେ ବ୍ୟାପୀ 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ବିଇଓଙ୍କୁ ମିଳିବ ସରକାରୀ ଗାଡ଼ି

ଭୁବନେଶ୍ୱର, ୧୦।୯(ସମିସ): ବିଦ୍ୟାଳୟ ଶିକ୍ଷାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଦକ୍ଷେପ ନେଇଛି। ତୃଣମୂଳସ୍ତରରେ ପାଠପଢ଼ା ସହ ମଧ୍ୟାହ୍ନ ଭୋଜନକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଏଣିକି ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ବିଦ୍ୟାଳୟ ବୁଲିବେ। ଶିକ୍ଷାଦାନ ସାଙ୍ଗକୁ ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଇଓଙ୍କୁ ସ୍ୱତନ୍ତ୍ର ଗାଡ଼ି ପ୍ରଦାନ କରାଯିବ। ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କୁ ଲେଖାଯାଇଥିବା ଚିଠିରେ ଦର୍ଶାଇଛି ଯେ ବିଇଓମାନଙ୍କୁ ଗାଡ଼ି ଯୋଗାଇବାକୁ ସରକାର ଆବଶ୍ୟକ ମନେ କରୁଛନ୍ତି। ଏଣୁ କେତେ ସଂଖ୍ୟାରେ ଗାଡ଼ି ଆବଶ୍ୟକ ତା'ର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଫଳରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ତଦାରଖ କରାଯିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ।

**ସିଂହଦ୍ୱାରରେ ଅଭାବନୀୟ ଦୃଶ୍ୟ**

# ଚପଲ ପିନ୍ଧି ଶ୍ରୀମନ୍ଦିରକୁ ପଶିବାକୁ ଯୁବକଙ୍କ ଜିଦ୍

ପୁରୀ, ୧୦।୯ (ସମିସ): ଶ୍ରୀମନ୍ଦିର ସିଂହଦ୍ୱାରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପ୍ରବେଶ କରିବା ପାଇଁ ଜଣେ ଯୁବକ ଉଦ୍ୟମ କରିଛନ୍ତି। ସୂଚନାନୁଯାୟୀ, ଯୁବକଜଣଙ୍କ ହାତରେ ଏକ ବାଡ଼ି ଧରି ବାଇକ୍‌ରେ ଆସିଥିଲେ। ରାଧାବଲ୍ଲଭ ମଠ ବାହାରେ ଦୁଇ ଚକିଆ ଯାନ ପାର୍କିଂ କରିଥିଲେ। ଭୋର୍ ସମୟରେ ଭକ୍ତମାନଙ୍କ ପାଇଁ ସିଂହଦ୍ୱାର ଖୋଲିବା ପୂର୍ବରୁ ମନ୍ଦିର ଭିତରକୁ ଚପଲ ପିନ୍ଧି ପଶିବାକୁ ଉଦ୍ୟମ କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଜେଟିପି ତାଙ୍କୁ ଅଟକାଇବା ବେଳେ ଯୁବକଜଣଙ୍କ ଶୁଣି ନଥିଲେ। ଶେଷରେ ସୁରକ୍ଷାକର୍ମୀ ଓ ଜେଟିପି ତାଙ୍କୁ ଧରି ସିଂହଦ୍ୱାର ଥାନା ଜିମା ଦେଇଥିଲେ। ଯୁବକଜଣଙ୍କ ଢେଙ୍କାନାଳ ଗଁଦିଆ ଗ୍ରାମର ଲାଲୁ ପ୍ରସାଦ ସାହୁ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ମାନସିକ ସନ୍ତୁଳନ ଠିକ୍ ନାହିଁ। ତାଙ୍କର ଏବେ ଚିକିତ୍ସା ଚାଲିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

# ବଢ଼ିଲା ବିଡିଓ-ଯନ୍ତ୍ରୀଙ୍କ କ୍ଷମତା

## ୧୦ ଲକ୍ଷ ଯାଏ ବିଲ୍ ପାସ୍, ୨୦ ଲକ୍ଷ ଯାଏ ଅନୁମୋଦନ

**୧ କୋଟି ଯାଏ ବୈଷୟିକ ମଞ୍ଜୁରୀ ଦେଇପାରିବେ ନିର୍ବାହୀ ଯନ୍ତ୍ରୀ**

ଭୁବନେଶ୍ୱର,୧୦।୯(ସମିସ): ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ବିଡିଓଙ୍କଠାରୁ ଆରମ୍ଭ କରି ବିଭିନ୍ନ ଯନ୍ତ୍ରୀମାନଙ୍କର ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ ସୀମା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ଏହି ନିଷ୍ପତ୍ତି ପରେ ବିଡିଓମାନଙ୍କର ପଞ୍ଚାୟତ ସମିତି କାର୍ଯ୍ୟର ବିଲ ପାସ କରିବା ପାଇଁ ଆର୍ଥିକ କ୍ଷମତା ପ୍ରତି-ସ୍ୱାକ୍ଷର (କାଉଣ୍ଟର ସିଗ୍‌ନେଚର) ବିନା ୨ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସାଧାରଣ ବିକାଶମୂଳକ ଯୋଜନା ପାଇଁ(ମନରେଗା ବ୍ୟତୀତ) ପ୍ରଶାସନିକ ଅନୁମୋଦନ ଦେଇ ପାରିବେ। ସେହିପରି ବିକାଶ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତ ସମିତି ପ୍ରକଳ୍ପଗୁଡ଼ିକର ଯୋଜନା ଏବଂ ଆକଳନର ପ୍ରଶାସନିକ ଅନୁମୋଦନ ପ୍ରଦାନ କ୍ଷମତା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଛି। ସେହିପରି ସାଧାରଣ ବିକାଶମୂଳକ ଯୋଜନା(ମନରେଗା ବ୍ୟତୀତ) ପାଇଁ କନିଷ୍ଠ, ସହକାରୀ ଯନ୍ତ୍ରୀମାନେ ଏବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମଞ୍ଜୁରୀ କ୍ଷମତା ୫ ଲକ୍ଷରୁ ୨୦ ଲକ୍ଷ, ନିର୍ବାହୀ ଯନ୍ତ୍ରୀଙ୍କର ୨୦ ଲକ୍ଷରୁ ୧ କୋଟି, ଅଧୀକ୍ଷଣ ଯନ୍ତ୍ରୀ ୧ କୋଟିରୁ ୪ କୋଟି ଏବଂ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ।

ମନରେଗା ଅଧୀନରେ କନିଷ୍ଠ/ସହାୟକ ଯନ୍ତ୍ରୀ/ଗ୍ରାମ ପଞ୍ଚାୟତ ସହାୟକମାନେ ଏଣିକି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କା, ନିର୍ବାହୀ ଯନ୍ତ୍ରୀ, ଅତିରିକ୍ତ ନିର୍ବାହୀ ଅଧିକାରୀ(ବୈଷୟିକ) ମାନେ ୨୦ ଲକ୍ଷରୁ ୧ କୋଟି, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟିରୁ ୪ କୋଟି ଏବଂ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀମାନେ ୪ କୋଟି ଟଙ୍କାରୁ ଅଧିକ ଟଙ୍କାର ପ୍ରକଳ୍ପକୁ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ।

ସେହିପରି ପଞ୍ଚାୟତ ସମିତି ଅଧ୍ୟକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ୫୦ ଲକ୍ଷ ଟଙ୍କାରୁ ଅଧିକ ପ୍ରକଳ୍ପ (ମନରେଗା ବ୍ୟତୀତ) ପ୍ରଶାସନିକ ଅନୁମୋଦନ କରିପାରିବେ। ମନରେଗା ଯୋଜନା ଅଧୀନରେ ବିଡିଓ ୨୦ ଲକ୍ଷଟଙ୍କା, ପଞ୍ଚାୟତ ସମିତି ଅଧ୍ୟକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷଟଙ୍କା ଏବଂ ଜିଲ୍ଲାପାଳ ୫୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଅନୁମୋଦନ କରିପାରିବେ ବୋଲି ନିଷ୍ପତ୍ତି ନିଆଯାଇଛି।

**■ ଛେଣ୍ଡିପଦାରେ ଲଜ୍ଜା**

# ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ

ଛେଣ୍ଡିପଦା,୧୦।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦାରେ ପୁଣି ଲଜ୍ଜା। ଜଣେ ମୂକବଧିର ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଛେଣ୍ଡିପଦା ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତ ବୃଦ୍ଧଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଯୁବତୀ ଜଣକ ମୂକବଧିର ହୋଇଥିବାରୁ ତାଙ୍କ ଭାଷା ବୁଝି ପାରୁଥିବା ଜଣେ ଏକ୍ସପର୍ଟଙ୍କ ଦ୍ୱାରା ତାଙ୍କ ବୟାନ ରେକର୍ଡ କରିବା ସହ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଯୁବତୀ ଜଣକ ଛେଣ୍ଡିପଦା ଥାନା ଅଞ୍ଚଳରେ ଜଣେ ସମ୍ପର୍କୀୟଙ୍କ ଘରେ ରୁହନ୍ତି। ଛେଳି ଚରାଇବାକୁ ଯାଇଥିବା ବେଳେ ଏକୁଟିଆ ପାଇ ଜଣେ ବୃଦ୍ଧ ତାଙ୍କୁ ଦୁଷ୍କର୍ମ କରିଥିଲେ। ପୀଡ଼ିତା ଜଣକ ଏବେ ୮ ମାସର ଗର୍ଭବତୀ ହେବା ପରେ ଘଟଣା ଲୋକଲୋଚନକୁ ଆସିଛି।

# ପୁଣି ଶିଥିଳ ପଡ଼ିଲା ମନ୍ତ୍ରିମଣ୍ଡଳ ପୁନର୍ଗଠନ ଚର୍ଚ୍ଚା

## ଠିକ୍ ସମୟରେ ନିଆଯିବ ନିଷ୍ପତ୍ତି: ମନମୋହନ

ଭୁବନେଶ୍ୱର,୧୦।୯(ସମିସ): ରାଜ୍ୟରେ ମନ୍ତ୍ରିମଣ୍ଡଳ ପୁନର୍ଗଠନକୁ ନେଇ ଚାଲିଥିବା ଚର୍ଚ୍ଚା ପୁଣିଥରେ ଶିଥିଳ ପଡ଼ିଛି। ଗତ କିଛିମାସ ହେଲା ଏକାଧିକବାର ଉଭୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଏକ ସମୟରେ ଦିଲ୍ଲୀ ଗସ୍ତ ମନ୍ତ୍ରୀ ଆଶାୟୀଙ୍କ ମନରେ ସୃଷ୍ଟି କରିଥିବା ଆଶା ମଉଳି ଯାଇଛି। ପ୍ରାୟ ସପ୍ତାହେ ଧରି ଉତ୍ସାହିତ ଥିବା ମନ୍ତ୍ରୀ ଆଶାୟୀଙ୍କ ଆଶାରେ ପାଣି ଢାଳି ଦେଇଛନ୍ତି ରାଜ୍ୟ ବିଜେପି ସଭାପତି। ବୁଧବାର ଦିଲ୍ଲୀରୁ ଫେରିବା ପରେ ଶ୍ରୀ ସାମଲ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଠିକ୍ ସମୟରେ ହେବ ବୋଲି ଦେଇଥିବା ମନ୍ତବ୍ୟ ଅନେକଙ୍କୁ ନିରାଶ କରିଛି।

ମନମୋହନ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ନେଇ କୌଣସି ଆଲୋଚନା ହୋଇନାହିଁ। ଏନେଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ।

**ନିଗମ ଓ ବୋର୍ଡରେ ନିଯୁକ୍ତି ଆଶାୟୀଙ୍କ ଅସନ୍ତୋଷ ବଢୁଛି**

**ବିଳମ୍ବିତ ନିଷ୍ପତ୍ତି ଯୋଗୁଁ ଉନ୍ନୟନ କାମ ବାଧାପ୍ରାପ୍ତ**

ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋର୍ଡରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ମନରେ ମଧ୍ୟ ଅସନ୍ତୋଷ ସୃଷ୍ଟି କରିଛି। ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋର୍ଡ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି । ଦିନକ ପରେ ସରକାରକୁ ପୂରିବ ୧୫ ମାସ। ମାତ୍ର ମନ୍ତ୍ରୀ ପରିଷଦରେ ଆବଶ୍ୟକ ଥିବା ଆଉ ୬ ମନ୍ତ୍ରୀ ପଦ ସହ ନିଗମ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବାରୁ ବିକାଶମୂଳକ କାମ ଅଟକି ରହିଛି। ଏସବୁ ପଦବୀ ପୂରଣରେ ଅହେତୁକ ବିଳମ୍ବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି। ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତାମାନେ ସରକାର ଓ ସଂଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

**■ ୪ କୋଟିର ସାଇବର୍ ଠକେଇ**

# ଅଭିଯୁକ୍ତଙ୍କୁ ଉଠାଇନେଲା ପଶ୍ଚିମବଙ୍ଗ ପୁଲିସ

ଭୁବନେଶ୍ୱର,୧୦।୯(ସମିସ): ପଶ୍ଚିମବଙ୍ଗରେ ଠକେଇ କରି ଓଡ଼ିଶାରେ ଆତ୍ମଗୋପନ କରିଥିବା ଏକ ଠକକୁ ଉଠାଇନେଇଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରିହର ମହାପାତ୍ର। ମିଳିଥିବା ସୂଚନା ଅନୁସାରେ, ହରିହର ଟ୍ରେଡିଂ କରିବା ପାଇଁ ବିଭିନ୍ନ ଲୋକଙ୍କୁ ପ୍ରବର୍ତ୍ତାଇଥିଲା। ଏକ ନିର୍ଦ୍ଦିଷ୍ଟ ଆପ୍ ମାଧ୍ୟମରେ ନିବେଶ କରିଲେ ଭଲ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକମାନେ ସେହି ଆପରେ ଟଙ୍କା ବିନିଯୋଗ କରିଥିଲେ। ହେଲେ ଲାଭ କଥା ଦୂରରେ ଥାଉ, ମୂଳ ମଧ୍ୟ ମିଳିନଥିଲା। ଏହିପରି ଉପାୟରେ ହରିହର ପ୍ରାୟ ୪ କୋଟି ଟଙ୍କା ଠକି ନେଇଥିଲା। ଏନେଇ ପଶ୍ଚିମବଙ୍ଗର ପ୍ରଗତି ମଇଦାନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମାମଲା ରୁଜୁ ହେବାପରେ ହରିହର ପଶ୍ଚିମବଙ୍ଗ ଛାଡ଼ି ଓଡ଼ିଶା ପଳାଇ ଆସିଥିଲା। ଦୁଇ ଦିନ ପୂର୍ବେ ଖଣ୍ଡଗିରି ଥାନା ଅଧିନସ୍ଥ ଏକ ତାରକା ହୋଟେଲରେ ଆସି ଆତ୍ମଗୋପନ କରିଥିଲା। ହରିହରକୁ ଧରିବାକୁ ପଶ୍ଚିମବଙ୍ଗ ପୁଲିସ କାଲିଠାରୁ ଭୁବନେଶ୍ୱରରେ ଡେରା ପକାଇଥିଲା। ଫୋନ୍ ଟ୍ରାକିଂ ଜରିଆରେ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ ତାରକା ହୋଟେଲରେ ଥିବା ଜାଣିବାକୁ ପାଇଥିଲା। ବୁଧବାର ଭୋରରୁ ଖଣ୍ଡଗିରି ଥାନା ପୁଲିସ ସହାୟତାରେ ଉକ୍ତ ତାରକା ହୋଟେଲରେ ଚଢ଼ଉ କରିଥିଲା। ସେଠାରୁ ହରିହରକୁ ଗିରଫ କରି ପଶ୍ଚିମବଙ୍ଗ ନେଇଛି।

**ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ**

# ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୯(ସମିସ): ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା। ଆତ୍ମହତ୍ୟା ନିବାରଣ ପାଇଁ ରାଜ୍ୟ ସରକାର ରାଜ୍ୟବ୍ୟାପୀ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସରେ ଆସନ୍ତୁ ସଂକଳ୍ପ ନେବା- ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଏପରି ପୋଷ୍ଟ କରି ଆତ୍ମହତ୍ୟାର ନିବାରଣ ପାଇଁ ବ୍ୟାପକ ସାମାଜିକ ସଚେତନତା ସୃଷ୍ଟି କରିବା ଦିଗରେ ସମସ୍ତେ କାମ କରିବାକୁ ଆହ୍ୱାନ ଦେଇଛନ୍ତି।



ଉକ୍ତ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱନିୟନ୍ତାଙ୍କ ପ୍ରଦତ୍ତ ଜୀବନ ହେଉଛି ଅମୂଲ୍ୟ। ଜୀବନରେ ଏମିତି କିଛି ସମସ୍ୟା ନାହିଁ, ଯାହାର କୌଣସି ସମାଧାନ ନାହିଁ। ଆପଣ ସମ୍ମୁଖୀନ ହେଉଥିବା ସମସ୍ତ ଛୋଟବଡ଼ ସମସ୍ୟାର ସମାଧାନ କରିବା ପାଇଁ ସରକାର ସବୁବେଳେ ଆପଣଙ୍କ ସହ ଛିଡ଼ା ହୋଇଛନ୍ତି। ଯଦି ବ୍ୟକ୍ତିଗତ ସ୍ତରରେ କେହି ବ୍ଲାକମେଲ କିମ୍ବା ହାରାସମେଣ୍ଟ କରୁଛନ୍ତି, ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାନ୍ତୁ। ସରକାରଙ୍କ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜିର 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ' କେବଳ ଅନ୍ୟ ଦିବସ ପାଳନ କରିବା ପରି ଔପଚାରିକତାରେ ସୀମାବଦ୍ଧ ହେଇ ନରହୁ। ଆତ୍ମହତ୍ୟା ସମାଧାନ ନୁହେଁ। ଏହା ପରିବାରକୁ ସବୁଦିନ ପାଇଁ ଅକଥନୀୟ ଦୁଃଖଦୁର୍ଦ୍ଦଶା ଦେଇଥାଏ। ଆଜିର ଦିନରେ ଆଉ ଥରେ ସଂକଳ୍ପ ନେବା ଜୀବନକୁ ହର୍ଷ ଓ ଉଲ୍ଲାସର ସହ ଉପଭୋଗ କରିବା ଏବଂ ସବୁ ସମସ୍ୟାକୁ ପରିବାର ତଥା ସରକାରଙ୍କ ସହଯୋଗରେ ସମାଧାନ କରି ଆଗକୁ ବଢ଼ିବା ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

**ଲା-ନିନା ସକ୍ରିୟ**

# ବଢୁଛି ବାତ୍ୟା ଭୟ

ଭୁବନେଶ୍ୱର, ୧୦।୯ (ସମିସ): ଆଉ ଦିନ କେଇଟା ପରେ ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସାରଣ ଆରମ୍ଭ ହେବ। ଏହି ସମୟରେ କିଛି କାରକ ଚଳିତ ବର୍ଷ ବାତ୍ୟା ଆଶଙ୍କା ସହ ବାତ୍ୟା ବାତାବରଣକୁ ଅନୁକୂଳ କରିଛି। ନେଗେଟିଭ୍ ଆଇଓଡି ଓ ଲା-ନିନା ସକ୍ରିୟ ରହିଲେ ବାତ୍ୟା ସୃଷ୍ଟି ନିମନ୍ତେ ପରିବେଶକୁ ଅନୁକୂଳ କରିଥାଏ। ସାମୁଦ୍ରିକ ତାପମାତ୍ରା ୨୬.୫ ଡିଗ୍ରୀରୁ ଅଧିକ ରହିଲେ ଏହା ମଧ୍ୟ ବାତ୍ୟା ସୃଷ୍ଟି ସାଙ୍ଗକୁ ବାତ୍ୟାକୁ ଅଧିକ ଘନୀଭୂତ କରାଏ। ଚଳିତ ବର୍ଷ ଏହି ସବୁ ସ୍ଥିତି ଅନୁକୂଳ ରହୁଥିବାରୁ ବାତ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଦୃଢ଼ୀଭୂତ କରିଛି। ବିଶ୍ୱ ପାଣିପାଗ ସଂସ୍ଥା ସହ ଅନେକ ପାଣିପାଗ ବିଜ୍ଞାନୀ ଭାରତର ପୂର୍ବ ଉପକୂଳ ଓ ବିଶେଷ କରି ଆନ୍ଧ୍ରରୁ ପଶ୍ଚିମବଙ୍ଗ ଅଞ୍ଚଳ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଯାହା ଓଡ଼ିଶା ପାଇଁ ଚିନ୍ତା ବଢ଼ାଇଛି ଓ ଅକ୍ଟୋବର ୧ରୁ ବାତ୍ୟା ଋତୁ ଓଡ଼ିଶା ପାଇଁ ବିପଦ ଆଣିପାରେ ବୋଲି କୁହାଯାଉଛି ।

ସାଧାରଣତଃ ଜଳବାୟୁ ପ୍ରକ୍ରିୟା ଲା-ନିନା ପରିସ୍ଥିତି ସଂଘଠିତ ହେଲେ ବଙ୍ଗୋପସାଗରରେ ସାମୁଦ୍ରିକ ଝଡ଼ ବା ବାତ୍ୟାକୁ ବଳ ଯୋଗାଇଥାଏ ଓ ଏହାର ତୀବ୍ରତାକୁ ବୃଦ୍ଧିରେ ସହାୟକ ହୋଇଥାଏ। ଜଳବାୟୁ ପ୍ରକ୍ରିୟା ଲା-ନିନା ପ୍ରଭାବରେ ଉଚ୍ଚ

**ପୂର୍ବରୁ ଲା-ନିନା ଆଣିଛି ଏକାଧିକ ବଡ଼ ବାତ୍ୟା**

**ଅକ୍ଟୋବରରୁ ଡିସେମ୍ବର ସ୍ଥିତି ସମ୍ବେଦନଶୀଳ**

ସାମୁଦ୍ରିକ ପୃଷ୍ଠ ତାପମାତ୍ରାର ଉପସ୍ଥିତି ହେତୁ ପଶ୍ଚିମ ପ୍ରଶାନ୍ତ ମହାସାଗର ତଥା ଚାଇନା ସାଗର ଅଞ୍ଚଳରେ ସୃଷ୍ଟି ହେଉଥିବା ବାତ୍ୟାଗୁଡିକର ଅବଶିଷ୍ଟାଂଶ ବଙ୍ଗୋପସାଗରରେ ପ୍ରବେଶ କରିଥାଏ। ଏହା ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁକୁ ସକ୍ରିୟ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଥାଏ। ବିଶେଷ କରି ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ବଙ୍ଗୋପସାଗର ଅଞ୍ଚଳକୁ ପ୍ରବେଶ କରୁଥିବା ଅବଶିଷ୍ଟାଂଶ ଗୁଡ଼ିକ ମୁଖ୍ୟତଃ ଆଣ୍ଡାମାନ ସାଗର ଅଞ୍ଚଳରେ ପ୍ରବେଶ କରିଥାଏ। ଯେହେତୁ ଏହା ଏକ ଦ୍ୱୀପାଞ୍ଚଳ, ତେଣୁ ଏଠାରେ ତାପମାତ୍ରା ୩୦ ଡିଗ୍ରୀ କିମ୍ବା ଅଧିକ ରହିଥାଏ ଓ ବାତ୍ୟା ଏଠାରେ ମାଡ଼ ହେବା ପରେ ସାମୁଦ୍ରିକ ଆଭ୍ୟନ୍ତରୀଣ ତରଙ୍ଗ ସୃଷ୍ଟି କରିବା ସହ ଅଧିକ ଶକ୍ତିଶାଳୀ ହୋଇ ଆଗକୁ ବଢ଼ିଥାଏ।

ବିଶେଷକରି ଅକ୍ଟୋବରରୁ ଡିସେମ୍ବର ମାସ ମଧ୍ୟରେ ଉଚ୍ଚ ଆର୍ଦ୍ରତା, ବାୟୁପ୍ରବାହ ତାରତମ୍ୟ ଓ ଉଚ୍ଚ ସମୁଦ୍ରପୃଷ୍ଠ ତାପମାତ୍ରା ଆଦି ଯୋଗୁଁ ବାତ୍ୟାଗୁଡ଼ିକ ଶକ୍ତିଶାଳୀ ହୋଇଥାଏ। ଏହା ସହିତ ପ୍ରବଳ ବର୍ଷା ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ପୂର୍ବରୁ ଲା-ନିନା ପ୍ରଭାବ ଯୋଗୁଁ ଓଡ଼ିଶା ୧୯୯୯ରେ ସୁପର ସାଇକ୍ଲୋନ ସମ୍ମୁଖୀନ ହୋଇଥିଲା। ସେହିପରି ୨୦୦୯ ଅଇଲା, ୨୦୧୮ ତିତିଲି, ୨୦୨୧ରେ ଗୁଲାବ ଏବଂ ଜୱାଦ, ୨୦୨୨ର ଅସାନି ଭଳି ବାତ୍ୟା ଲା-ନିନା ସକ୍ରିୟ ରହିଥିବା ବର୍ଷରେ ସୃଷ୍ଟି ହୋଇଛି। ସେହିପରି ପ୍ରାକ୍ ମୌସୁମୀ ଋତୁରେ ଆସିଥିବା ବାତ୍ୟାଗୁଡ଼ିକ ମଧ୍ୟରୁ ୨୦୧୯ ରେ ଆସିଥିବା ଫନି, ୨୦୨୦ରେ ଅମ୍ପନ, ୨୦୨୧ର ୟସ ଭଳି ବାତ୍ୟା ମଧ୍ୟ ଲା-ନିନା ବର୍ଷରେ ସୃଷ୍ଟି ହୋଇଛି ଓ ଏହାଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ଗତ ୬୦ ବର୍ଷ ମଧ୍ୟରେ ବଙ୍ଗୋପସାଗର ଓ ଆରବ ସାଗରରେ ବାତ୍ୟା ସଂଖ୍ୟା ବଢ଼ି ଚାଲୁଥିବା ନେଇ ବିଭିନ୍ନ ରିପୋର୍ଟରେ ଦର୍ଶାଯାଇଛି। ଏହି ବାତ୍ୟାଗୁଡ଼ିକ ଉଭୟ ମୌସୁମୀ ପୂର୍ବବର୍ତ୍ତିକାଳୀନ ଓ ପରବର୍ତ୍ତିକାଳୀନ ସମୟରେ ସୃଷ୍ଟି ହେଉଛି। ସେହିପରି ଭୀଷଣ ବାତ୍ୟା କିମ୍ବା ଏହାଠାରୁ ଅଧିକ ଶକ୍ତିଶାଳୀ ହେଉଥିବା ବାତ୍ୟାଗୁଡ଼ିକ ସଂଖ୍ୟା ମୌସୁମୀ ପରବର୍ତ୍ତୀକାଳନୀ ସମୟରେ ବଙ୍ଗୋପସାଗରରେ ବୃଦ୍ଧି ପାଇଛି। ଏ ଦୃଷ୍ଟିରୁ ଆଗାମୀ ଅକ୍ଟୋବର ମାସରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ରାଜ୍ୟ ପାଇଁ ଏକ ସମ୍ବେଦନଶୀଳ ସମୟ ସୃଷ୍ଟି ପାଇଁ ଯାଉଥିବା ଆଶଙ୍କା ରହିଛି।

# ସୋଆ ଯୁବ ସାହିତ୍ୟ ପୁରସ୍କାର-୨୦୨୫ ପାଇଁ ପୁସ୍ତକ ଆମନ୍ତ୍ରଣ

ଭୁବନେଶ୍ୱର,୧୦।୯(ସମିସ): ଓଡ଼ିଆ ସାହିତ୍ୟର ପ୍ରତିଶ୍ରୁତି ସମ୍ପନ୍ନ ଯୁବ ସାହିତ୍ୟିକଙ୍କୁ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଚଳିତବର୍ଷରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) 'ସୋଆ ଯୁବ ସାହିତ୍ୟ ପୁରସ୍କାର' ପ୍ରଦାନ ନିମନ୍ତେ ସିଦ୍ଧାନ୍ତ ନେଇଛି। ୪୦ ବର୍ଷ ବୟସ ସୀମା ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିଥିବା ଲେଖକ ଲେଖିକାଙ୍କର କବିତା, କଥା ସାହିତ୍ୟ, ନାଟକ ଓ ସାହିତ୍ୟ ସମାଲୋଚନା ଭଳି ସାହିତ୍ୟର ବିଭିନ୍ନ ବିଭାଗରେ ରଚିତ ସ୍ୱତନ୍ତ୍ର ସୃଜନଶୀଳ କାର୍ଯ୍ୟକୁ ସମ୍ମାନିତ କରାଯିବ। ଏହି ପୁରସ୍କାର ସ୍ୱରୂପ ଏକ ଲକ୍ଷ ଟଙ୍କାର ଅର୍ଥ ରାଶି, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯିବ। ଏଥିପାଇଁ ଗତ ୫ବର୍ଷ (୨୦୨୦ ଠାରୁ ୨୦୨୪) ମଧ୍ୟରେ ପ୍ରକାଶିତ ମୌଳିକ ଏବଂ ଶ୍ରେଷ୍ଠ ପୁସ୍ତକକୁ ବିଚାରକୁ ନିଆଯିବ। ଜାନୁଆରୀ ୧, ୨୦୨୫ ସୁଦ୍ଧା ଯେଉଁମାନଙ୍କ ବୟସ ୪୦ ବର୍ଷ ବା ତା' ଠାରୁ କମ୍ ସେମାନେ ଆବେଦନ କରିପାରିବେ। ସ୍ୱୟଂ ଲେଖକ ବା ପ୍ରକାଶକ ପୁସ୍ତକ ଦାଖଲ କରିପାରିବେ। ପୁସ୍ତକର ଦୁଇଟି ପ୍ରତିଲିପି ସହିତ ଲେଖକଙ୍କ ସଂକ୍ଷିପ୍ତ ପରିଚୟ, ଜନ୍ମ ତାରିଖର ସ୍ୱ-ସ୍ୱାକ୍ଷରିତ ପ୍ରମାଣପତ୍ର (ଆଧାର କାର୍ଡ, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ବା ଭୋଟର ଆଇଡି) ସହ ପ୍ରକାଶକଙ୍କ ପକ୍ଷରୁ ପଠାଗଲେ ଲେଖକଙ୍କ ବୟସ ସ୍ଥିର କରିଥିବା ଶପଥପତ୍ର ଦେବା ଆବଶ୍ୟକ। ଏହି ପୁସ୍ତକ ଓ ପ୍ରସ୍ତାବନାଗୁଡ଼ିକ 'ପ୍ରଫେସର ଓ ମୁଖ୍ୟ, ପ୍ରାଚୀନ, ଜେ-୧୫, ଶିକ୍ଷା ଓ ଅନୁସନ୍ଧାନ, ଖଣ୍ଡଗିରି, ଭୁବନେଶ୍ୱର-୩୦, ଓଡ଼ିଶା' ଠିକଣାରେ ଅକ୍ଟୋବର ୭, ୨୦୨୫ ସୁଦ୍ଧା ପହଞ୍ଚିବା ଆବଶ୍ୟକ ।

## ଜଏରାଟ ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୧୦।୯ (ସମିସ): କିଶୋରନଗର ବ୍ଲକ ଜଏରାଟ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ବିଜୟ ରଥ, ଜିପିଡିଓ ସତ୍ୟପ୍ରିୟ ସାହୁ, ଏବିଇଓ ଲକ୍ଷ୍ମଣ ଦେହୁରୀ, ଏଏଚ୍‌ଓ ନିଶିପ୍ରଭା ବେହେରା, ବିଏସ୍‌ଏସ୍‌ଓ ଝସକେତନ ସାହୁ, ଭିଏଡବ୍ଲ୍ୟୁ ଜଗନ୍ନାଥ ଦେହୁରୀ, ଡିଇଓ (ଆରସିଏମ୍) ସରୋଜ କୁମାର ପ୍ରଧାନ, ବିପିସି (ଓଏଲ୍‌ଏମ୍) ସାଗରକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ

କିଶୋରନଗର,୧୦।୯ (ସମିସ): କିଶୋରନଗର ବ୍ଲକ୍ ଧଉରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମହେଶ୍ୱର ମେହେର ୨୦୨୪-୨୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଏଥିପାଇଁ କିଶୋରନଗର ମଣ୍ଡଳ ବିଜେପି ପ୍ରଭାରୀ ଡା. ଅଲେଖ ପ୍ରଧାନ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଡା. ପ୍ରଧାନ ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷୟିତ୍ରୀ ନୀଳୟ କୁମାରୀ ସାହୁ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଶିକ୍ଷକ ମେହେରଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ତରଫରୁ ମଧ୍ୟ ଶିକ୍ଷକ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ନୟନୀ କୋଇଲା ଖଣିରୁ କୋଇଲା ପରିବହନ ପ୍ରତିଶ୍ରୁତି

## ଟ୍ରକ ମାଲିକ ସଙ୍ଘର ଧାରଣା ପ୍ରତ୍ୟାହୃତ



ଛେଣ୍ଡିପଦା,୧୦।୯ (ସମିସ): ନୟନୀ କୋଇଲା ଖଣିରୁ କୋଇଲା ପରିବହନ ଦାବିରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଟ୍ରକ ମାଲିକ ସଂଘ ପକ୍ଷରୁ ସଭାପତି ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ଖଣି ସମ୍ମୁଖରେ ଦୀର୍ଘ ୧୦ ଦିନ ହେବ ଅହୋରାତ୍ର ଧାରଣା ଦିଆଯାଇଥିଲା। ମଙ୍ଗଳବାର ଖଣି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ, ନୟନୀ କୋଇଲା ଖଣିରୁ ଅଗ୍ରାଧିକାର ଭିତ୍ତିରେ ଛେଣ୍ଡିପଦାର ଟ୍ରକଗୁଡ଼ିକ କୋଇଲା ପରିବହନ କରିବା ସହ ଉଚିତ ପ୍ରାପ୍ୟ ଦାବି ନେଇ ଧାରଣା ଦିଆଯାଇଥିଲା। ଏ ନେଇ ନୟନୀ କୋଇଲା ଖଣିର ସିଙ୍ଗରେନି କର୍ତ୍ତୃପକ୍ଷ ଓ ଖଣିରୁ ପରିବହନ ପାଇଁ ଚୁକ୍ତି କରିଥିବା ସଂସ୍ଥା ସହ ଛେଣ୍ଡିପଦା ଟ୍ରକ ମାଲିକ ସଙ୍ଘର ବାରମ୍ବାର ଆଲୋଚନା ପରେ ମଧ୍ୟ କୌଣସି ନିଷ୍କର୍ଷ ନ ବାହାରିବାରୁ ଟ୍ରକ ମାଲିକମାନେ ବାଧ୍ୟ ହୋଇ ଧାରଣା ଦେଇଥିଲେ। ଏପରିକି ଉକ୍ତ କୋଇଲା ଖଣିରେ ସଂଘର ଟ୍ରକ ବ୍ୟତୀତ ଅନ୍ୟ କାହାର ଟ୍ରକ ଦ୍ୱାରା କୋଇଲା ପରିବହନ କରାଇ ଦେବନି ବୋଲି କଡ଼ା ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ନୟନୀ କୋଇଲା ଖଣି ଜିଏମ ଦେବଦୁଲାର ବୈଦ୍ୟ, ପ୍ରକଳ୍ପ ଅଧିକାରୀ ବି ମାଧବ ରାଓ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ଉପସ୍ଥିତିରେ ଟ୍ରକ ମାଲିକ ସଂଘର ଆଲୋଚନା ହୋଇଥିଲା। ଖଣି କର୍ତ୍ତୃପକ୍ଷ ଟ୍ରକ ମାଲିକ ସଙ୍ଘର ଦାବିକୁ ମାନିନେବା ସହ ନୂତନ ଟେଣ୍ଡର ପରେ ପରିବହନ ଦାୟିତ୍ୱ ଛେଣ୍ଡିପଦା ଟ୍ରକ ମାଲିକ ସଂଘକୁ ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନରେ ଟ୍ରକ ମାଲିକ ସଂଘ ସମ୍ପାଦକ ସୁବୋଧ ବେହେରା, ଗାଁ ସଭାପତି ଚନ୍ଦ୍ରମଣି ପ୍ରଧାନ, କୋଷାଧ୍ୟକ୍ଷ ନୃସିଂହ ଚରଣ ଦେହୁରୀ, ପୂର୍ବତନ ସମ୍ପାଦକ ଦୀପକ କୁମାର ପ୍ରଧାନ, ଯଶୋବନ୍ତ ପ୍ରସାଦ ବେହେରା, ମିଲୁ ବେହେରା, ସନ୍ତୋଷ ବେହେରା, ବନବିହାରୀ ସାହୁ, ମୋହନ ମହାପାତ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ସୁର ଚନ୍ଦନ, ବିନୋଦ ବିହାରୀ ମହାପାତ୍ର, ସନ୍ଦୀପ ସାହୁ, ଟିକନ ବେହେରା, ବାବୁଲି ଦେହୁରୀଙ୍କ ସମେତ ଶତାଧିକ ଟ୍ରକ ମାଲିକ ଯୋଗଦେଇଥିଲେ।

## ସାର ଅଭାବୀ ବିକ୍ରି; ଉପଜିଲ୍ଲାପାଳଙ୍କୁ ଫେରାଦ



ପାଲଲହଡ଼ା,୧୦।୯ (ସମିସ): ପାଲଲହଡ଼ା ବ୍ଲକର ୧୧ଟି ସମବାୟ ସମିତିରେ ବ୍ୟାପକ ଭାବେ ୟୁରିଆ ସାର ସଙ୍କଟ ଲାଗିରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ପାଲଲହଡ଼ା ଉପଖଣ୍ଡ କୃଷକ ମଣ୍ଡଳ ସ୍ଥାନୀୟ ଉପଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛି। ଉପଖଣ୍ଡ କୃଷକ ମଣ୍ଡଳ ସଭାପତି ବିଷ୍ଣୁପ୍ରସାଦ ବେହେରାଙ୍କ ନେତୃତ୍ୱରେ ୫ଟି ପଞ୍ଚାୟତର ସଭାପତିଙ୍କ ସମେତ ବିଭିନ୍ନ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପଜିଲ୍ଲାପାଳଙ୍କୁ ଭେଟିଥିଲେ। ଚାଷକାର୍ଯ୍ୟ ଆରମ୍ଭରୁ ଆଜିପର୍ଯ୍ୟନ୍ତ ପାଲଲହଡ଼ା ବ୍ଲକର କୌଣସି ସମିତିକୁ ୟୁରିଆ ସାର ଆସିନାହିଁ। ସରକାରୀ ପଞ୍ଜିକୃତ ଏବଂ କିଛି ଅସାଧୁ ସାର ବ୍ୟବସାୟୀଙ୍କଠାରେ ମହଜୁଦ ଥିବା ସାରକୁ ଚାଷୀ ଚଢ଼ା ଦରରେ କ୍ରୟ କରୁଛନ୍ତି। ୟୁରିଆ ସାରର ସରକାରୀ ଦର ୨୬୬ ଟଙ୍କା ଥିବା ବେଳେ ଚାଷୀ ୫-୫୦ରୁ ୭୦୦ଟଙ୍କା ଦେଇ ବାଧ୍ୟବାଧକତାରେ କ୍ରୟ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକଙ୍କଠାରୁ ବିଭାଗୀୟ ଅଧିକାରୀ ପର୍ଯ୍ୟନ୍ତ କୃଷକ ମଣ୍ଡଳ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଧାନ ଚାଷର ବର୍ତ୍ତମାନ ପର୍ଯ୍ୟାୟରେ ୟୁରିଆର ଯଥେଷ୍ଟ ଆବଶ୍ୟକତା ଥିବାବେଳେ ପାଲଲହଡ଼ାର କୌଣସି ସମିତିକୁ ସାର ଆସିପାରିଲା ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଏ ସମ୍ପର୍କରେ ସ୍ଥାନୀୟ ସହକାରୀ ଯୋଗାଣ ଅଧିକାରୀ ଏବଂ ସହକାରୀ ସମବାୟ ସମିତି ନିବନ୍ଧକଙ୍କ ସହ ତୁରନ୍ତ ଆଲୋଚନା କରିଥିଲେ। ଏଥିସହ ସାର କମ୍ପାନୀ ଶାଖା ପରିଚାଳକଙ୍କ ସହ ଯୋଗାଯୋଗ କରି ୫ ଦିନ ମଧ୍ୟରେ ସାର ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ ଡିମିରିଆ ପଞ୍ଚାୟତ କୃଷକ ମଣ୍ଡଳ ସଭାପତି ଝସକେତନ ପ୍ରଧାନ, ସିଗଡ଼ ପଞ୍ଚାୟତର ପ୍ରଶ୍ନ ସାହୁ, ବାତିସୁଆଁ ପଞ୍ଚାୟତର ଶରତ ବିଶ୍ୱାଳ, ବାନ୍ଧଭୂଇଁ ପଞ୍ଚାୟତର ପଦ୍ମଲୋଚନ ପ୍ରଧାନ, ଖେମଲା ପଞ୍ଚାୟତର ବସନ୍ତ ବିଶ୍ୱାଳ, ଖମାର ପଞ୍ଚାୟତର ପ୍ରଶ୍ନ ସାହୁ, ଚାଷଗୁରୁଜାଙ୍ଗ ପଞ୍ଚାୟତର ନୀଳମଣି ନାଏକ ଏବଂ ରାଜଡଙ୍ଗ ପଞ୍ଚାୟତର ସୁଜନ ସାମଲ, ଛବିଳ ସାହୁ, ଭୀମସେନ ସାହୁ ପ୍ରମୁଖ ସାମିଲ ଥିଲେ। ପାଞ୍ଚ ଦିନ ମଧ୍ୟରେ ସାର ନ ପହଞ୍ଚିଲେ କୃଷକ ମଣ୍ଡଳ ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ତାଲା ପକାଇ ଛାତ୍ରୀଙ୍କୁ ଝାଡୁରେ ପିଟିଲେ ପ୍ରଧାନଶିକ୍ଷୟିତ୍ରୀ !

ପାଲଲହଡ଼ା,୧୦।୯ (ସମିସ):

ପାଲଲହଡ଼ା ଜମରଡିହ ବନ୍ଧାଭୂଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀ ତାଲା ପକାଇ ଝାଡୁରେ ପିଟିଛନ୍ତି। ଛାତ୍ରୀଙ୍କ ପରିବାର ପକ୍ଷରୁ ଏ ନେଇ ଅଭିଯୋଗ ପରେ

■ ପ୍ରଶାସନିକ ତଦନ୍ତ ଆରମ୍ଭ
■ ଘଟଣାକୁ ମିଛ କହିଲେ ପ୍ରଧାନଶିକ୍ଷୟିତ୍ରୀ
■ ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ଘଟଣାସ୍ଥଳ ପରିଦର୍ଶନ

ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଅପରପକ୍ଷେ ଅନ୍ଧବିଶ୍ୱାସ ଯୋଗୁଁ ଏପରି ଭୁଲ ବୁଝାମଣା ଘଟିଥିବା ବିଧାୟକ ଅଶୋକ ମହାନ୍ତି କହିଛନ୍ତି।



ସୂଚନା ଅନୁସାରେ ପୀଡ଼ିତା ଛାତ୍ରୀ ଜଣକ ହଷ୍ଟେଲରେ ରହୁଛନ୍ତି। ଗତ ୩୧ ତାରିଖ ରବିବାର ଖୁଦୁରୁକୁଣୀ ଓଷାର ଶେଷପାଳି ଥିବାରୁ ଝିଅକୁ ଦିନକ ପାଇଁ ଛାଡ଼ିବାକୁ ବାପା ମା’ ପ୍ରଧାନଶିକ୍ଷୟିତ୍ରୀ ଦେବଯାନୀ ପ୍ରଧାନଙ୍କୁ ଅନୁରୋଧ କରିଥିଲେ। ତେବେ ତାଙ୍କୁ ଛଡ଼ାଯିବ ନାହିଁ, ବାଧକଲେ ଆଉ ସେ ହଷ୍ଟେଲରେ ରହିପାରିବ ନାହିଁ ବୋଲି ପ୍ରଧାନଶିକ୍ଷୟିତ୍ରୀ ଶୁଣାଇ ଦେବାରୁ ଦୁହେଁ ନିରାଶ ହୋଇ ଘରକୁ ଫେରିଥିଲେ। ପରଦିନ ସାହିର ଖୁଦୁରୁକୁଣୀ ବିସର୍ଜନ ଶୋଭାଯାତ୍ରା ବିଦ୍ୟାଳୟ ଦେଇ ଯିବା ସମୟରେ ଛାତ୍ରୀ ଜଣକ ହଷ୍ଟେଲରେ ଅଚେତ ହୋଇପଡ଼ିଥିଲେ। ପରେ ଛାତ୍ରୀଙ୍କୁ ଏକ ଗୃହରେ ତାଲା ପକାଇ ପ୍ରଧାନଶିକ୍ଷୟିତ୍ରୀ ଝାଡୁରେ ପିଟିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଜଣେ ଶିକ୍ଷକଙ୍କଠାରୁ ଖବର ପାଇ ବାପା ମା’ ହଷ୍ଟେଲରେ ପହଞ୍ଚି ଝିଅକୁ ଘରକୁ ନେଇଯାଇଥିଲେ। ପରଦିନ ଛାତ୍ରୀ ଜଣକ ସ୍କୁଲ୍‌କୁ ଆସିଥିଲେ ସୁଦ୍ଧା ତାଙ୍କୁ ବିଦ୍ୟାଳୟରେ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା ଏବଂ ବିଦ୍ୟାଳୟ ଫାଟକ ସମ୍ମୁଖରୁ ଫେରାଇ ଦିଆଯାଇଥିଲା। ଲଗାତର ଛାତ୍ରୀ ଜଣକ ବିଦ୍ୟାଳୟ ଫାଟକ ସମ୍ମୁଖରୁ ଫେରିବା ପରେ ବାପା ମା’ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲା ସହକାରୀ ମଙ୍ଗଳ ଅଧିକାରୀ ଓ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ସୋମବାର ସ୍କୁଲ୍‌କୁ ଯାଇ ଘଟଣାର ତଦନ୍ତ କରିଥିଲେ। ବିଧାୟକ ଅଶୋକ ମହାନ୍ତି ମଧ୍ୟ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀ, ଛାତ୍ରୀ ଓ ତାଙ୍କ ବାପା ଓ ମାଆଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରିବାକୁ କହିଥିଲେ। ଅନ୍ୟପକ୍ଷରେ ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ପ୍ରଧାନଶିକ୍ଷୟିତ୍ରୀ ସଫେଇ ଦେଇଥିବା ବେଳେ ମାଡ଼ ମାରିବାର କ’ଣ ପ୍ରମାଣ ଅଛି ବୋଲି ପଚାରିଥିଲେ। ସେହିପରି ପୂର୍ବତନ ବିଧାୟକ ମୁକେଶ ପାଲ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବୁଧବାର ଜମରଡିହ ଯାଇଥିଲେ। ଅଭିଯୋଗ ସତ୍ୟ ଏବଂ ଏହାକୁ ଚାପିଦେବା ପାଇଁ ବିଧାୟକଙ୍କ ଚାପରେ ପ୍ରଶାସନ କାର୍ଯ୍ୟ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ତଦନ୍ତ ସରି ନ ଥିବା ବେଳେ ବିଧାୟକ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଗ୍ରାମବାସୀଙ୍କ ସମ୍ମୁଖରେ କ୍ଲିନ୍ ଚିଟ୍ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ କଥା। ଏଥିରୁ ପ୍ରଧାନଶିକ୍ଷୟତ୍ରୀଙ୍କ ସହ ବିଧାୟକଙ୍କ ସଲାସୁତୁରା ସ୍ପଷ୍ଟ ବାରି ହୋଇପଡୁଛି ବୋଲି ପୂର୍ବତନ ବିଧାୟକ ପାଲ କହିଛନ୍ତି।

## ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ




ଅନୁଗୋଳ,୧୦।୯ (ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଏଆଇସିସି ପକ୍ଷରୁ ନିଯୁକ୍ତ ପୂର୍ବତନ ସାଂସଦ ଡିକେ ସୁରେଶ ଜିଲ୍ଲା କଂଗ୍ରେସ ଭବନରେ ପହଞ୍ଚିବା ପରେ ପ୍ରଥମେ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଓଡ଼ିଶାରେ ଦଳର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମତବ୍ୟକ୍ତ କରିବା ସହ ଆଗାମୀ ଦିନରେ ସମସ୍ତ କର୍ମୀ ଏକଜୁଟ ହୋଇ କାର୍ଯ୍ୟକଲେ ଏଭଳି କୌଣସି ଶକ୍ତି ନାହିଁ ଯେ କଂଗ୍ରେସକୁ କ୍ଷମତାରୁ ଦୂରେଇ ରଖିପାରିବ ବୋଲି ପ୍ରକାଶ କରିଥିଲେ। ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓଡ଼ିଶାବାସୀଙ୍କ ଭାବାବେଗକୁ ମୂଲ୍ୟାଙ୍କନ କରି ତୃଣମୂଳ ସ୍ତରରୁ କର୍ମୀମାନଙ୍କ ମତାମତକୁ ନେଇ ଜିଲ୍ଲା ସଭାପତି ଚୟନ କରିବା ପାଇଁ ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ କରିଛନ୍ତି। ସମସ୍ତ ଜିଲ୍ଲା ପାଇଁ ମଧ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସେହି ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ପାଇଁ ଅନୁଗୋଳ ଜିଲ୍ଲା ପାଇଁ ତାଙ୍କୁ ନିଯୁକ୍ତି ମିଳିଛି। ସେ ଅନୁଗୋଳରେ ତିନିଦିନ ରହି ସମସ୍ତ ବ୍ଲକ, ନଗର ତଥା ସମସ୍ତ ବର୍ଗର କର୍ମୀଙ୍କ ମତାମତ ସଂଗ୍ରହ କରି ଏଆଇସିସି ସଭାପତିଙ୍କୁ ପ୍ରଦାନ କରିବେ ବୋଲି କହିଥିଲେ। ସମସ୍ତ ବର୍ଗର ସାମାଜିକ କର୍ମୀଙ୍କୁ ମଧ୍ୟ ଭେଟି ମତ ସଂଗ୍ରହ କରିବେ ବୋଲି ପ୍ରକାଶ କରିଥିଲେ। ତାଙ୍କୁ ସହଯୋଗ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ତିନିଜଣିଆ ପର୍ଯ୍ୟବେକ୍ଷକ ମଧ୍ୟ ପଠାଇଛନ୍ତି। ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବିନୋଦ କୁମାର ପାତ୍ର ଓ ନିରଞ୍ଜନ ନାୟକ ପ୍ରଦେଶ କଂଗ୍ରେସ ପକ୍ଷରୁ ତାଙ୍କ ସହ ମିଶି ଆସିଥିଲେ। ମହମ୍ମଦ ମୋକିମ ସାମ୍ବାଦିକମାନଙ୍କୁ ଉଦବୋଧନ ଦେଇ କହିଲେ, କଂଗ୍ରେସ ଓଡ଼ିଶାର ଏକମାତ୍ର ନିର୍ଭରଯୋଗ୍ୟ ବିରୋଧୀ ଦଳର ଭୂମିକା ନିଭାଉଛି। ଅନୁଗୋଳ ଜିଲ୍ଲା ଆଜି ବହୁ ସମସ୍ୟା ଦେଇ ଗତି କରୁଛି। ଚାଷୀର ବଡ଼ ସମସ୍ୟା ବନ୍ୟଜନ୍ତୁର ପ୍ରାଦୁର୍ଭାବ। ହାତୀ ପ୍ରତ୍ୟେକ ଦିନ ଜିଲ୍ଲାର ଧନଜୀବନ ନଷ୍ଟ କରୁଛନ୍ତି। ସାରର କୃତ୍ରିମ ଅଭାବ ସୃଷ୍ଟି କରାଯାଇ ଚାଷୀଙ୍କୁ ଶୋଷଣ କରାଯାଉଛି। ଜିଲ୍ଲାର ବଡ଼ ସମସ୍ୟା ବାୟୁ ପ୍ରଦୂଷଣ। କମ୍ପାନୀ ପରେ କମ୍ପାନୀ ଗଢ଼ି ଉଠୁଛି, ହେଲେ ସ୍ଥାନୀୟ ଲୋକଙ୍କ ସମାନ୍ୟ ସ୍ୱାର୍ଥକୁ ଅଣଦେଖା କରାଯାଉଛି। ଜନସାଧାରଣଙ୍କ ସମସ୍ୟାକୁ ଠିକ ଭାବେ ଉପସ୍ଥାପନ କେବଳ କଂଗ୍ରେସ ହିଁ କରିଥାଏ। ଆଜି ବି ଜନତା କଂଗ୍ରେସ ପ୍ରତି ବିମୁଖ ହୋଇନାହାନ୍ତି। ସେମାନେ ଉଚିତ ନେତୃତ୍ୱ ଚାହାଁନ୍ତି। ସେମାନଙ୍କ ଆଶା ଓ ଆକାଂକ୍ଷାକୁ ଚରିତାର୍ଥ କରିବା ପାଇଁ କଂଗ୍ରେସ ନେତୃତ୍ୱ ସଙ୍ଗଠନ ସୃଜନ ଅଭିଯାନ ଜରିଆରେ ବିଭିନ୍ନ ବର୍ଗର ଲୋକଙ୍କ ମତାମତକୁ ସମ୍ମାନ ଦେଇ ସଭାପତି ଚୟନ କରିବ। ଏଣୁ ଏ ପ୍ରକ୍ରିୟାରେ ସମସ୍ତେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ପୂର୍ବତନ ବିଧାୟକ ବିନୋଦ ବିହାରୀ ପାତ୍ର, ନିରଞ୍ଜନ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଗୋଳ ଜିଲ୍ଲା ସଂଯୋଜକ ଅମ୍ବିକା ପ୍ରସାଦ ଭଞ୍ଜ ସଭାପତିତ୍ୱ କରିଥିଲାବେଳେ ସସ୍ମିତା ବେହେରା, ବିଜୟାନନ୍ଦ ଚାଉଳିଆ, ଦିଗମ୍ବର ଗଡ଼ନାୟକ, ପ୍ରଫୁଲ୍ଲ ଦାସ, ଜିତେନ୍ଦ୍ର କୁମାର ସାହୁ, ଜଗଦାନନ୍ଦ ପ୍ରଧାନ, ରୂପାଦୀପା ମହାପାତ୍ର, ଗୋପାଳ ଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ; ଜଣେ ଗିରଫ

କିଶୋରନଗର,୧୦।୯ (ସମିସ): କିଶୋରନଗର ଥାନା ତୁଳସୀପୁର ଗ୍ରାମର ପ୍ରଦୀପ ଦେହୁରୀଙ୍କ ଘରେ ମଙ୍ଗଳବାର ପୁଲିସ ଚଢ଼ଉ କରି ୧୨ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ପ୍ରଦୀପଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରଦୀପ ବେଆଇନ ଭାବେ ଘରେ ଚୋରା ଗଞ୍ଜେଇ ରଖି ବାହାରକୁ ଚାଲାଣ କରୁଥିଲେ ବୋଲି ପୁଲିସ କହିଛି।

## ୫ ଦିନ ହେବ ଆମ୍ବୁଲାନ୍ସ ସେବା ବନ୍ଦ

■ ରୋଗୀ ହନ୍ତସନ୍ତ

କିଶୋରନଗର,୧୦।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆମ୍ବୁଲାନ୍ସ ୨ଟି ଅଚଳ ଅବସ୍ଥାରେ ପଡ଼ି ରହିଥିବାରୁ ୧୦ ପଞ୍ଚାୟତର ୪୦ ହାଜରରୁ ଊର୍ଦ୍ଧ୍ୱ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ଆମ୍ବୁଲାନ୍ସ ବିନା ଷ୍ଟେପିନରେ ଚାଲୁଥିବା ବେଳେ ବର୍ତ୍ତମାନ ଗୋଟିଏ ଚକ ପଙ୍କଚର ହୋଇଯାଇଛି। ଫଳରେ ୫ ଦିନ ହେବ ଉକ୍ତ ଆମ୍ବୁଲାନ୍ସ ସେବା ଯୋଗାଇପାରୁ ନ ଥିବା ଚାଳକ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ଅନ୍ୟ ଆମ୍ବୁଲାନ୍ସର ସର୍ଭିସିଂ ହୋଇପାରି ନାହିଁ। ଫଳରେ ଏଥିରେ ରୋଗୀ ପରିବହନରେ ବହୁତ୍ ଅସୁବିଧା ହେଉଛି। ଗାଡ଼ି ସର୍ଭିସିଂ କରିବାକୁ ଚାଳକ ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ପ୍ରକାଶ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆମ୍ବୁଲାନ୍ସ ୨ଟିକୁ ସଚଳ କରିବା ସହ ରୋଗୀସେବା ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




୪୦ ବର୍ଷ ହେବ ନିଜସ୍ୱ ଘର ନାହିଁ

## ସ୍କୁଲର ପରିତ୍ୟକ୍ତ ଶ୍ରେଣୀ ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର

ପାଲଲହଡ଼ା,୧୦।୯ (ସମିସ): ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଦୀର୍ଘ ୪୦ ବର୍ଷ ବିଭିନ୍ନ ଲୋକଙ୍କ ବାରଣ୍ଡାରେ ଚାଲିଥିବା ବେଳେ ଏବେ ସ୍କୁଲ ଭିତରେ ଥିବା ଏକ ପରିତ୍ୟକ୍ତ ଶ୍ରେଣୀଗୃହ ବାରଣ୍ଡାରେ ଚାଲିଛି। ନିତିଦିନ ବାଜିରେ ଲାଗୁଛି କୋମଳମୋତି ଶିଶୁଙ୍କ ଜୀବନ। କେବଳ ସେତିକି ନୁହଁ, ଏଠାରେ ଥିବା ୭୮ ବର୍ଷର ପୁରାତନ ବିଦ୍ୟାଳୟର ମଧ୍ୟ ସମାନ ଅବସ୍ଥା। ଏପରି ବିକଳ ଚିତ୍ର ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ପବିତ୍ରପୁର ପଞ୍ଚାୟତ କଂସର ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ରରେ।

ଏଠାରେ ରହିଛି କଂସର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟ ପରିସରରେ ଥିବା ଏକ ପରିତ୍ୟକ୍ତ ଶ୍ରେଣୀଗୃହ ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଉପରେ ଟିଣ ଆଜବେଷ୍ଟସ ରହିଛି। ଖରା, ବର୍ଷା, ଶୀତକାକରରେ ବର୍ଷ ବର୍ଷ ଧରି ଏମିତି ବାରଣ୍ଡାରେ କୋମଳମତି ଶିଶୁଙ୍କ ଭବିଷ୍ୟତ ଗଢ଼ାଯାଉଛି। ଦିନେ ନୁହଁ କି ଦୁଇ ଦିନ ନୁହଁ ୪୦ ବର୍ଷରୁ ଅଧିକ ସମୟ ହେବ ଏଭଳି ଏଠି ସେଠି ବାରଣ୍ଡାରେ ବସି ପାଠ ପଢୁଛନ୍ତି ଶିଶୁ। ଏଠାରେ ଖାଇବା, ଖେଳିବା, ପାଠ ପଢ଼ିବା ସବୁକିଛି ହେଉଛି। ସରପଞ୍ଚଠୁ ଆରମ୍ଭ କରି ନେତାମନ୍ତ୍ରୀ ସମସ୍ତଙ୍କୁ ଗୁହାରି କରିଛନ୍ତି ଗ୍ରାମବାସୀ ହେଲେ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ସେହିଭଳି ଏଠାରେ ଥିବା ବହୁ ପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟ ସମାନ ଅବସ୍ଥା। ଏହି ବିଦ୍ୟାଳୟରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୪ଟି ଶ୍ରେଣୀ ଗୃହ ରହିଛି। ସେଥିରୁ ଗୋଟିଏ ବିପଦସଙ୍କୁଳ ଘୋଷଣା ହୋଇଥିବା ବେଳେ ଗୋଟିଏରେ ଅଫିସ ଓ ଅନ୍ୟ ୨ଟିରେ ସମସ୍ତ ପିଲାଙ୍କୁ ପାଠ ପଢ଼ାଯାଉଛି। ଅନ୍ୟପଟେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଗୋଟିଏ ଶ୍ରେଣୀ ଗୃହ ନିର୍ମାଣ କରାଯାଇଛି। ମାତ୍ର ତାହା ମଧ୍ୟ ଅଧପନ୍ତରିଆ ପଡ଼ିରହିଛି। ଶ୍ରେଣୀଗୃହ ଅଭାବ ଥିବାରୁ ସେହି ଅର୍ଦ୍ଧନିର୍ମିତ ଗୃହରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ବେଳେ ଖେଳକୁଦ ପାଇଁ ମଧ୍ୟ ଖେଳପଡ଼ିଆଟିଏ ନାହିଁ। ଏ ସମ୍ପର୍କରେ ଅବଗତ ହେବା ପରେ ଖୁବଶୀଘ୍ର ବିଦ୍ୟାଳୟକୁ ଯାଇ ସ୍ଥିତି ଦେଖିବା ସହ ସରକାରୀ କ୍ଷେତ୍ରରେ ଯାହା ସବୁ ସୁବିଧା ହୋଇପାରିବ ତୁରନ୍ତ ଯୋଗାଇ ଦିଆଯିବ ବୋଲି ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ପ୍ରକାଶ କରିଛନ୍ତି।



ପ୍ରସ୍ତାବିତ ହିଡିଶିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ

# ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଜଙ୍ଗଲ ମନ୍ତ୍ରାଳୟ

ଅନୁଗୋଳ,୧୦।୯ (ସମିସ):

ଅନୁଗୋଳ ଜିଲ୍ଲା ବନ୍ତଳା ନନ୍ଦପୁର ପଞ୍ଚାୟତ କରଡ଼ାଶିଙ୍ଗଠାରେ ବହୁ ପ୍ରତୀକ୍ଷିତ ପ୍ରସ୍ତାବିତ ହିଡିଶିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ଆଶା ଉଜ୍ଜୀବିତ ହୋଇଛି। ବୁଧବାର କେନ୍ଦ୍ରୀୟ ଜଙ୍ଗଲ ମନ୍ତ୍ରାଳୟର ଏକ ପ୍ରତିନିଧି ଦଳ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରେ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିରେ କେନ୍ଦ୍ରୀୟ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ କୋଲକାତାର ଆସିଷ୍ଟାଣ୍ଟ କମିଶନର ଡ. ସୂର୍ଯ୍ୟ ଦତ୍ତ, ଭୁବନେଶ୍ୱରର ଆସିଷ୍ଟାଣ୍ଟ ଚିଫ ଇଞ୍ଜିନିୟର ପ୍ରମୋଦ କୁମାର ନାୟକ, ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର, ଜଳ ଗବେଷଣା କେନ୍ଦ୍ରର ଏସି ସରସ୍ୱତୀ ମହନ୍ତ, ଅନୁଗୋଳ ଏସଡିଓ ମନୋଜ କୁମାର ନନ୍ଦ, ଘରୋଇ ସଂସ୍ଥା ଭିଜନଟେକ୍‌ର ଟେକ୍ନିସିଆନ୍ ମନୋଜ ସାହୁ ପ୍ରମୁଖ ସାମିଲ ଥିଲେ। ପ୍ରତିନିଧି ଦଳ ପ୍ରଥମେ ପ୍ରକଳ୍ପ ନିର୍ମାଣ ହେଲେ ବୁଡ଼ି ଅଞ୍ଚଳରେ ନଷ୍ଟ ହେବାକୁ ଥିବା ରିଜର୍ଭ ଜଙ୍ଗଲ ଚାଷଜମି ଦେଖିଥିଲେ। ବାମ ଓ ଡାହାଣ କେନାଲ ଓ ଡ୍ୟାମ୍ ଅଞ୍ଚଳ ପାଇଁ ପୋତା ଯାଇଥିବା ପିଲର ପୋଷ୍ଟିଂକୁ ତଦାରଖ କରିବା ସହ ଡ୍ୟାମ୍ ନିର୍ମାଣ ସମୟରେ ବୁଡ଼ିବାକୁ ଥିବା ଅନୁଗୋଳ-ଟିକରପଡ଼ା ପୂର୍ତ୍ତ ବିଭାଗ ରାସ୍ତା ପରିବର୍ତ୍ତେ ଡ୍ୟାମ୍ ପାହାଡ଼ ପାଶ୍ୱର୍ରେ ହେବାକୁ ଥିବା ପୂର୍ତ୍ତ ବିଭାଗ ରାସ୍ତା କରତ ପଟା କାଇରିଆମ୍ବ ଦେଇ ପାହାଡ଼ ପାଶ୍ୱର୍ ଦେଇ ପାମ୍ପାସର୍ ଗେଟ୍ ପାଖକୁ ଆଉ ଏକ ରାସ୍ତା ବାହାରିବ। ସେହି ରାସ୍ତାକୁ ଦେଖିବା ସହିତ ରାସ୍ତା ନିର୍ମାଣରେ କେଉଁ କେଉଁ ଗଛ ନଷ୍ଟ ହେବ ତାହା ଦେଖିଥିଲେ। ଏଥି ସହିତ ବଉଳି ନଦୀ ସହ ସଂଯୋଗ ହୋଇଥିବା ଅନ୍ୟ ନଦୀଗୁଡ଼ିକୁ ମଧ୍ୟ ଦେଖିଥିଲେ। ତଦାରଖ ପରେ କେନ୍ଦ୍ରୀୟ ଟିମ ଖୁସି ସକାରାତ୍ମକ ମତ ପ୍ରକାଶ କରିଛନ୍ତି। ପ୍ରକଳ୍ପ ନିର୍ମାଣ ହେଲେ କ୍ଷତି କମ୍ ଏବଂ ଲାଭ ବହୁଗୁଣ ହେବ ବୋଲି କହିଛନ୍ତି। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ଅଞ୍ଚଳର ଚାଷୀମାନେ ମରୁଡ଼ିରେ ପ୍ରପୀଡ଼ିତ ହେଉଥିଲେ। ପ୍ରକଳ୍ପ ନିର୍ମାଣ ହେଲେ ଚାଷୀ ଉପକୃତ ହେବେ ବୋଲି କୁହାଯାଇଛି। କୃଷକ ମହାସଂଘର ସଭାପତି ଦୀନେଶ ଦେହୁରୀ, ନନ୍ଦପୁର ସରପଞ୍ଚ ଜଗବନ୍ଧୁ ସାହୁ, ସମିତି ସଭ୍ୟଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ପୋକତୁଙ୍ଗା ସରପଞ୍ଚ ସୁଜିତ୍ ମହାଳିକ, ବ୍ରହ୍ମପୁର ସରୋଜ ଜେନା, କାହ୍ନୁ ଚରଣ ଦେହୁରୀ, ପୋକତୁଙ୍ଗା ଗ୍ରାମ ସଭାପତି ଲମ୍ବୋଦର ଦେହୁରୀ, ଯତୀନ୍ଦ୍ର ପ୍ରଧାନ, ଅଶୋକ ପ୍ରଧାନ, ସୁଲଭ ଦେହୁରୀ, ସୁବାସ ଦେହୁରୀ, ମହେଶ୍ୱର ସାହୁ, ପ୍ରଶାନ୍ତ ପ୍ରଧାନ, ଲଛବନ୍ଧ ଗ୍ରାମର ଲକ୍ଷ୍ମଣ ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ତଦାରଖ ବେଳେ କେନ୍ଦ୍ରୀୟ ଟିମ୍‌କୁ ସହଯୋଗ କରିଥିଲେ।



■ ଶ୍ୟାମସୁନ୍ଦରପୁର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା

## ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ନାରୀ ନ୍ୟାୟ ବାହିନୀର ଦାବି



ଅନୁଗୋଳ,୧୦।୯ (ସମିସ): ତିନିଦିନ ତଳେ ଅନୁଗୋଳ ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମରେ ଘଟିଥିବା ନାବାଳିକା ଦୁଷ୍କର୍ମ ଓ ହତ୍ୟାକାଣ୍ଡ ଘଟଣା ଉପରୁ ଆଜିପର୍ଯ୍ୟନ୍ତ ପୁଲିସ ପରଦା ହଟାଇ ପାରିନାହିଁ। କେବଳ ତଦନ୍ତ ନାଁରେ ପୁଲିସ ସମୟ ଗଡ଼ାଇ ଚାଲିଛି। ବୁଧବାର ଭୁବନେଶ୍ୱରରୁ ନାରୀ ନ୍ୟାୟ ବାହିନୀର ଏକ ପ୍ରତିନିଧି ମଣ୍ଡଳୀ ଆବାହକ ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଶ୍ୟାମସୁନ୍ଦରପୁର ଆସି ମୃତକଙ୍କ ବାପା, ମାଆ, ଭଉଣୀ, ଭାଉଜ ଓ ପଡ଼ୋଶୀଙ୍କଠାରୁ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ଘଟଣାକୁ ଅତ୍ୟନ୍ତ ଜଘନ୍ୟ ବୋଲି ବର୍ଣ୍ଣନା କରିବା ସହ ଘୋର ନିନ୍ଦା କରିଛନ୍ତି। ପରିବାକୁ ସମବେଦନା ଜଣାଇ ସେମାନେ ଅନୁଗୋଳ ସଦର ଥାନାର ଆଇଆଇସିଙ୍କୁ ଭେଟି ତଦନ୍ତର ଅଗ୍ରଗତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ତଦନ୍ତ ପ୍ରକ୍ରିୟା ଶିଥିଳ ଥିବା ହୃଦବୋଧ କରି ସନ୍ଧ୍ୟାରେ ଅନୁଗୋଳ ଏସ୍‌ପିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ସେହିପରି ମୃତକଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବାକୁ ମଧ୍ୟ ଦାବି କରିଥିଲେ। ଉକ୍ତ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସ୍ମିତା ସାମଲ, ମଧୁସ୍ମିତା ଦାଶ, ରଞ୍ଜୁକ୍ତା ବେହେରା ଓ ରୂପାଦୀପ୍ତା ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# କେନାଲ୍‌ରେ ଆସୁନି ପାଣି, ଚିନ୍ତାରେ ଚାଷୀ

## ଜଳସେଚନ କାର୍ଯ୍ୟାଳୟରେ ଅଭିଯୋଗ କଲେ ଚାଷୀ

**ଡେରାବିଶ,୧୦।୯ (ସମିସ):** କେନ୍ଦ୍ରାପଡ଼ା କେନାଲ୍‌ର ୧୧ନଂ ଶାଖାନାଳରୁ ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅଧୀନ କାଜିପୁର ଶନିମନ୍ଦିର ନିକଟରୁ ବାହାରିଥିବା ୧୧(ଏ) ହାପ୍ ଶାଖା କେନାଲଟି ସଫେଇ ହୋଇ ନଥିବାରୁ ଏହା ଉପରେ ନିର୍ଭର କରୁଥିବା କାଜିପୁର, କନ୍ଦରପୁର ଓ ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମର ଶତାଧିକ ଚାଷୀଙ୍କର ୫୦ ଏକରରୁ ଊର୍ଦ୍ଧ୍ୱ ଚାଷଜମିକୁ ସଠିକ୍ ଭାବରେ ଜଳସେଚିତ ହୋଇପାରୁନି। ଫଳରେ ଏହି ଚାଷଜମି କେନାଲ୍ ଜଳ ଅଭାବରୁ ଫସଲହାନୀ ହେବା ଆଶଙ୍କା ଦେଖାଦେଇଛି। ଏବେ ହେଉଥିବା ଲଘୁଚାପ ଜନିତ ବର୍ଷାରେ ଚାଷଜମିରେ ପାଣି ଜମି ରହୁଥିବାରୁ ଫସଲର ଅସୁବିଧା ହେଉନଥିବା ବେଳେ ଆଗକୁ ବର୍ଷା ବନ୍ଦ ହୋଇଗଲେ ସମ୍ପୂର୍ଣ୍ଣ ଚକରେ ଫସଲ କ୍ଷତିଗ୍ରସ୍ତ ହେବ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। କେନାଲଟି ସଫେଇ ହେଉ ନଥିବା ବେଳେ ଏହାର ବନ୍ଧ ମଧ୍ୟ ବହୁ ସ୍ଥାନରେ ନଷ୍ଟ ହୋଇଯାଇଛି। ଫଳରେ ମୁଖ୍ୟ କେନାଲ୍‌ରୁ ଆସୁଥିବା ପାଣି ଚାଷଜମିକୁ ନଯାଇ ଏଣେତେଣେ ବାହାରକୁ ପଳାଇଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ କନ୍ଦରପୁର ଗ୍ରାମର ୱାର୍ଡସଭ୍ୟ ସୁଧାଂଶୁ ଶେଖର ଲେଙ୍କା, ଚାଷୀ ବିଜୟ କୁମାର ସ୍ୱାଇଁ, ଅଜୟ କୁମାର ମଲ୍ଲ, ଦିବାକର ଲେଙ୍କା, ଗୋପବନ୍ଧୁ ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଚାନ୍ଦୋଳ ଜଳସେଚନ ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି। ତୁରନ୍ତ ନାଳକୁ ସଫେଇ କରାଯାଇ ଚାଷଜମିକୁ ପାଣି ଯୋଗାଇଦେବାକୁ ଦାବି କରିଛନ୍ତି। ତେବେ ବିଭାଗୀୟ ଅଧିକାରୀ ଚାଷୀମାନଙ୍କର ଅଭିଯୋଗକୁ ଗ୍ରହଣ କରି କେନାଲ୍‌କୁ ତୁରନ୍ତ ସଫେଇ କରି ଚାଷଜମିରେ ପାଣି ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିବା ଚାଷୀମାନେ ମତ ପ୍ରକାଶ କରିଛନ୍ତି।



## ଆବର୍ଜନାରେ ଭର୍ତ୍ତି କେନାଲ; ଶେଷ ମୁଣ୍ଡକୁ ଯାଉନି ପାଣି



**ପଞ୍ଚୁପାଣ୍ଡବ:** ଡେରାବିଶ ତହସିଲ ଅଧୀନରେ ଥିବା ରଘୁଦେଇପୁର ପଞ୍ଚାୟତ ଅଧୀନ ବେଲାରପୁର ଦେଇ ଯାଇଥିବା କେନାଲରେ ଅଳିଆ, ଆବର୍ଜନା ଲାଗି ରହିଥିବାରୁ ଶେଷମୁଣ୍ଡକୁ ପାଣି ପହଞ୍ଚୁ ନଥିବା ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ୮ ନମ୍ବର (କ)ରୁ ବେଲାରପୁରରୁ ମାଇନର କେନାଲ ଯାଇଥିବା କେନାଲ କଡ଼ରେ ଦୋକାନୀମାନେ ବିଭିନ୍ନ ଅଳିଆ ଆବର୍ଜନା ପକାଇଥିବାରୁ ପାଣି ଯିବାରେ ସମସ୍ୟା ହେଉଛି। ଏବିଷୟରେ ଜଳସମ୍ପଦ ବିଭାଗକୁ ଅବଗତ କରିଥିଲେ ସୁଦ୍ଧା ସମସ୍ୟା ସମାଧାନ ହେଉ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କେନାଲ କଡ଼ରେ ବିଭିନ୍ନ ଦୋକାନୀମାନେ ଦୋକାନ କରିଛନ୍ତି। ଦୋକାନର ଯେତେ ଅଳିଆ, ଆବର୍ଜନା କେନାଲ ଭିତରେ ପକାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜଳସମ୍ପଦ ବିଭାଗର ଜେଇ ଏଠାକୁ ଆସୁ ନଥିବା ମଧ୍ୟ ଅଭିଯୋଗ ହେଉଛି। ଏହାର ତଦନ୍ତ କରି କେନାଲ ସଫା କରିବା ପାଇଁ ଚାଷୀ ଗୌରାଙ୍ଗ ମହାରଣା, ପ୍ରମୋଦ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ନାୟକ, ଭରତ ସିଂ ଓ ଉଦ୍ଧବ ସାହୁ ପ୍ରମୁଖ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ଅଂଶୀଦାର ଦକ୍ଷତା ମୂଲ୍ୟାଙ୍କନ କର୍ମଶାଳା



**କେନ୍ଦ୍ରାପଡ଼ା,୧୦।୯ (ସମିସ):** ସଂଯୁକ୍ତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଫାଓ) ଏବଂ ଶାନ୍ତା ମେମୋରିଆଲ ରିହାବିଲିଟେସନ ସେଣ୍ଟର (ଏମଏମଆରସି) ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏସଏମଆରସିର କାର୍ଯ୍ୟକାରୀ ଉପସଭାପତି ତଥା ପ୍ରକଳ୍ପ ଉପଦେଷ୍ଟା ପ୍ରଫେସର ଆଶାହଂସ ସ୍ୱାଗତ ଭାଷଣ ପ୍ରଦାନ ବେଳେ ଆଇଓଏମ ପକ୍ଷରୁ ଡା. ନବନିତା ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେନ୍ଦ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବୈଷୟକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏସଏମଆରସିର ଜେଣ୍ଡର ଏକ୍ସପୋର୍ଟ ସ୍ମୃତିମୟୀ ତ୍ରିପାଠୀ ଓ ଚାଇଲ୍ଡ ଏକ୍ସପୋର୍ଟ ପ୍ରଣତି ମିଶ୍ର ପ୍ରସନ୍ନପୁର, ପ୍ରହରାଜପୁର ଏବଂ କଜଳପାଟିଆରେ ହୋଇଥିବା ସମୂହ ଆଲୋଚନାର ନିଷ୍କର୍ଷକୁ ଉପସ୍ଥାପନ କରିଥିଲେ। ଆଲୋଚନାରେ ନାରୀ, ଶିଶୁ ଓ ଯୁବଗୋଷ୍ଠୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନ, ସ୍ଥାନାନ୍ତରଣ ଓ ଗ୍ରାମୀଣ ଜୀବିକାର ପ୍ରସଙ୍ଗ କେତେ ସମ୍ବେଦନଶୀଳ ସେ ସମ୍ପର୍କରେ ରାଜନଗର ଓ ମହାକାଳପଡ଼ାର ବିଡିଓ ଏବଂ ପିଇଓ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲାର ବିଭିନ୍ନ ବର୍ଗର ପ୍ରତିନିଧିଗଣ ଯୋଗେଦେଇ ଜିଲ୍ଲାର ଦାଦନ ଶ୍ରମିକ ହଟାଇବା, ଗ୍ରାମୀଣ ପରିବେଶରେ ଅର୍ଥନୀତିକୁ ଅଭିବୃଦ୍ଧି, ଶିକ୍ଷାର ଗୁଣାତ୍ମକ ବିକାଶ, ପାନୀୟ ଜଳ, ପରିମଳ ସେବା ବିପର୍ଯ୍ୟସ୍ତ ଆଡକୁ ଅଗ୍ରସର ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସମସ୍ୟା ଉପରେ ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଜିଲ୍ଲା ସଂଯୋଜକ ରବିନାରାୟଣ ନାୟକ, ପବିତ୍ର କୁମାର ସ୍ୱାଇଁ, ୱାସନର ଜିଲ୍ଲା ସଂଯୋଜକ ଶିତିକଣ୍ଠ ସାମନ୍ତସିଂ, ଆଡଏଟ ଆକ୍ସନର ଏମଆରସି ସଂଯୋଜିକା ସସ୍ମିତା ଦାସ ଓ ସେବାର ସମ୍ପାଦିକ ଅଳକା ସାହୁ ପ୍ରମୁଖ କାର୍ଯ୍ୟକ୍ରମର ସଞ୍ଚାଳନା ସହିତ ସହଯୋଗ କରିଥିଲେ। ଶେଷରେ ଚାଇଲ୍ଡ ଏକ୍ସପୋର୍ଟ ପ୍ରଣତି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ନିଶା ନିବାରଣ ସମିତି ପକ୍ଷରୁ ସଚେତନତା ସଭା



**ରାଜକନିକା,୧୦।୯ (ସମିସ):** ଗାଁରେ ଚୋରା ମଦବିକ୍ରିର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ମିଳିତ ଓଡିଶା ନିଶା ନିବାରଣ ସମିତି ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି। ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ ବାଂଶରୀଆ ପାଟଣା ଗାଁରେ ଗତ ୭ ତାରିଖ ଦିନ ଗ୍ରାମ କମିଟିର ସଭ୍ୟ ତଥା ସରପଞ୍ଚଙ୍କ ପ୍ରତିନିଧି ରଞ୍ଜନ ସେଠୀଙ୍କ ନେତୃତ୍ୱରେ ଗାଁର ଶତାଧିକ ମହିଳା ଏକତ୍ରିତ ହୋଇ ଗାଁରେ ତିନିଜାଗାରେ ଚୋରାମଦ ବିକ୍ରିକୁ ବନ୍ଦ କରାଯାଉ ବୋଲି ପିକେଟିଂ କରିଥିଲେ। ଚୋରାରେ ମଦ ବିକ୍ରି କରୁଥିବା ୩ଟି ଦୋକାନ ଉପରେ ଚଢ଼ଉ କରି ଆଗାମୀ ଦିନରେ ମଦ ବିକ୍ରି ନ କରିବାକୁ ଚେତାବନୀ ଦେଇଥିବା ଜାଣି ମିଳିତ ଓଡିଶା ନିଶା ନିବାରଣ ସମିତି ପକ୍ଷରୁ ଆଜି ଏହି ଗାଁରେ ସଚେତନତା ସଭା କରାଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ଥାନାଧିକାରୀ ସଞ୍ଜୟ ମଲ୍ଲିକ, ମୁଖ୍ୟବକ୍ତା ଭାବରେ ଶିକ୍ଷକନେତା କାଳିପ୍ରସାଦ ନାୟକ ଏବଂ ସମ୍ମାନିତ ବକ୍ତା ଭାବରେ ସୁରେଶ ଚନ୍ଦ୍ର ମିଶ୍ର, ଗୋପୀନାଥ ବିଶ୍ୱାଳ, ସରପଞ୍ଚ ଗୀତାଞ୍ଜଳି ସେଠୀ ପ୍ରମୁଖ ନିଶା ବନ୍ଦ ପାଇଁ ବକ୍ତବ୍ୟ ରଖିଥିଲେ। ସଭାରେ ଗାଁର ମୁରବୀ ନୀଳମଣି ଗୁଡ୍ଡୁ ସଭାପତିତ୍ୱ କରିଥିବା ବେଳେ ରମେଶ ରାଉତ, ଇନ୍ଦ୍ରମଣି ନାୟକ, ବଳରାମ ବେହେରା, ବିଶ୍ୱରଞ୍ଜନ ନାୟକଙ୍କ ସମେତ ଶତାଧିକ ମହିଳା, ପୁରୁଷ ଉପସ୍ଥିତ ରହି ଚୋରା ମଦ ବିକ୍ରି ବିରୁଧରେ ଚାଲିଥିବା ପ୍ରତିବାଦକୁ ସଶକ୍ତ କରିଥିଲେ।

## ବିଦ୍ୟାଳୟ ପରିସରରୁ ଜଳ ନିଷ୍କାସନ ନେଇ ତହସିଲଦାରଙ୍କ ଉଦ୍ୟମ

**ରାଜକନିକା,୧୦।୯ (ସମିସ):** କ୍ରମାଗତ ଭାବରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲଗାଣବର୍ଷାରେ ଉବୁଟୁବୁ ହେଉଥିବା ଦେଉଳିର ନରେନ୍ଦ୍ର ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଖବର ପ୍ରସାରଣ ପରେ ଆଜି କନିକା ତହସିଲଦାର ଭାନୁମତୀ ମାଝୀ ବିଦ୍ୟାଳୟକୁ ଯାଇ ସ୍ଥିତି ଦେଖିଛନ୍ତି। ଛାତ୍ରଛାତ୍ରୀ ପାଇଖାନା ବ୍ୟବହାର କରି ନ ପାରିବା, ପିଇବାପାଣି ପାଇଁ ନଳକୂଅ ବ୍ୟବହାର କରି ପାରୁ ନଥିବା ବେଳେ ସରୀସୃପଙ୍କ ଅବାଧ ବିଚରଣ ଓ ପରିବେଶ ସଂକ୍ରମଣ ଜନିତ ରୋଗବ୍ୟାଧି ହେବାର ସମସ୍ୟା ଉପଲବ୍‌ଠଧ କରିଥିବା ପ୍ରଶାସନ ଆସନ୍ତା ୧୫ଦିନ ମଧ୍ୟରେ ସ୍ଥାୟୀ ସମାଧାନ କରିବାକୁ ପ୍ରତଶ୍ରୁତି ଦେଇଛନ୍ତି। ବିଦ୍ୟାଳୟ କାନ୍ଥକୁ ଲାଗି ରହିଥିବା ପାଣି ଯୋଗୁ ନାନା ସମସ୍ୟା ହେଉଥିବା ଆଜି ବିଦ୍ୟାଳୟର ପରିଚାଳନା କମିଟି, ଅଭିଭାବକମାନେ ଆଲୋଚନା କରିଥିଲେ।



## ଗାନ୍ଧୀମୂର୍ତ୍ତି ଭଙ୍ଗା ଘଟଣାରେ ଜନଶକ୍ତି ପାର୍ଟି ପକ୍ଷରୁ ତିବ୍ର ନିନ୍ଦା

**ଡେରାବିଶ,୧୦।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ କାଉପଡ଼ା ପଞ୍ଚାୟତ ଅଧୀନ ନିଳିକଣା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଘଟଣାରେ ଜନଶକ୍ତି ପାର୍ଟି ପକ୍ଷରୁ ଏହାର ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ତିବ୍ର ନିନ୍ଦା କରିଛନ୍ତି। ଶ୍ରୀ ଦାଶ ତାଙ୍କ ପ୍ରେସ୍ ବିବୃତିରେ କହିଛନ୍ତି ଏହା ଅମାନବୀୟ କାର୍ଯ୍ୟ। ଦୁର୍ବୃତ୍ତ ଗାନ୍ଧିଙ୍କ ମୂର୍ତ୍ତିକୁ ସିନା ଭାଙ୍ଗିଦେଲେ ହେଲେ ତାଙ୍କ ଦର୍ଶନ ଓ ବିଚାରଧାରାକୁ କେହି ଭାଙ୍ଗିପାରିବ ନାହିଁ। ସୂଚନାଯୋଗ୍ୟ ସୋମବାର ବିଳମ୍ବିତ ରାତିରେ ବିଦ୍ୟାଳୟ ପସରିରେ ଥିବା ଗାନ୍ଧି ମୂର୍ତ୍ତିର ଗୋଡ଼ ଓ ହାତକୁ କେହି ଦୁର୍ବୃତ୍ତ ଭାଙ୍ଗିଦେଇଥିବା ବେଳେ ମୂର୍ତ୍ତିଟି ଗୋଟିଏ ପଟକୁ ଢଳିପଡ଼ିଥିବା ଦେଖିବାକୁ ମିଳିଥିଲା।



## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ

**କେନ୍ଦ୍ରାପଡ଼ା,୧୦।୯ (ସମିସ):** କେନ୍ଦ୍ରାପଡ଼ା ବ୍ଲକ୍ ଅଧୀନ କଳପଡା ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କଳପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.ଶରତ ଚନ୍ଦ୍ର ସ୍ୱାଇଁ, ଉପମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ ଧନେଶ୍ୱର ସାହାଣୀ, ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ସଦସ୍ୟ ଜଗନ୍ନାଥ ସ୍ୱାଇଁ, ଅର୍ଥ ସମ୍ପାଦକ ମନମୋହନ ସାମଲ, ସଂଗଠନ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ପତ୍ରିକା ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତି, ସାଧୁଚରଣ ସାମଲ, ତ୍ରିଲୋଚନ ସ୍ୱାଇଁ, ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷର ଚାରାରୋପଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ସ୍ୱାଇଁ, ବିଜ୍ଞାନ ଶିକ୍ଷକ ଗୋପୀନାଥ ପାତ୍ର, ଖେଳ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବେହେରା, ମଧୁସ୍ମିତା ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦରମା ଦାବିରେ ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣା


**ପଟ୍ଟାମୁଣ୍ଡାଇ,୧୦।୯ (ସମିସ):** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନରେ ଥିବା ଖଡିଅଣ୍ଡା ସମବାୟ ସମିତିର ସହସମ୍ପାଦକ ପ୍ରତାପ ନାୟକ, ପିଅନ ମାଧବାନନ୍ଦ ଦାସ ଓ ୱାଚମ୍ୟାନ ରମେଶ ମଲିକ ଦୀର୍ଘ ବର୍ଷ ହେବ ଦରମା ନପାଇ କାର୍ଯ୍ୟ କରିଆସୁଛନ୍ତି। ଫଳରେ ଉକ୍ତ କର୍ମଚାରୀମାନେ ଆର୍ଥିକ ଦୁଃସ୍ଥିତି ଦେଇ ଗତିକରିବା ସହିତ ପରିବାର ଚଳାଇବା, ଚିକିତ୍ସା ଓ ପିଲାମାନଙ୍କ ପାଠପଢା ଠପ ହୋଇଯାଇଛି। ବାରମ୍ବାର ସମବାୟ ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି ଫଳ ମିଳିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଶେଷରେ ଅନ୍ୟ ଉପାୟ ନପାଇ ଦରମା ଦାବିରେ ଉପରୋକ୍ତ କର୍ମଚାରୀମାନେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ସମ୍ମୁଖରେ ଧାରଣା ଦେଇଥିଲେ।



**ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

ଧାରଣାକୁ ଜିଲ୍ଲା ସମବାୟ ସମିତି କର୍ମଚାରୀ ସଂଘ ସଭାପତି ବୈରାଗୀ ସାହୁ, ସମ୍ପାଦକ ଅସିତ ବେଉରିଆ କୋଷାଧକ୍ଷ ସୁବୋଧ ଲେଙ୍କା, ଉପଦେଷ୍ଟା ବ୍ରଜବନ୍ଧୁ ଦାଶ, ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ସୁରେଶ ପାତ୍ର, ଡେରାବିଶ ବ୍ଲକ ସଭାପତି ସୁବ୍ରତ ନାୟକ, ରାଜନଗର ବ୍ଲକ ସଭାପତି ନୀଳମଣି ପ୍ରଧାନ, ରାଜକନିକା ବ୍ଲକ ସଭାପତି ଲଳିତ ମୋହନ ରାୟ, ମହାକାଳପଡା ବ୍ଲକ ସଭାପତି ଚୌଧୁରୀ ଚିଦାନନ୍ଦ ଦାସ ପ୍ରମୁଖ ସମର୍ଥନ କରି ଧାରଣା ଦେଇଥିଲେ। ବରିଷ୍ଠ ସହକାରୀ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ ଟେଲିଫୋନ ଯୋଗେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ପ୍ରଶାନ୍ତ ମହାପାତ୍ରଙ୍କୁ ୩ଦିନ ମଧ୍ୟରେ ଦରମା ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀ ମହାପାତ୍ର ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ୩ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବିଦ୍ୟାଳୟ ଲାଇବ୍ରେରୀରୁ ଖସିଲା ସିଲିଂ



**ରାଜକନିକା,୧୦।୯ (ସମିସ):** ରାଜକନିକା ସଦର ବାଳିକା ଉଚ୍ଚ ବିଦ୍ୟାଳୟର୍ ଲାଇବ୍ରେରୀ ରୁମର ସିଲିଂ ଖସିବା ଘଟଣା ସାମ୍ନାକୁ ଆସିଛି। ସୌଭାଗ୍ୟବଶତ ସିଲିଂ ଖସିବା ବେଳେ କୌଣସି ଛାତ୍ରୀ ବା ଶିକ୍ଷକ ସେଠି ନ ଥିବାରୁ ବଡ଼ ଅଘଟଣ ଟଳି ଯାଇଛି। ସିଲିଂ ଖସିବା ଘଟଣାରେ ରାଜକନିକା ବିଡିଓଙ୍କୁ ପଚାରିବାରୁ ସେ ଏକଥା ସ୍ୱୀକାର କରିବା ସହ ତିନି ବର୍ଷ ତଳର କାମ ହୋଇଥିଲା। ସମ୍ପୃକ୍ତ ଜେଇଙ୍କୁ ପଠାଇ ତଦନ୍ତ କରି କଣ ହୋଇପାରିବ ତାହା କରିବେ ବୋଲି ସେ କହିଛନ୍ତି। ସଦରର ଏହି ବାଳିକା ହାଇସ୍କୁଲର ସିଲିଂ ଖସିବା ପରେ ପ୍ରଧାନଶିକ୍ଷକ ଘଟଣା ବିଷୟରେ ବିଡିଓଙ୍କୁ ଜଣାଇଥିଲେ।

# ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ,୧୦।୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ନୂତନ ବିଡିଓ ଭାବେ ବରିଷ୍ଠ ମହିଳା ପ୍ରଶାସନିକ ଅଧିକାରୀ ଶୀତଲ ଅଗ୍ରୱାଲ ଆଜି କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବରୁ ସେ ବାଣପୁର ବ୍ଲକ୍ ବିଡିଓ ଭାବେ କାର୍ଯ୍ୟକରି ବେଶ୍ ଅଭିଜ୍ଞତା ହାସଲ କରିଛନ୍ତି। ଆଜି ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ବିଡିଓ ଭାବେ ଯୋଗଦେବା ପରେ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମିତି ସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ସରପଞ୍ଚ ସର୍ବଶ୍ରୀ ସନ୍ତୋଷ ସେଠୀ, ପ୍ରିୟବ୍ରତ ଓଝା, ସଂଗ୍ରାମ ବାରିକ, ରମେଶ ମଲ୍ଲିକ, ଦେବବ୍ରତ ନାୟକ, ବୁଦ୍ଧିରାମ ବେହେରା, ବନୋଜ ସେଠୀ, ଶତ୍ରୁଘ୍ନ ମଲିକ, ପ୍ରତାପ ସେଠୀ, ସିଦ୍ଧାର୍ଥ ଦାସ, ସୁଧାଂଶୁ ଜେନା, ନାରାୟଣ ରାଉତ, ସୁକାନ୍ତ ସେଠୀ, ରାମଚନ୍ଦ୍ର ରାଉତ, ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ନିରଞ୍ଜନ ବାରିକ, ସୁରେଶ ଜେନା, ସୁବାଷ ବାରିକ, ତୃପ୍ତିମୟୀ ମଲିକ, ରୁଦ୍ର ନାରାୟଣ ସାମନ୍ତରାୟ, ପଦ୍ମଜା ପ୍ରିୟମ୍ବଦା କର, ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ ଓ ମିନତୀ ପାତ୍ର ପ୍ରମୁଖ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ ଓ ରଶ୍ମିତା ତରାଇ, ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ, ବନ୍ଦିତା ବେହେରା, ତପସ୍ୱିନୀ ମହାପାତ୍ର, ସ୍ନିଗ୍ଧା ସାହୁ, ରତ୍ନେଶ ପାଣ୍ଡେ, ପ୍ରତାପ ସାହୁ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାନ, ସିଡିପିଓ ଲକ୍ଷ୍ମୀମଣି ସିଂ ଓ ପଟ୍ଟାମୁଣ୍ଡାଇ ବ୍ଲକ୍ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ମୁଖ୍ୟ କିରାଣୀ ଗୌରୀ ବେହେରା, ପିଇଓ ଅନନ୍ତ ବିଶ୍ୱାଳ, ପ୍ରଭାତ ମଲିକ, ଜ୍ୟୋତିରଞ୍ଜନ ସାମଲ ଓ ସର୍ବେଶ୍ୱର ବରାଳ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।



## ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଦକ୍ଷତା କର୍ମଶାଳା

**ରାଜନଗର,୧୦।୯ (ସମିସ):** ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଜୈବବିବିଧତା ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଡିସିଏଫ ମାନସ କୁମାର ମିଶ୍ର, ରାଜନଗର ଡିଏଫଓ ଭରଦ ରାଜ ଗାଁଙ୍କର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଜାତୀୟ ଉଦ୍ୟାନ ପ୍ରକୃତର ବରଦାନ, ଜୈବବିଭିଧତାର ସୁରକ୍ଷା ସଂରକ୍ଷଣ କ୍ଷେତ୍ରରେ ସମିତିର ଦାଇତ୍ୱବୋଧ ଓ କର୍ତ୍ତବ୍ୟ କ୍ଷେତ୍ରରେ ସଦସ୍ୟମାନଙ୍କ ଦକ୍ଷତା ଉପରେ କହିଥିଲେ। ଏସିଏଫ ମାନସ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କର୍ମଶାଳାରେ ବୈଜ୍ଞାନିକ ସତ୍ୟରଞ୍ଜନ ବେହେରା ଜୈବବିବିଧତା ଉପରେ ଆଲୋଚନା ଏବଂ ପ୍ରକଳ୍ପ ମାଧ୍ୟମରେ ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ଭିତରକନିକା ଜାତୀୟ ଉଦ୍ୟାନ ସୀମାବର୍ତ୍ତୀ ଡାଙ୍ଗମାଳ, କୃଷ୍ଣନଗର, ତାଳଚୁଆ, ଖମାରସାହି ପ୍ରଭୃତି ୯ଟି ପଞ୍ଚାୟତରେ ଗଠିତ ଜୈବବିବିଧତା ସମିତିର ସଦସ୍ୟ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ନବୀନ କୁମାର ମଲ୍ଲିକ, ପ୍ରକାଶ ଦାସ, ଫରେଷ୍ଟଗାର୍ଡ ବବୁଲ କୁମାର ପରିଡ଼ା ଓ କଳ୍ପତରୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

**କାଟଣାବଣିଆ ପଞ୍ଚାୟତ**

# ବନ୍ୟା ପୀଡ଼ିତଙ୍କୁ ରିଲିଫ୍ ଓ ଚାଷୀଙ୍କୁ କ୍ଷତିପୂରଣ ଦାବି


**ରାଜକନିକା,୧୦।୯ (ସମିସ):** ଲଗାତର ଚାରିଥର ବନ୍ୟାରେ ଉବୁଟୁବୁ ହେଉଛି କାଟଣାବଣିଆ ପଞ୍ଚାୟତ। ବନ୍ୟାପୀଡ଼ିତଙ୍କ ଦୁଃଖ କହିଲେ ନସରେ। ଚାଷ ଉପରେ ନିର୍ଭରଶୀଳ ପଞ୍ଚାୟତର ୯ଟି ରାଜସ୍ୱ ଗ୍ରାମରେ ନାହିଁ ନଥିବା କ୍ଷୟକ୍ଷତି ଘଟିଛି। ସବୁ ଜାଣି ମଧ୍ୟ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ନୀରବ। ଲୋକଙ୍କ ଦୁର୍ଦ୍ଦଶା ଗଣମାଧ୍ୟମରେ ପ୍ରକାଶିତ ପରେ ରାଜକନିକା ବ୍ଲକ୍ ପ୍ରଶାସନର ନିଦ ଭାଙ୍ଗିନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଖରସ୍ରୋତା ଓ ବ୍ରାହ୍ମଣୀ ନଦୀର ଲଗାତର ବନ୍ୟାରେ କାଟଣାବଣିଆ ପଞ୍ଚାୟତର ଦୁଃଖ ଶୁଣିବାକୁ କେହି ନ ଥିବା ବେଳେ ଆଜି ପଞ୍ଚାୟତର ଅଧିବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇ ବନ୍ୟାପୀଡ଼ିତଙ୍କୁ ରିଲିଫ ଓ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ଜୁନ ମାସରୁ ଲାଗି ରହିଥିବା ଲଗାଣ ବର୍ଷାରେ ପ୍ରଥମେ ତଳି ନଷ୍ଟ ପରେ ଯେତେଥର ବିହନ ସଂଗ୍ରହ କରି ଚାଷୀ ଧାନ ରୋଇଛି, ସବୁଥର ବନ୍ୟା ତାକୁ ଧୋଇ ପଚେଇ ଦେଇଛି। ଚାଷୀ ଋଣକରି ଚାଷରେ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଏବେ ବନ୍ୟା ବର୍ଷକର ଦାନା ଛଡ଼େଇ ନେଇଛି। ଅନେକ କଚା ଘର ଭାଙ୍ଗିଛି, ବହୁ ରାସ୍ତା ନଷ୍ଟ ହୋଇଛି। ଗୃହପାଳିତ ପଶୁଙ୍କ ପାଇଁ ନାଁ ଅଛି ଗୋଖାଦ୍ୟ ନାଁ ଅଛି କାହାରି ସମବେଦନା। ଚଳିତ ବନ୍ୟାରେ ପୁରା ନିଦାବିଷ୍ଟୁ ସାଜିଛି ପ୍ରଶାସନ। ଗାଁ ଗୁଡିକ ପାଣି ଘେରରେ ରହିବାରୁ କେତେକ ଘରେ ପାଣି ପଶିଛି। ନଳକୂଅ ବନ୍ୟାରେ ବୁଡିଥିବାରୁ ପିଇବା ପାଣି ପାଇଁ ବନ୍ୟା ପାଣିକୁ ଲୋକେ ବ୍ୟବହାର କରୁଛନ୍ତି। କୁମ୍ଭୀର ବନ୍ୟା ପାଣିରେ ଗାଁକୁ ପଶି ଆସୁଛି ଏବଂ ଭୟରେ ପାଣିରେ ପଶି ଲୋକେ ଯିବାଆସିବା କରୁଥିବା ବେଳେ ମଧ୍ୟ ସରକାରଙ୍କ ପକ୍ଷରୁ ଡଙ୍ଗା ସୁବିଧା ମିଳିନି। ସ୍କୁଲ, ଅଙ୍ଗନବାଡି ଘର ଓ ରାସ୍ତାରେ ପାଣି। ପୂର୍ବରୁ ସମସ୍ତ ବନ୍ୟାରେ ପ୍ରଶାସନ ଡଙ୍ଗା ବ୍ୟବସ୍ଥା, ରନ୍ଧା ଓ ଶୁଖିଲା ଖାଦ୍ୟ ସହ ଗୋଖାଦ୍ୟ ଯୋଗାଇବା ଉପରେ ଗୁରୁତ୍ୱ ଦେଉଥାଏ। ମାତ୍ର ଚଳିତ ଲଗାତର ବନ୍ୟାରେ ରାଜକନିକା ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ଚୁପ ରହିଛି ବୋଲି ଅଭିଯୋଗ ହେଉଛି। ବିଡିଓ ଏବଂ ତହସିଲଦାର ଦାୟିତ୍ୱରେ ଜଣେ ଅଧିକାରୀ ଥିବା ବେଳେ ସେ ବନ୍ୟାସ୍ଥିତିକୁ ନିୟନ୍ତ୍ରଣ କରିବାରେ ପୁରା ଫେଲ ମାରିଥିବା ଅଭିଯୋଗ କରି ଆଜି ତହସିଲଦାରଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। କାଟଣାବଣିଆ ପଞ୍ଚାୟତର ଧୋୟାଞ୍ଚଳର ବିଶାବାଟ, ସିଙ୍ଗିଡ଼ି, ଜୟକୁଣ୍ଡା, ବାଜପୁର ପତରପୁର, ଡାଏଣିଗିରି, ପାଣ୍ଡରକୋଲି ଓ ବିରାଡ଼ିଆ ମୌଜାର ଅଧିବାସୀଙ୍କ ବନ୍ୟା କ୍ଷୟକ୍ଷତି ଭରଣା ପାଇଁ ସରକାରୀ ସହାୟତା, କୃଷିଋଣ ଛାଡ଼, ରିଲିଫ ପ୍ରଦାନ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।



## 'ସାଂସଦ ଖେଳ ମହୋତ୍ସବ'ର ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ,୧୦।୯ (ସମିସ):** ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ଓ ଯୁବ ପ୍ରତିଭାର ଅନ୍ୱେଷଣ ପାଇଁ ଆରମ୍ଭ ହୋଇଥିବା ସାଂସଦ ଖେଳ ମହୋତ୍ସବ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଶ୍ରୀରାମ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ସାଂସଦ ଖେଳ ମହୋତ୍ସବର ସଂଯୋଜକ ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକରେ ଜିଲ୍ଲା ବିଜେପି ଉପ ସଭାପତି ଅଭିମନ୍ୟୁ ଗୋଛାୟତ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ କିପରି କ୍ରୀଡ଼ାର ବିକାଶ ହୋଇପାରିବ ଓ ଅଧିକରୁ ଅଧିକ ଯୁବ ଖେଳାଳିମାନେ ବିଭିନ୍ନ କ୍ରୀଡ଼ାରେ ଭାଗନେଇ କ୍ରୀଡା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିପାରିବେ ସେଥିପାଇଁ ପ୍ରୋତ୍ସାହିତ କରିବା ପାଇଁ ନିବେଦନ ରଖିଥିଲେ। ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଜୋନର ସଭାପତି ସ୍ୱାଗତ ଦାସ, ଉଦୟ ଶଙ୍କର ଦାସ, ଶଙ୍କର ସେଠୀ, ଆରୋଶିସ ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ରାକେଶ ବାରିକ, ପିତାମ୍ବର କର, ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ସ୍ୱାଇଁ, ପୂର୍ବତନ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ସସ୍ମିତା ପାତ୍ର, ରୋମନି ସିଂ, ଦୀପକ ଭଦ୍ରା, ଜ୍ୟୋତିପ୍ରକାଶ ଦାସ, ଦେବାଶିଷ ମଲିକ, ଅନ୍ତର୍ଯ୍ୟାମୀ ମଲିକ, ପରେଶ ସାହୁ, ନଳିନୀକାନ୍ତ ବିଶ୍ୱାଳ, ରଞ୍ଜନ ସୁତାର, ହେମନ୍ତ ନାୟକ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଓ କ୍ରୀଡ଼ାପ୍ରେମୀ ଯୋଗଦେଇଥିଲେ।

# ସମ୍ପାଦକୀୟ



ଦୁଇଟି ପରିସ୍ଥିତିରେ ନିରବ ରହିବା ଶ୍ରେୟସ୍କର - ଯେଉଁଠାରେ ତୁମେ କିଛି ନ କହିଲେ ମଧ୍ୟ ଲୋକେ ବୁଝିଯାଆନ୍ତି ଏବଂ ଯେଉଁଠାରେ ତୁମେ ଯେତେ କହିଲେ ମଧ୍ୟ ଲୋକେ ବୁଝିପାରନ୍ତି ନାହିଁ।
-ଡ. ଏ ପି ଜେ ଅବଦୁଲ୍ କାଲାମ୍

ସକାଳ
THE SAKALA

## ବିଡ଼ମ୍ବିତ ନେତୃତ୍ୱ

ପୁରୁଷଙ୍କ ସହ ମହିଳାଙ୍କୁ ସମାନ ଅଧିକାର ପ୍ରସଙ୍ଗ ଆଜିର ନୁହେଁ। ବ୍ୟବସ୍ଥାପିକାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ସକାଶେ ସଂରକ୍ଷଣ ସୁବିଧା ପ୍ରଦାନ ବିଲ ସଂସଦରେ ଅନୁମୋଦନ ଲାଭ କରିଥିଲେ ମଧ୍ୟ ତାହା ଏବେ ମଧ୍ୟ ଆଇନଗତ ସ୍ୱୀକୃତି ଅପେକ୍ଷାରେ। ଯେତେଦୂର ସମ୍ଭବ ଆଗାମୀ ଜନଗଣନା ପରେ ସରକାର ଏହି ସଂରକ୍ଷଣ ସୁବିଧା କାର୍ଯ୍ୟକାରୀ କରିବେ। ତେବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରପାଳିକାରେ ମହିଳାମାନେ ଏହି ସୁବିଧା ପାଇଛନ୍ତି। ବିଜୁବାବୁଙ୍କ ଦ୍ୱିତୀୟ ପାଳି ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ପଞ୍ଚାୟତ ଓ ପୌର ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣକୁ ଆଇନଗତ ସ୍ୱୀକୃତି ଦେଇଥିଲା।

ଆମ ଦେଶରେ ରାଜନୈତିକ ସ୍ତରରେ ପୁରୁଷଙ୍କ ସମକକ୍ଷ ହେବା ଭଳି ମହିଳାଙ୍କ ଦକ୍ଷତା ଓ ଯୋଗ୍ୟତା କିଛି କମ ନୁହେଁ। କିନ୍ତୁ ସେମାନଙ୍କ ପ୍ରାର୍ଥିତ୍ୱ ମନୋନୟନରେ ପୁରୁଷପ୍ରଧାନ ଦଳୀୟ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ଅଯୋଗ୍ୟ ପୁରୁଷ ପ୍ରାର୍ଥୀ କ୍ଷମତାକୁ ଆସୁଛନ୍ତି। ଅଥଚ ଯୋଗ୍ୟ ମହିଳା ପ୍ରାର୍ଥୀ ମୁଖ୍ୟସ୍ରୋତରୁ ବଞ୍ଚିତ ହେଉଛନ୍ତି। ତେବେ ଯେଉଁ କେତେକ କ୍ଷେତ୍ରରେ ନିର୍ବାଚିତ ମହିଳାମାନେ ନୀତି ନିର୍ଦ୍ଧାରକ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ସେଠାରେ ମଧ୍ୟ ପୁରୁଷ ପ୍ରାଧାନ୍ୟ ମାନସିକତାର ଛାପ ରହୁଛି। ବିଶେଷକରି ପଞ୍ଚାୟତ ଓ ପୌରପାଳିକା ସ୍ତରରେ କ୍ଷମତା ଓ ଦାୟିତ୍ୱ ପରିଚାଳନାରେ ମହିଳା ଜନପ୍ରତିନିଧିଙ୍କ ସ୍ୱାମୀଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପ ଓ ପ୍ରତ୍ୟକ୍ଷ ସହଯୋଗ ଏକ ବ୍ୟବସ୍ଥାରେ ପରିଣତ ହୋଇସାରିଛି। ମହାନଗର ନିଗମ ସ୍ତରରେ ମଧ୍ୟ ମହିଳା କର୍ପୋରେଟରଙ୍କ ସ୍ୱାମୀମାନେ ସରକାରୀ ସ୍ତରରେ କର୍ପୋରେଟରଙ୍କ ସ୍ୱୀକୃତ ପ୍ରତିନିଧି ରୂପେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସତେଯେପରି ସବୁସ୍ତରରେ ଏହା ଗ୍ରହଣଯୋଗ୍ୟ ହୋଇଯାଇଛି। କିନ୍ତୁ ରାଜନୀତିରେ ଉଚ୍ଚତର ସୋପାନରେ ସାଧାରଣତଃ ମହିଳା ପଦାଧିକାରୀ ସ୍ୱୟଂସଂପୂର୍ଣ୍ଣ ଓ ସୁଦକ୍ଷ। ପ୍ରତିଦ୍ୱନ୍ଦ୍ୱୀ ପୁରୁଷଙ୍କଠାରୁ ମଧ୍ୟ ଅତି ନିପୁଣତାର ସହ ଦାୟିତ୍ୱ ତୁଲାଇ ସମସ୍ତଙ୍କ ପ୍ରଶଂସାଭାଜନ ହୋଇପାରିଥିବାର ସ୍ୱର୍ଣ୍ଣିମ ଇତିହାସ ଆମ ଦେଶରେ ରହିଛି। ଅଥଚ ନିକଟରେ ଏହାର ଏକ ବିରଳ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତି ପ୍ରେକ୍ଷାପଟ୍ଟରେ ଆମେ ଏଠାରେ ଏହି ପ୍ରସଙ୍ଗ ଉପସ୍ଥାପନ କରୁଛୁ। ଗତ ଶନିବାର ଦିନ ଶାଲିମାରବାଗ୍ ସ୍ଥିତ ଜନସେବା ସଦନରେ ଅନୁଷ୍ଠିତ ସରକାରୀ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟବସାୟୀ ସ୍ୱାମୀ ମନୀଷ ଗୁପ୍ତାଙ୍କ ଯୋଗଦାନ ଓ ସରକାରୀ ପଦାଧିକାରୀଙ୍କ ସହ ତାଙ୍କର ମତବିନିମୟ ପ୍ରତିପକ୍ଷକୁ ଆଲୋଚନାର ଖୋରାକ୍ ଯୋଗାଇଛି। ପଞ୍ଚାୟତ ସ୍ତରରେ ପରିଲକ୍ଷିତ ଦୃଶ୍ୟପଟ୍ଟ ରାଜ୍ୟ ନେତୃତ୍ୱ କ୍ଷେତ୍ରରେ ପୁନରାବୃତ୍ତି ଘଟିବା ଅସମୀଚୀନ। ଏହି ଘଟଣାକୁ ଦିଲ୍ଲୀର ଆପ ନେତା ସୌରଭ ଭରଦ୍ୱାଜ କଡ଼ା ସମାଲୋଚନା କରିବା ସହ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ଆକ୍ଷେପ କରିଛନ୍ତି। କ୍ଷମତା ରାଜନୀତିରେ ସରକାରୀ ଓ ବିରୋଧୀ ପକ୍ଷ ମଧ୍ୟରେ ଏପ୍ରକାର ଆରୋପ ଓ ପ୍ରତିଆରୋପ ନୂଆକଥା ନହେଲେ ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କ ପାରଦର୍ଶିତା ସନ୍ଦେହ ଘେରକୁ ଆସିଯାଇଛି।

ରେଖାଗୁପ୍ତାଙ୍କ ପୂର୍ବରୁ ସୁଷମା ସ୍ୱରାଜ ଓ ଶୀଲା ଦୀକ୍ଷିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରେ ରହି ମହିଳା ସଶକ୍ତୀକରଣ ଓ କାର୍ଯ୍ୟଦକ୍ଷତାର ଛାପ ସମଗ୍ର ଦେଶରେ ଛାଡ଼ି ଯାଇଛନ୍ତି। ଶୀର୍ଷସ୍ତରରେ ମହିଳାଙ୍କ ନେତୃତ୍ୱ ସଂପର୍କରେ ଉଲ୍ଲେଖ କଲାବେଳେ ଇନ୍ଦିରା ଗାନ୍ଧୀ ଓ ମାର୍ଗରେଟ ଥାଚରଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଭାବୀ ଭୂମିକା ପ୍ରତି ବିଶ୍ୱ ନେତୃତ୍ୱବର୍ଗଙ୍କ ଥିବା ସ୍ୱତନ୍ତ୍ର ଶ୍ରଦ୍ଧା ଓ ସମ୍ମାନ ସାମ୍ନାକୁ ଆସିଯାଏ। ବ୍ୟବସ୍ଥାପିକା ସଂସ୍ଥାରେ ପ୍ରତିନିଧିତ୍ୱ କରି ଆଇନ ପ୍ରଣୟନକାରୀ ଭୂମିକା ତୁଲାଇବାରେ ଆମ ଦେଶର ମହିଳାମାନେ ବେଶ ଯୋଗ୍ୟ ଓ ସମର୍ଥ। ତେଣୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ସବୁସ୍ତରରେ ସ୍ୱାଗତ କରାଯାଉଛି। ତେବେ ଏକ୍ଷେତ୍ରରେ ରାଜନୈତିକ ଦଳଗୁଡ଼ିକ ସୁଚାରୁ ରୂପେ ନିଜର ଦାୟିତ୍ୱ ତୁଲାଇବା ଜରୁରୀ। ଆମ ଜନସଂଖ୍ୟାର ଆପାତତଃ ୫୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ବାଛବିଚାର ମୁକ୍ତ ସହଯୋଗ ମିଳିଲେ ସୁସ୍ଥ ସାମାଜିକ ବ୍ୟବସ୍ଥା ଗଠନ ସମ୍ଭବ ହେବ।

## ଆକାଂକ୍ଷିତ ବିଜୟ

ଦେଶର ୧୭ତମ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅବସାନ ଘଟିଛି। ଏନଡିଏ ପ୍ରାର୍ଥୀ ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଆଶା କରାଯାଉଥିବା ଭୋଟଠାରୁ ଯଥେଷ୍ଟ ଅଧିକ ପାଇ ନିର୍ବାଚିତ ହୋଇଛନ୍ତି। ଏନଡିଏର ଲୋକସଭା ଓ ରାଜ୍ୟସଭା ସଦସ୍ୟ ସଂଖ୍ୟା ୪୨୫ ଥିବା ବେଳେ ସେ ପାଇଛନ୍ତି ୪୫୨ ଭୋଟ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟର ସଦସ୍ୟ ସଂଖ୍ୟା ୩୧୨ ହୋଇଥିବା ବେଳେ ବିରୋଧୀ ପ୍ରାର୍ଥୀ ଜଷ୍ଟିସ ବି. ସୁଦର୍ଶନ ରେଡ୍ଡୀଙ୍କ ସପକ୍ଷରେ ୩୦୦ ଭୋଟ ପଡ଼ିଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗଠିତ ଇଲେକ୍ଟୋରାଲ କଲେଜର ସଦସ୍ୟ ସଂଖ୍ୟା ୭୮୧। ନିର୍ବାଚନ ପୂର୍ବରୁ ବିଜେଡି, ବିଆରଏସ ଓ ଶିରୋମଣି ଅକାଳୀ ଦଳ. ମତଦାନରୁ ବିରତ ରହିବେ ଘୋଷଣା କରିଥିବାରୁ ମୋଟ ୭୬୭ ସଦସ୍ୟ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ଉପରାଷ୍ଟ୍ରପତି ପଦଭଳି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ୧୫ ମତଦାତାଙ୍କ ଭୋଟ ନାକଚ ହୋଇଛି। ମତଦାନ ପ୍ରକ୍ରିୟାରେ ଗୋପନୀୟତା ଦୃଷ୍ଟିରୁ କିଏ କାହାକୁ ଭୋଟ ଦେଲା ଏବଂ କାହାର ନାକଚ ହେଲା ତାହା ଜାଣିବାର ଅବକାଶ ନାହିଁ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟ ପ୍ରାର୍ଥୀ ଜଷ୍ଟିସ ରେଡ୍ଡୀଙ୍କୁ ଏଆଇଏମଆଇଏମ ସମର୍ଥନ କରୁଥିବାରୁ ତାଙ୍କ ସପକ୍ଷରେ ୩୧୩ ଭୋଟ ମିଳିବ ବୋଲି ଆଶା କରାଯାଇଥିଲା। ତେବେ ତାଙ୍କ ସପକ୍ଷରେ ୩୦୦ ଭୋଟ ମିଳିଛି। ଏହି ୧୩ ଭୋଟ ମଧ୍ୟରୁ କେତେ ଖଣ୍ଡ ନାକଚ ହୋଇଛି, କେତେ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି, ତାହା ଜାଣିବାର ଅବକାଶ ନାହିଁ। ଉଭୟ ଏନ୍‌ଡିଏ ଓ ଇଣ୍ଡି ମେଣ୍ଟରେ ସାମିଲ୍ ହୋଇ ନଥିବା ୪୪ ଜଣ ସଦସ୍ୟଙ୍କ ମଧ୍ୟରୁ ୧୨ ଜଣ ନିର୍ବାଚନରେ ଅଂଶଗ୍ରହଣ କରିନଥିବା ବେଳେ ୱାଇଏସ ଆର ନେତା ଜଗନ ମୋହନ ରେଡ୍ଡୀଙ୍କ ଦଳର ୧୧ ସଦସ୍ୟ ସିପି ରାଧାକ୍ରିଷ୍ଣନ୍‌ଙ୍କ ସପକ୍ଷରେ ମତଦାନ କରିଛନ୍ତି। ଏକଥା ବି ହୋଇପାରେ ବିରୋଧୀ ମେଣ୍ଟରେ କିଛି ସଦସ୍ୟ ଏନଡିଏ ମେଣ୍ଟ ସପକ୍ଷରେ ମତଦାନ କରିଛନ୍ତି। ମେଣ୍ଟରେ ମୁଖପାତ୍ର ଯାହା ଦାବି କରନ୍ତୁ ନା କାହିଁକି କ୍ରସ ଭୋଟିଂଙ୍କୁ ଅସ୍ୱୀକାର କରାଯାଇପାରିବ ନାହିଁ। ମତଦାନ ପୂର୍ବରୁ ତେଲେଗୁ ଅସ୍ମିତା ଓ ଏନ୍‌ଡିଏରେ ଆଭ୍ୟନ୍ତରୀଣ ଅସନ୍ତୋଷକୁ ନେଇ ଚାଲିଥିବା ଗୁଜବ ରାଜନୀତି ଯେ ଅବାସ୍ତବ ତାହା ପ୍ରମାଣିତ ହୋଇଛି ଏବଂ ବିରୋଧୀ ମେଣ୍ଟର ଚାଲ୍ ନିଷ୍ପ୍ରଭ ହୋଇଯାଇଛି।

## ସକାରାତ୍ମକ ରାଷ୍ଟ୍ରବାଦର ଆବଶ୍ୟକତା

ଅଧ୍ୟାପକ ଗୋପବନ୍ଧୁ



ରାଷ୍ଟ୍ରବାଦ ଏକ ଉନ୍ନତ ଗୁଣାତ୍ମକ ଚିନ୍ତନ। ଏହା ଏପରି ଏକ ଜାତୀୟ ଭାବନା, ଯାହା ଗୋଟିଏ ରାଷ୍ଟ୍ରକୁ ସର୍ବୋଚ୍ଚ ସୋପାନରେ ପହଞ୍ଚାଇବା ପାଇଁ ପ୍ରେରଣା ଯୋଗାଏ। ପରସ୍ପରକୁ ସମ୍ମାନ, ସମସ୍ତ ଗୋଷ୍ଠୀ ଓ ସମ୍ପ୍ରଦାୟର ମଧ୍ୟରେ ସହାବସ୍ଥାନ, ମାନବୀୟ ମୂଲ୍ୟବୋଧର ବିକାଶ ଓ ଶ୍ରେଷ୍ଠତା ପ୍ରାପ୍ତି ଦିଗରେ ସାମୂହିକ ଜାଗୃତି ହିଁ ରାଷ୍ଟ୍ରବାଦ। ସେହିଁ ପ୍ରକୃତ ରାଷ୍ଟ୍ରବାଦୀ, ଯିଏ ଏ ସମସ୍ତର ଅନୁଗାମୀ। ରାଷ୍ଟ୍ରବାଦୀ ହେବା ଏକ ସାଧନା। ସମସ୍ତ କ୍ଷେତ୍ରରେ ନାକାରାତ୍ମକ ଭାବନାର ପରିତ୍ୟାଗ ଓ ସକାରାତ୍ମକ ଭାବନାରେ ଉଦବୁଦ୍ଧ ହେବା ରାଷ୍ଟ୍ରବାଦର ମୂଳ ଆଧାର। ସ୍ୱଚ୍ଛ ରାଷ୍ଟ୍ରବାଦ ନା ଆଭ୍ୟନ୍ତରୀଣ ହିଂସାକୁ ପ୍ରୋତ୍ସାହିତ କରେ ନା ଆନ୍ତର୍ଜାତିକ ହିଂସା ଓ ପ୍ରତିହିଂସାକୁ ଉତ୍ସାହିତ କରେ। ବରଂ ଏହା ସାମାଜିକ ସଂହତି ଓ ଆନ୍ତର୍ଜାତିକ ଶାନ୍ତି ସ୍ଥାପନକୁ ଗୁରୁତ୍ୱ ଦିଏ। ରାଷ୍ଟ୍ର କହିଲେ କେବଳ ଏହାର ସାର୍ବଭୌମତ୍ୱକୁ ବୁଝାଏ ନାହିଁ। ଏହା ସହିତ ସାମାଜିକ ସ୍ଥିତି, ରାଜନୈତିକ ପରିବେଶ, ବ୍ୟକ୍ତିବିଶେଷଙ୍କ ଆଭିମୁଖ୍ୟ ଏବଂ ସର୍ବୋପରି ରାଷ୍ଟ୍ର ରୂପକ ଗୋଟିଏ ଭୂଖଣ୍ଡରେ ବସବାସ କରୁଥିବା ଲୋକମାନଙ୍କ ଆଭିମୁଖ୍ୟ ଓ ମୌଳିକ ଚିନ୍ତନକୁ ବୁଝାଏ। ତେଣୁ ରାଷ୍ଟ୍ରବାଦ ଏ ସମସ୍ତର ସାମଗ୍ରିକତାକୁ ଓ ଉନ୍ନତ ଚିନ୍ତନକୁ ବୁଝାଏ।

ଅନ୍ୟପକ୍ଷରେ ମିଥ୍ୟା ରାଷ୍ଟ୍ରବାଦ ଅତ୍ୟନ୍ତ ଭୟଙ୍କର। ଏହା ରାଷ୍ଟ୍ରକୁ ଧ୍ୱଂସ ଆଡ଼କୁ ଟାଣିନିଏ। ଏଥିରେ ମିଥ୍ୟାଚାର ଓ ଅନାଦର୍ଶକୁ ରାଷ୍ଟ୍ରବାଦର ମୁଖା ପିନ୍ଧାଯାଏ। ଅପପ୍ରଚାର ମାଧ୍ୟମରେ ଏଗୁଡ଼ିକୁ ସତ୍ୟ ଓ ଆଦର୍ଶ ରୂପରେ ଉପସ୍ଥାପିତ କରାଯାଏ। ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭାବାବେଗକୁ ବଢ଼ାଯାଏ। ସମାଜରେ ହିଂସାଭାବକୁ ଯୋଜନାବଦ୍ଧ ଭାବେ ରୋପଣ କରାଯାଏ। ସାମ୍ପ୍ରଦାୟିକ ହିଂସା ଓ ଜାତିଗତ ବିଦ୍ୱେଷକୁ ରାଜନୈତିକ ଅସ୍ତ୍ରଭାବେ ବ୍ୟବହାର କରାଯାଏ। ସାମାଜିକ ବିଶୃଙ୍ଖଳାରୁ ରାଜନୈତିକ ଫାଇଦା ନେବାର ପ୍ରୟାସ ହୁଏ। ସଂଖ୍ୟାଧିକଙ୍କ ମତକୁ ସଂଖ୍ୟାନ୍ୟୂନଙ୍କ ଉପରେ ଲଦାଯାଏ ଏବଂ ତାହାକୁ ହିଁ ରାଷ୍ଟ୍ରବାଦ ଆଖ୍ୟା ଦିଆଯାଏ। ସାଂସ୍କୃତିକ ଆନ୍ଦୋଳନ ନାମରେ ଅପସଂସ୍କୃତିକୁ ସ୍ଥାପନ କରାଯାଏ। ସମାନତା ପରିବର୍ତ୍ତେ ଅସମାନତାକୁ ଯୁକ୍ତିସଙ୍ଗତ କରଯାଏ। ବିଜ୍ଞାନ ବଦଳରେ ଅବୈଜ୍ଞାନିକ ଭାବନାକୁ ଆଗକୁ ବଢ଼ାଯାଏ। ଏମାନଙ୍କ ସହିତ ଯେଉଁମାନେ ଏକମତ ହୁଅନ୍ତି ନାହିଁ, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଏ। ନିଜ ସପକ୍ଷରେ ଅନ୍ଧଭକ୍ତଙ୍କ ଫୌଜ ତିଆରି କରାଯାଏ। ଏମାନେ ମିଥ୍ୟା ରାଷ୍ଟ୍ରବାଦର ରକ୍ଷାକବଚ ସାଜନ୍ତି। ଏମାନଙ୍କ ଜରିଆରେ ଅନାଦର୍ଶକୁ ଆଦର୍ଶ ବୋଲି ପ୍ରଚାର କରଯାଏ। ଦେଶ ଏକଛତ୍ରବାଦୀ ଶାସନ ଆଡ଼କୁ ଗତିକରେ।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ଥିଲା ମିଥ୍ୟା ରାଷ୍ଟ୍ରବାଦ। ଏହାରି ଜରିଆରେ ଜର୍ମାନିରେ ନାଜିବାଦ ଓ ଇଟାଲିରେ ଫାଶିବାଦର ଆବିର୍ଭାବ ହୋଇଥିଲା। ଉଭୟ ଦେଶରେ ଉଗ୍ର ଜାତୀୟତାବାଦର ପ୍ରଚାର ମାଧ୍ୟମରେ ଯେଉଁ ରାଷ୍ଟ୍ରବାଦର ଉପସ୍ଥାପନ କରାଯାଇଥିଲା, ତାହା ରାଷ୍ଟ୍ରବାଦର ସଠିକ ପରିଭାଷା ନଥିଲା। ଉଭୟ ରାଷ୍ଟ୍ରରେ ଧର୍ମକୁ ନେଇ ସୃଷ୍ଟି ହୋଇଥିବା ଗୋଷ୍ଠୀଗତ ଚେତନା ଉଗ୍ରରୂପ ଧାରଣ କରିଥିଲା। ଦୀର୍ଘ ଶତାବ୍ଦୀ ଧରି ଭାଇଚାରା ମଧ୍ୟରେ ବସବାସ କରିଆସୁଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ତିକ୍ତତା ଦେଖାଦେଲା। ଦକ୍ଷିଣପନ୍ଥୀ ନାଜି ସଂଗଠନ ତିଆରି ହେଲା। ଏମାନେ ପ୍ରଚାର କରିବା ଆରମ୍ଭ କଲେ ଯେ ସେମାନେ ହିଁ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ। ଏମାନଙ୍କ ସଂସ୍କୃତି ଓ ପରମ୍ପରା ଉନ୍ନତ। ତେଣୁ ଦେଶରେ ଏମାନଙ୍କ ରାଜ ଚାଲିବ। ଅନ୍ୟମାନଙ୍କୁ ରଖାଇ ଦିଆଯିବ ନାହିଁ। ଏହା ରାଷ୍ଟ୍ରବାଦର ଭ୍ରାନ୍ତ ପରିଭାଷା ଥିଲା। କାରଣ ସ୍ୱଚ୍ଛ ରାଷ୍ଟ୍ରବାଦରେ ଗୋଷ୍ଠୀଗତ, ଜାତିଗତ ଓ ଧର୍ମଗତ ଶ୍ରେଷ୍ଠତାର କୌଣସି ସ୍ଥାନ ନାହିଁ। ସମାନତା, ଭ୍ରାତୃତ୍ୱଭାବ ଓ ବ୍ୟକ୍ତି ସ୍ୱତନ୍ତ୍ରତା ହେଉଛି ରାଷ୍ଟ୍ରବାଦର ଆଭୂଷଣ। ଜର୍ମାନି ଓ ଇଟାଲିରେ ଏଗୁଡ଼ିକର ହନନ ହେଲା। ମିଥ୍ୟା ରାଷ୍ଟ୍ରବାଦ ଦେଶ ମଧ୍ୟରେ ସୀମିତ ରହିଲା ନାହିଁ। ଏହା ଆନ୍ତର୍ଜାତିକ ସ୍ତରକୁ ଚାଲିଗଲା, ଯେତେବେଳେ ନାଜିମାନେ ଘୋଷଣା କଲେ ସେମାନେ ହେଉଛନ୍ତି ବିଶ୍ୱର ଶ୍ରେଷ୍ଠଜାତି। ତେଣୁ ସମଗ୍ର ବିଶ୍ୱକୁ ଶାସନ କରିବାର ଅଧିକାର ତାଙ୍କର ରହିଛି। ଦେଶ ମଧ୍ୟରେ ସଂଖ୍ୟାଲଘୁଙ୍କ ଉପରେ ଦମନ ଆରମ୍ଭ ହେଲା। ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରାଗଲା। ପଡ଼ୋଶୀ ରାଜ୍ୟଗୁଡ଼ିକୁ ଆକ୍ରମଣ କରି ଅଧିକାର କରି ନିଆଗଲା।

ମିଥ୍ୟା ରାଷ୍ଟ୍ରବାଦ ଗଣତନ୍ତ୍ର ପାଇଁ ବିପଦ। କ୍ଷମତା ଦଖଲ ପାଇଁ ଏହା ଏକ ସହଜ ମାଧ୍ୟମ। ଏହା ମାଧ୍ୟମରେ ସାଧାରଣ ଜନତାଙ୍କୁ ଉନ୍ମାଦିତ କରି ସମର୍ଥନ ହାସଲ କରାଯାଇ ପାରେ। ଧର୍ମାନ୍ଧ, ଏକତରଫା ବିଚାରଯୁକ୍ତ, ଉନ୍ମାଦନାର ଶିକାର ଓ ସଂକୀର୍ଣ୍ଣ ମାନସିକତାର ଲୋକମାନେ ସ୍ୱାର୍ଥ ହାସଲ ପାଇଁ ଏହାକୁ ଏକ ସହଜ ମାଧ୍ୟମ ଭାବେ ବ୍ୟବହାର କରନ୍ତି। ଏପରି ପଦକ୍ଷେପ ଗୋଟିଏ ରାଷ୍ଟ୍ରର ଅଶେଷ କ୍ଷତିସାଧନ କରେ। ଜର୍ମାନି ଓ ଇଟାଲୀରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଅନୁସରଣରେ ନିର୍ବାଚନ ମାଧ୍ୟମରେ ସରକାର ଗଠିତ ହୋଇଥିଲା। ଜର୍ମାନିରେ ହିଟଲର ଓ ଇଟାଲିରେ ମୁସୋଲିନୀ ନିର୍ବାଚିତ ହୋଇ ରାଷ୍ଟ୍ରର ସର୍ବୋଚ୍ଚ ଶାସକ ହୋଇଥିଲେ। କିନ୍ତୁ ସେମାନେ ମିଥ୍ୟା ରାଷ୍ଟ୍ରବାଦର ଆଶ୍ରୟ ନେଇଥିଲେ। ତାଙ୍କ ରାଷ୍ଟ୍ରବାଦ ହିଂସା, ପ୍ରତିହିଂସା, ଆଧିପତ୍ୟବାଦ, ମାନବୀୟ ମୂଲ୍ୟବୋଧର ପରିପନ୍ଥୀ ଏବଂ ଅନୈତିକତା ଉପରେ ପର୍ଯ୍ୟବସିତ ଥିଲା। ତେଣୁ ଏପରି ରାଷ୍ଟ୍ରବାଦ ଦୀର୍ଘସ୍ଥାୟୀ ହେଲାନାହିଁ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଉଭୟ ରାଷ୍ଟ୍ର ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ମୁଖ୍ୟ ଖଳନାୟକ ଆଡଲଫ୍ ହିଟଲର ଶେଷରେ ଆତ୍ମହତ୍ୟା କଲେ। ମୁସୋଲିନୀଙ୍କୁ ନିଜ ଲୋକମାନେ ହତ୍ୟାକଲେ। ମିଥ୍ୟା ରାଷ୍ଟ୍ରବାଦର ଏହା ହିଁ ଅନ୍ତିମ ପରିଣତି ହୁଏ।

ସମୟ ସମୟରେ ବିଭିନ୍ନ ରାଷ୍ଟ୍ରରେ ମିଥ୍ୟା ରାଷ୍ଟ୍ରବାଦର ଭାବନା ଅଙ୍କୁରିତ ହୁଏ। ବେଳେବେଳେ ଏମାନେ ଫାଙ୍କା ରାଷ୍ଟ୍ରବାଦର ସ୍ଲୋଗାନ ଦେଇ ଉନ୍ମାଦନା ସୃଷ୍ଟି କରି କ୍ଷମତାକୁ ବି ଚାଲିଆସନ୍ତି। ପ୍ରାରମ୍ଭରେ ଜନସାଧାରଣ ଏହାକୁ ବୁଝି ପାରନ୍ତି ନାହିଁ। ବୁଝିବା ବେଳକୁ ଏମାନେ ଦେଶର ତଥା ସମାଜର ଅନେକ କ୍ଷତି କରିପକାନ୍ତି। ଏବେ ବିଶ୍ୱର କୌଣସି ଗଣତାନ୍ତ୍ରିକ ଦେଶ ମିଥ୍ୟା ରାଷ୍ଟ୍ରବାଦରୁ ମୁକ୍ତ ନୁହେଁ। ଏହା ହିଁ ରାଷ୍ଟ୍ରକୁ ଏକଛତ୍ରବାଦୀ ଶାସନ ଆଡ଼କୁ ଟାଣି ନେଉଛି। ମିଥ୍ୟା ରାଷ୍ଟ୍ରବାଦ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଘୋର ବିପଦ। ଏଥିପାଇଁ ସର୍ବଦା ସତର୍କ ରହିବାକୁ ହେବ। ଏହାକୁ ପ୍ରତିହତ କାରିବାକୁ ପଡ଼ିବ। ଆମକୁ ଜର୍ମାନି ଓ ଇଟାଲିର ପରିଣତିକୁ ମନେ ରଖିବାକୁ ହେବ। ପ୍ରକୃତ ରାଷ୍ଟ୍ରବାଦର ଅନୁଗାମୀ ହେବାକୁ ହେବ।

ବାରିପଦା(ମୟୂରଭଞ୍ଜ),
ମୋ: ୭୦୦୮ ୯୭୬୧୮୦

## ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ପ୍ରତି ବିପଦ

ମାନସ କୁମାର କର



ଆଜିର ଡିଜିଟାଲ ଯୁଗରେ, ଯେଉଁଠାରେ ସାମାଜିକ ଗଣମାଧ୍ୟମ ଓ ଅନଲାଇନ୍ ପ୍ଲାଟଫର୍ମ ସୂଚନା ପ୍ରସାରଣକୁ ଅଭୂତପୂର୍ବ ଗତି ଦେଇଛି, ଜ୍ୟୋତିଷ ବିଦ୍ୟା ମଧ୍ୟ ଡିଜିଟାଲ ବିପ୍ଳବର ଏକ ଅଂଶ ପାଲଟିଯାଇଛି। ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ ଜ୍ୟୋତିଷ ସମ୍ବନ୍ଧୀୟ ପ୍ରଚାରପ୍ରସାରରେ ପରିପୂର୍ଣ୍ଣ। ଏହି ଭିଡିଓଗୁଡ଼ିକ ମଧ୍ୟରୁ ଅନେକ 'ତୁରନ୍ତ ସଫଳତା' ମନ୍ତ୍ର, ପ୍ରତିକାର କିମ୍ବା ଟୋଟକା ପ୍ରଦାନ କରିବାର ଦାବି କରନ୍ତି, ଯାହା କିଛିଦିନ ମଧ୍ୟରେ ଜୀବନର ସମସ୍ୟାର ସମାଧାନ କରିପାରିବ। ଜନ୍ମ ଚାର୍ଟର ବିସ୍ତୃତ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦେଉଥିବା ପାରମ୍ପରିକ ଏବଂ ଅଭିଜ୍ଞ ଜ୍ୟୋତିଷମାନଙ୍କ ବିଶ୍ୱସନୀୟତା ତୁଳନାରେ ଏହି ତଥାକଥିତ 'ଶୀଘ୍ର ଉପଚାର' କେତେ ପ୍ରଭାବଶାଳୀ ତାହା ବିଚାର କରିବାର ସମୟ ଆସିଛି।

ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଜ୍ୟୋତିଷ ଭିଡିଓଗୁଡ଼ିକର ପ୍ରାୟତଃ ଆକର୍ଷଣୀୟ ଶୀର୍ଷକ ଥାଏ - 'ତିନି ଦିନରେ ଧନପ୍ରାପ୍ତିର ଚମତ୍କାରୀ ଉପାୟ' କିମ୍ବା 'ମନ୍ତ୍ରରୁ ବଦଳି ଯିବ ଆପଣଙ୍କ ଭାଗ୍ୟ'। ଏହି ଭିଡିଓଗୁଡ଼ିକ ସାଧାରଣତଃ ଛୋଟ, ଶୀଘ୍ର ସମ୍ପାଦିତ ଓ ମନୋରଞ୍ଜନକାରୀ, ଯାହା ତୁରନ୍ତ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରେ। ଏଥିରେ ସୁପାରିସ କରାଯାଇଥିବା ଉପଚାରଗୁଡ଼ିକ ସରଳ ଓ ଶୀଘ୍ର ମନେହୁଏ, ଯେପରିକି ଏକ ନିର୍ଦ୍ଦିଷ୍ଟ ରଙ୍ଗର ସୂତା ବାନ୍ଧିବା, ମନ୍ତ୍ର ଜପ କରିବା କିମ୍ବା ଘରେ କୌଣସି ବସ୍ତୁ ରଖିବା। ଏହି ଉପଚାରଗୁଡ଼ିକର କୌଣସି ବୈଦିକ କିମ୍ବା ଜ୍ୟୋତିଷଶାସ୍ତ୍ରୀୟ ଆଧାର ନାହିଁ। ମୋ ଜେଜେ ବାପା ଜ୍ୟୋତିଷଚାର୍ଯ୍ୟ ସ୍ୱର୍ଗତ ପଣ୍ଡିତ ସଦାଶିବ କରଙ୍କ କହିବା ଅନୁଯାୟୀ ଜ୍ୟୋତିଷ ଏକ ଜଟିଳ ବିଜ୍ଞାନ, ଯେଉଁଥିରେ ଗ୍ରହ, ନକ୍ଷତ୍ର ଓ କୁଣ୍ଡଳୀର ବାରଟି ଘରର ଗଭୀର ଅଧ୍ୟୟନ ଜଡ଼ିତ। ଜଣେ ବ୍ୟକ୍ତିଙ୍କ କୁଣ୍ଡଳୀ ବିଶ୍ଳେଷଣ ନକରି ସାଧାରଣ ଉପଚାର ଦେବା କେବଳ ଦାୟିତ୍ୱହୀନ ନୁହେଁ, ବରଂ ଲୋକଙ୍କୁ ଭୁଲ ଦିଗରେ ନେଇପାରେ। ଏପରି ଭିଡିଓର ଉଦ୍ଦେଶ୍ୟ ପ୍ରାୟତଃ ଦର୍ଶକଙ୍କୁ ଭ୍ରମିତ କରିବା।

ଜ୍ୟୋତିଷ ଶାସ୍ତ୍ର କେବେବି କମ୍ ସମୟ ମଧ୍ୟରେ ଶିଖି ହେବ ନାହିଁ। ବିଶେଷଜ୍ଞଙ୍କ ମତରେ, ପ୍ରାମାଣିକ ଓ ଅଭିଜ୍ଞ ଜ୍ୟୋତିଷମାନେ କୌଣସି ପ୍ରତିକାର ପରାମର୍ଶ ଦେବା ପୂର୍ବରୁ ଜନ୍ମ କୁଣ୍ଡଳୀକୁ ଗଭୀର ଭାବରେ ଅଧ୍ୟୟନ କରନ୍ତି। ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜନ୍ମ ସମୟରେ ଗ୍ରହଗୁଡ଼ିକର ସ୍ଥିତି ଉପରେ ଆଧାରିତ। କୁଣ୍ଡଳୀରେ ଗ୍ରହଗୁଡ଼ିକର ଗୋଚର, ଦଶା, ଅନ୍ତରଦଶା ଏବଂ ବିଭିନ୍ନ ଯୋଗ ବିଶ୍ଳେଷଣ କରାଯାଇ ଜଣେ ବ୍ୟକ୍ତିଙ୍କୁ କି ପ୍ରକାରର ପ୍ରତିକାର ଆବଶ୍ୟକ ତାହା ନିର୍ଣ୍ଣୟ କରାଯାଏ। ଏହି ପ୍ରକ୍ରିୟା ସମୟସାପେକ୍ଷ ଓ ଜଟିଳ, କିନ୍ତୁ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଶୀଘ୍ର ସଫଳତାର ମନ୍ତ୍ର ଦେଉଥିବା ଭିଡିଓଗୁଡ଼ିକ ଲୋକପ୍ରିୟତା ବୃଦ୍ଧି କରିବା ପାଇଁ କେବଳ ଏକ ଭ୍ରମାତ୍ମକ କି ନାହିଁ ତାହା ବିଚାର କରିବା ଉଚିତ।

ସାମାଜିକ ଗଣମାଧ୍ୟମରେ ଭିଉ, ଲାଇକ୍ ଓ ସବସ୍କ୍ରାଇବର୍ ସଂଖ୍ୟା ସିଧାସଳଖ ଆୟ ସହିତ ଜଡ଼ିତ। ତେଣୁ ଅନେକ ଅନଭିଜ୍ଞ ଓ ଆତ୍ମଘୋଷିତ ଜ୍ୟୋତିଷ ଆକର୍ଷଣୀୟ ଓ ଚାଞ୍ଚଲ୍ୟକର ବିଷୟବସ୍ତୁ ସୃଷ୍ଟି କରି ଦର୍ଶକଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି। ସେମାନେ ଜଟିଳ ଜ୍ୟୋତିଷ ନୀତିଗୁଡ଼ିକୁ ସରଳୀକରଣ କରନ୍ତି। ଭିଡିଓଗୁଡ଼ିକୁ ଶୀଘ୍ର ସମାଧାନର ସୂତ୍ରରେ ପରିଣତ କରନ୍ତି, ଯାହା ପ୍ରକୃତରେ ଜ୍ୟୋତିଷ ଶାସ୍ତ୍ରର ଗଭୀରତାକୁ ଦୁର୍ବଳ କରିଦିଏ। କିଛି ଲୋକ ଉପରସ୍ତରର ସୂଚନା ଉପରେ ଆଧାରିତ ଭିଡିଓ ତିଆରି କରନ୍ତି, ଯାହା ପୁସ୍ତକ, ଇଣ୍ଟରନେଟ୍ କିମ୍ବା ଅନ୍ୟାନ୍ୟ ଉତ୍ସରୁ ନିଆଯାଇଥାଏ। ଅନେକ ଆତ୍ମଘୋଷିତ ଜ୍ୟୋତିଷଙ୍କର ନା ଆନୁଷ୍ଠାନିକ ତାଲିମ ଅଛି ନା ଅଭିଜ୍ଞତା। ତଥାପି ସେମାନେ ସେମାନଙ୍କର ଆତ୍ମବିଶ୍ୱାସ, ଆକର୍ଷଣୀୟ ଉପସ୍ଥାପନା ଓ ବଜାର ରଣନୀତି ଆଧାରରେ ଲକ୍ଷ ଲକ୍ଷ ଦର୍ଶକଙ୍କ ପାଖରେ ପହଞ୍ଚନ୍ତି। ଏହା କେବଳ ଜ୍ୟୋତିଷ ଶାସ୍ତ୍ରର ବିଶ୍ୱସନୀୟତାକୁ ହ୍ରାସ କରେ ନାହିଁ, ବରଂ ଏହି ଉପଚାର ଉପରେ ନିର୍ଭର କରୁଥିବା ଲୋକଙ୍କୁ ମଧ୍ୟ ନିରାଶ କରେ।

ଜ୍ୟୋତିଷ ଏକ ପ୍ରାଚୀନ ଓ ସମ୍ମାନିତ ବିଜ୍ଞାନ, ଯାହା ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ମାର୍ଗଦର୍ଶନ କରିବା ପାଇଁ ବ୍ୟବହୃତ ହୋଇଆସୁଛି। କିନ୍ତୁ ସାମାଜିକ ଗଣମାଧ୍ୟମରେ ସମ୍ପ୍ରତି ପ୍ରଚାରିତ ଏପରି ଭ୍ରମାତ୍ମକ ଭିଡିଓ ସେହି ମହାନ୍ ପ୍ରାଚୀନ ବିଜ୍ଞାନସମ୍ମତ ବିଦ୍ୟାର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି। ଯେତେବେଳେ ଲୋକମାନେ ଏହି ତଥାକଥିତ ଉପଚାରଗୁଡ଼ିକୁ ପ୍ରୟୋଗ କରିବାର ଚେଷ୍ଟା କରନ୍ତି ଏବଂ କୌଣସି ଲାଭ ପାଆନ୍ତି ନାହିଁ, ସେମାନେ କେବଳ ସେହି ଭିଡିଓଗୁଡ଼ିକ ଉପରେ ବିଶ୍ୱାସ ହରାନ୍ତି ନାହିଁ, ବରଂ ଜ୍ୟୋତିଷ ବିଷୟରେ ପ୍ରଶ୍ନ ଉଠାନ୍ତି। ଏହା ଅଭିଜ୍ଞ ଜ୍ୟୋତିଷମାନଙ୍କ ପାଇଁ ମଧ୍ୟ ଏକ ଆହ୍ୱାନ ସୃଷ୍ଟି କରେ।

ଶେଷରେ ଏହା କହିବା ଭୁଲ ହେବ ନାହିଁ ଯେ ଶୀଘ୍ର ସଫଳତା ପାଇଁ ମନ୍ତ୍ର ଦେଉଥିବା ଜ୍ୟୋତିଷ ଭିଡିଓଗୁଡ଼ିକ ଅଧିକାଂଶ ଭାବରେ ଭ୍ରମାତ୍ମକ ଓ ଲୋକପ୍ରିୟତା ପାଇଁ ତିଆରି ହୋଇଥାଏ। ସେମାନେ ଲୋକଙ୍କ ଭାବନା ଓ ଆଶାକୁ ଶୋଷଣ କରନ୍ତି, ତାହା ମଧ୍ୟ କୌଣସି ଦୃଢ଼ ଆଧାର ବିନା। ଅନ୍ୟପକ୍ଷରେ ପ୍ରକୃତ ଜ୍ୟୋତିଷମାନେ, ଯେଉଁମାନେ କୁଣ୍ଡଳୀର ସମ୍ପୂର୍ଣ୍ଣ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦିଅନ୍ତି, ସେମାନେ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଜ୍ୟୋତିଷ ହେଉଛି ବିଜ୍ଞାନ ଓ କଳାର ମିଶ୍ରଣ, ଯାହା କେବଳ ସେତେବେଳେ ପ୍ରଭାବଶାଳୀ ହୁଏ, ଯେତେବେଳେ ଏହାକୁ ଗମ୍ଭୀରତା ଓ ଦାୟିତ୍ୱର ସହିତ ଗ୍ରହଣ କରାଯାଏ। ଆମେ ଶୀଘ୍ର ସଫଳତାର ଲୋଭକୁ ପଛରେ ପକାଇ ଧୈର୍ଯ୍ୟ ଓ ବୁଝାମଣା ସହିତ ସଠିକ୍ ମାର୍ଗଦର୍ଶନ ଖୋଜିବା ଉଚିତ। ତେବେ ହିଁ ଆମେ ଜ୍ୟୋତିଷର ପ୍ରକୃତ ଲାଭ ପାଇପାରିବା ଏବଂ ଏହି ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ବଜାୟ ରଖିପାରିବା।

କୋଣାର୍କ(କୋଣାର୍କ), ମୋ: ୭୩୮ ୧୩୮ ୨୨୧୦

## ଧୂପର ଧ୍ରୁପଦୀ ମାନସିଂହ ସାହିତ୍ୟ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

କବି ଓ ଲେଖକ ଭାବରେ ମାୟାଧର ମାନସିଂହ କେତେ ଉଚ୍ଚକୋଟୀର ପୁସ୍ତକର ସଫଳ ସ୍ରଷ୍ଟା, ତାହା ସଚେତନ ପାଠକ ମାତ୍ରକେ ଅବଗତ। ତେବେ ତାଙ୍କ ନିଜ ଦୃଷ୍ଟିରେ ସ୍ୱରଚିତ କବିତା ପୁସ୍ତକ 'ଧୂପ'ହିଁ ଥିଲା ତାଙ୍କର ସବୁଠାରୁ ପ୍ରିୟ। ଓଡ଼ିଆ ପାଠକମାନଙ୍କ କଣ୍ଠରେ ଏହାର ପ୍ରାଣସ୍ପର୍ଶୀ ପଦପଂକ୍ତି କି ମାର୍ମିକ ଭାବରେ ଏ ପର୍ଯ୍ୟନ୍ତ ଆବୃତ୍ତି ହେଉଛି, ଏହା ବି ଜାଣନ୍ତି ସଭିଏଁ। ରୋମାଣ୍ଟିକ ଆବେଗର ପରିଶୁଦ୍ଧତା ବହନ କରି ଏହା ହୋଇଛି ଲୋକାଦୃତ। କିନ୍ତୁ କ'ଣ ସେତିକି ହିଁ ଏ ବହିଟିର ବିଶେଷତ୍ୱ? ଏହା ଯେ 'କ୍ଲାସିକ-ଧର୍ମୀ ରୋମାଣ୍ଟିକ' ଭାବଧାରାର ପ୍ରବାହ - ଏହି ସତ୍ୟକୁ ପୁନଃପୁନଃ ଆବିଷ୍କାର କରିପାରିଲେ ମାନସିଂହଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟର ମର୍ମଧ୍ୱନି ସ୍ପଷ୍ଟରୁ ଅଧିକ ସ୍ପଷ୍ଟତର ହୋଇଉଠିବ।

ରୋମାଣ୍ଟିକ-କବିଙ୍କ ଲକ୍ଷଣ ସମ୍ପର୍କରେ କୁହାଯାଇଛି, ସେମାନେ ହେଉଛନ୍ତି ପଳାୟନବାଦୀ। ସମାଜର ବିଷାକ୍ତ ବଳୟରୁ ମୁକ୍ତ ହେବା ପାଇଁ ସେମାନେ ଲୋଡ଼ନ୍ତି ପ୍ରକୃତିର ନିର୍ଭୟଆଶ୍ରୟ। ଆଉ କ୍ଲାସିକ-କବିଙ୍କ ଗୁଣଧର୍ମ ବିଶ୍ଳେଷଣ କରି ଏହାହିଁ ପ୍ରତିପାଦନ କରାଯାଇଛି ଯେ ସେମାନେ ଦୁଃଖ କଷ୍ଟ ବରଣ କରି ନିଅନ୍ତି ଅବିଚଳିତ ଚିତ୍ତରେ। ସେମାନଙ୍କ ବିଶ୍ୱାସ ହେଉଛି ଏହି ବେଦନା ଗ୍ରହଣ କରିବା ଦ୍ୱାରା ଅନ୍ତରାତ୍ମା ହୋଇଯାଏ ସ୍ୱଚ୍ଛ ଓ ନିର୍ମଳ। 'କ୍ଲାସିକ-ସାହିତ୍ୟ'କୁ 'ଧ୍ରୁପଦୀ' ନାମରେ ପରିଚିତ କରିଦିଆଯାଇଛି ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ସାହିତ୍ୟରେ। ଏ ଦୃଷ୍ଟିଭଙ୍ଗୀରୁ ବିଚାର କଲେ କେବଳ 'ଧୂପ' କବିତା ସଂକଳନ ନୁହେଁ, ସମଗ୍ର ମାନସିଂହ ସାହିତ୍ୟ ହେଉଛି ଉଚ୍ଚମାନର 'କ୍ଲାସିକ' ବା 'ଧ୍ରୁପଦୀ-ସାହିତ୍ୟ'। ଆଉ ତାଙ୍କ ସଂଘର୍ଷମୟ ଜୀବନ ମଧ୍ୟ ହେଉଛି ସମାନ ପର୍ଯ୍ୟାୟର।

ଏ ପ୍ରସଙ୍ଗରେ 'ଧୂପ' କବିତା ପୁସ୍ତକର ଏକାଧିକ ପଦ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କଲେ ସେହି ମହତ୍ତର ସତ୍ୟର ସ୍ୱରୂପ ହୋଇଉଠିବ ପ୍ରଜ୍ଞାଦୀପ୍ତ। କବିଙ୍କ ବର୍ଣ୍ଣନା ଏହିପରି - 'ମନେହୁଏ ଧୂପ ସମ ଦଗ୍ଧ ହୋଇ ବାଷ୍ପ ଯିବିହୋଇ / ପ୍ରଣୟର ଅଗ୍ନିଶେଷେ ପ୍ରଣୟର ଭସ୍ମ ଯିବ ଥୋଇ / ବକ୍ଷେ ମୋର ଯଜ୍ଞ ଜଳେ, ତୁମେ ତହିଁ ଜୀବନ ଦେବତା / ଆତ୍ମାମୋର ଯଜ୍ଞ-କାଷ୍ଠ ଘୃତାହୁତି ତୁମର ମମତା।' କିମ୍ବା 'ଅଶ୍ରୁ-ଆହୁତି, ପ୍ରଣୟଯଜ୍ଞ ମମ / ବ୍ୟଥାର ଅଗ୍ନି ଜଳୁଅଛି ନିର୍ମମ / ପ୍ରିୟ ଗୋ ମୋର / ଭାବୁଛ କି ମୁହିଁ ଚାହେଁ ତା'ର ଉପଶମ?'

ଦୁଃଖ, ଯନ୍ତ୍ରଣା, ବିରହ, ଅପବାଦ-ଏସବୁକୁ ବରଣ କରିନେବାର ଶକ୍ତି ଆହରଣ କରି ସାରିଥିଲେ ମାନସିଂହ। ସେଥିପାଇଁ ପଦ୍ୟ ହେଉ ବା ଗଦ୍ୟ ପରବର୍ତ୍ତୀ କାଳରେ ଯାହା ସେ ରଚନା କରିଛନ୍ତି, ଏହାଠାରୁ ତାହା ଭିନ୍ନ ହୋଇପାରିନି। 'ହେମଶସ୍ୟ', 'ପୂଜାରିଣୀ', 'ଜେମା', 'ସାଧବ ଝିଅ', 'କୋଣାର୍କ' କବିତା ପୁସ୍ତକ, 'କମଳାୟନ' ମହାକାବ୍ୟ, 'ଜୀବନୀ ଓ ପ୍ରବନ୍ଧ', 'କବି ଓ କବିତା', 'ସରସ୍ୱତୀ ଫକୀରମୋହନ' ଆଦି ସମସ୍ତ ଗ୍ରନ୍ଥର ଯଦି ସାରନିର୍ଯାସ କାଢ଼ି ଦିଆଯାଏ, ତାହା 'ଧୂପ'ର ଅନ୍ତଃସ୍ୱରଠାରୁ କଦାପି ଭିନ୍ନ ହେବ ନାହିଁ। ଓଡ଼ିଆ ସାହିତ୍ୟର ଇତିହାସ ରଚନା କରି ତୀବ୍ର ସମାଲୋଚନାର ଶରବ୍ୟ ହୋଇଛନ୍ତି ସେ। ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ସେ ଯେଉଁ ଉଚ୍ଚତାକୁ ନେଇ ଯାଇପାରିଥିଲେ ଅନୁଷ୍ଠାନକୁ ଆଉ ତାହାର ଦ୍ୱିତୀୟ ଉଦାହରଣ ନାହିଁ। ସେଠାରେ ମଧ୍ୟ ସେ ସମ୍ମୁଖୀନ ହୋଇଛନ୍ତି ଯେଉଁ ଜଟିଳ ପରିସ୍ଥିତିର, ତାହାର ବିସ୍ତୃତ ବର୍ଣ୍ଣନା ରଖି ଯାଇଛନ୍ତି 'ଶିକ୍ଷାବିତର ଗାଥା' ଗ୍ରନ୍ଥରେ। କର୍ମକ୍ଷେତ୍ରରେ ଯେଉଁମାନଙ୍କ ନିକଟରୁ ସେ ହୋଇଛନ୍ତି ଲାଞ୍ଛିତ ଓ ଅପମାନିତ ସେମାନଙ୍କ ପ୍ରତି ପ୍ରତିଶୋଧ ପରାୟଣ ହେବାର ଅପରିଚ୍ଛନ୍ନ ଉପାଦାନରେ ଗଠିତ ହୋଇ ନ ଥିଲା ତାଙ୍କ ଚେତନା। ଗ୍ରନ୍ଥଟିରେ ତାଙ୍କ ବର୍ଣ୍ଣିତ ବାକ୍ୟ ଉପରେ ଧ୍ୟାନ ଦେଲେ ବୁଝିହୁଏ କି ବିଶାଳ ଥିଲା ତାଙ୍କ ହୃଦୟ। ସେଠାରେ ସେ ଲେଖୁଛନ୍ତି - 'ଦୁଃଖ-ନିର୍ଯାତନା ସବୁକୁ ନିରବରେ ସହି, ଅତ୍ୟାଚାରୀକୁ, ଶତ୍ରୁକୁ ଆଶୀର୍ବାଦ କରି କରି ଓ ଭଗବାନଙ୍କୁ ଅନ୍ତରରେ ଡାକି ଡାକି ସହିଯିବା ହିଁ ସଙ୍କଟ ବିପଦର ସବୁଠୁ ବଡ଼ ଔଷଧ।'

ମାନସିଂହ ଯୀଶୁ, ଗାନ୍ଧୀ, ରାମକୃଷ୍ଣ ପରମହଂସ ପ୍ରମୁଖ କେଉଁ ମହାପୁରୁଷଙ୍କ ଜୀବନ-ଚିତ୍ର ବା ଅଙ୍କନ କରିନାହାନ୍ତି! ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ଏକଲା ଚଲୋ' ସଂଗୀତ ତାଙ୍କୁ ଏକୁଟିଆ ଚାଲିବାର ସାହସ ଦେଇଛି ବୋଲି 'କବି ଓ କବିତା' ଗ୍ରନ୍ଥରେ ଆବେଗର ସହ ଉଦ୍ଗାର କରିଛନ୍ତି। ପ୍ରେମର ଯଜ୍ଞବେଦୀରେ ସେ ଧୂପ ପରି ଜଳି ଜଳି ଚତୁଃର୍ଦିଗରେ ବାଣ୍ଟି ଦେଇ ପାରିଛନ୍ତି ଜୀବନର ସୌରଭ। ନୀଳକଣ୍ଠ ସଦୃଶ ବିଷପାନ କରି ଯିଏ ଜଗତକୁ କରନ୍ତି ଅମୃତ ଦାନ ସିଏ ହିଁ ହେଉଛନ୍ତି କ୍ଲାସିକ ସ୍ରଷ୍ଟା। ମାନସିଂହ ସାହିତ୍ୟ ହେଉଛି ସେଥିପାଇଁ ଧୂପର ଧ୍ରୁପଦୀ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେନା କବ୍‌ଜାରେ...

ନିଆଁ ଲଗାଇ ଦେଇଥିଲେ। ଏଥିରେ ଗଙ୍ଗାଙ୍କ ମୃତ୍ୟୁ ହୋଇଥଇଲା ବୋଲି କୁହାଯାଇଛି। ତେବେ ମୃତଦେହ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ଏପରି ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଯୁବ ଗୋଷ୍ଠୀଙ୍କ ନାମରେ ଖୋଲା ଚିଠି ଲେଖିଛନ୍ତି। ସେ ଏଥିରେ ବିକ୍ଷୋଭକୁ ବଡ଼ ଷଡ଼ଯନ୍ତ୍ର କହିଛନ୍ତି। କାର୍ଯ୍ୟାଳୟ ଜାଳିଦେବା ଏବଂ ଜେଲ୍‌ରୁ କଏଦୀଙ୍କୁ ଭଗାଇବା ଘଟଣାକୁ ଯୋଜନାବଦ୍ଧ ଥିଲା ବୋଲି ଉଲ୍ଲେଖ କରିଛନ୍ତି। ଏପରି ସମୟରେ ଜେନ୍ ଜେଡ୍ ଗୋଷ୍ଠୀ ନିଜ ଦାବି ରଖିଛନ୍ତି। ସରକାରରେ ସଂସ୍କାରେ, ପ୍ରତିନିଧି ସଭା ଭଙ୍ଗ, ନୂତନ ଭାବେ ସମ୍ବିଧାନ ଲେଖିବା କିମ୍ବା ସଂଶୋଧନ ଏବଂ ଗତ ତିନି ଦଶନ୍ଧି ମଧ୍ୟରେ ରାଜନେତାଙ୍କ ଦ୍ୱାରା ହୋଇଥିବା ଲୁଟର୍ ତଦନ୍ତ କରିବାକୁ ଦାବି ହୋଇଛି। ବିକ୍ଷୋଭରେ ପ୍ରାଣ ହରାଇଥିବା ଲୋକଙ୍କୁ ସହିଦ ମାନ୍ୟତା, ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନ ଦେବାକୁ କୁହାଯାଇଛି। ବେକାରୀର ମୁକାବିଲା ପାଇଁ ସାମାଜିକ ଯୋଜନା, ପ୍ରବାସନକୁ ରୋକିବା,ସାମାଜିକ ଅନ୍ୟାୟ ଦୂର କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ, ସୁରକ୍ଷା ଏବଂ ଯୋଗାଯୋଗକୁ ମଜବୁତ କରିବାକୁ ମଧ୍ୟ ଦାବି କରାଯାଇଛି।

ନେପାଳ ହିଂସା କଏଦୀଙ୍କ ପାଇଁ ଏକ ସୁଯୋଗ ସାବ୍ୟସ୍ତ ହୋଇଛି। ପୁଲିସର ସୂଚନା ଅନୁଯାୟୀ, ସାରା ଦେଶର ଜେଲ୍‌ରୁ ପ୍ରାୟ ୧୧ ହଜାର କଏଦୀ ଫେରାର ହୋଇଯାଇଛନ୍ତି। ପଶ୍ଚିମ ନେପାଳର ଏକ ଜେଲ୍‌ରେ ସୁରକ୍ଷାକର୍ମୀ ଏବଂ କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଠାରେ ପୁଲିସ ଗୁଳିରେ ୫ କଏଦୀ (ନାବାଳକ)ଙ୍କ ମୃତ୍ୟୁ ହୋଇଛି। ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶକୁ ଲାଗିଥିବା ନେପାଳୀ ଜିଲ୍ଲା ଏହି ହିଂସାରେ ପ୍ରଭାବିତ ହୋଇଛି। ଏଠାରେ ବୁଧବାର ପୁଣି ହିଂସା ହୋଇଛି। ସରକାରୀ କାର୍ଯ୍ୟାଳୟକୁ ଆନ୍ଦୋଳନକାରୀ ଜାଳି ଦେଇଛନ୍ତି। କିଛି ସ୍ଥାନରେ ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଏହାକୁ ଦେଖି ସୀମାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ନେପାଳ ଜେଲ୍‌ରୁ ଫେରାର ୯ କଏଦୀଙ୍କୁ ମହାରାଜଗଞ୍ଜର ସୋନୌଲି ସୀମାରୁ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଗିରଫ କରିଛି। ସେହିପରି ଲକ୍ଷ୍ମୀପୁର, ମହାରାଜଗଞ୍ଜ ଏବଂ ବହରାଇଚ ସୀମା ସିଲ୍ ହୋଇଥିବାରୁ ଭାରତର ୨୦୦ରୁ ଅଧିକ ଟ୍ରକ୍ ଡ୍ରାଇଭର ନେପାଳରେ ଫସି ରହିଛନ୍ତି। ସେମାନେ ଭୟରେ କାଳତିପାତ କରୁଛନ୍ତି। ହିଂସାରେ ତାଙ୍କ ଟ୍ରକ୍‌କୁ ପୋଡ଼ି ଦେବାର ଭୟ ରହିଛି। ସୋନୌଲି ସୀମାରେ ଭାରତ ଅଭିମୁଖେ ୮ କିମି ପର୍ଯ୍ୟନ୍ତ ଲମ୍ବା ଲାଇନ ଲାଗି ରହିଛି। ଶୀଘ୍ର ଛାଡ଼ିବା ପାଇଁ ସେମାନେ ଏଜେନ୍ସିଗୁଡ଼ିକୁ ଅନୁରୋଧ କରୁଛନ୍ତି। ଅନ୍ୟପଟେ ନେପାଳରେ ଫସିଥିବା ତେଲୁଗୁ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ଆନ୍ଧ୍ର ପ୍ରଦେଶ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ଜଣେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଦୂତାବାସ ସହ ଯୋଗାଯୋଗ କରି ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି।

### କାଠମାଣ୍ଡୁରେ ଫସିଛନ୍ତି...

ପାଇଁ ଦକ୍ଷିଣକାଳୀକୁ ଯାଇ ସେଠାରେ ଫସି ରହିଛନ୍ତି। ସେହିପରି ଶ୍ରୀରାମପୁରର ସଂଗ୍ରାମ ମହାପାତ୍ର କାଠମାଣ୍ଡୁରେ ଥିବା ବେଳେ ଆସନ୍ତା ୨୫ତାରିଖରେ ଘରକୁ ଫେରିବାର ଥିଲା। କିନ୍ତୁ ତାଙ୍କ ଫେରିବା ରାସ୍ତା ବନ୍ଦ ହୋଇ ଯାଇଥିବାରୁ ଓ ଫୋନ୍‌ରେ ଯୋଗାଯୋଗ ହୋଇପାରୁନଥିବାରୁ ପତ୍ନୀ ପାର୍ବତୀ ମହାପାତ୍ର ଚିନ୍ତାରେ ପଡ଼ିଛନ୍ତି। ତାଙ୍କ ସ୍ୱାମୀଙ୍କୁ ନିରାପଦରେ ଭାରତ ଫେରାଇ ଆଣିବା ପାଇଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଧୋଇା ଅଞ୍ଚଳର ତରଡିପାଳ ଏବଂ ପେଣ୍ଠପାଳ ପଞ୍ଚାୟତର ଚନ୍ଦନ ବେହେରା, ମାନସ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ସଞ୍ଜୟ ବିଶ୍ୱାଳ, ଉମାକାନ୍ତ ବିଶ୍ୱାଳ, କଳନ୍ଦୀ ଗୋଛାୟତ, ବିଭୂତି ଭୂଷଣ ଦାସ, ଭାସ୍କର ସେଠୀ, ପ୍ରତାପ ସେଠୀ, ପୁରୁଷୋତ୍ତମ ଦାସ, ଶତ୍ରୁଘ୍ନ ଦାସ, ସୁଦର୍ଶନ ଦାସ, ଦିନେଶ ସେଠୀ, ଭୋଲାନାଥ ସେଠୀ ପ୍ରମୁଖ ବହୁ ଲୋକ ନେପାଳ କାଠମାଣ୍ଡୁରେ ଫସି ରହିଛନ୍ତି।

### ଅକ୍ଟୋବରରୁ ସାରା...

ଉପସସ୍ଥାପନ କରିଥିଲେ। ଏସ୍‌ଆଇଆର୍ ପାଇଁ ସେମାନେ ପ୍ରସ୍ତୁତ ବୋଲି କହିଥିଲେ। ନିର୍ବାଚନ କମିସନ ଏହି ପ୍ରସ୍ତୁତିର ସମୀକ୍ଷା କରିବା ସହିତ ବୁଥ ସ୍ତରରେ ଅଧିକାରୀମାନଙ୍କ ନିଯୁକ୍ତି ଏବଂ ସେମାନଙ୍କୁ ଆବଶ୍ୟକ ତାଲିମ ଦେବାପାଇଁ କହିଥିଲେ। ନିଜ ନିଜ ରାଜ୍ୟରେ ଥିବା ଭୋଟରଙ୍କ ସଂଖ୍ୟା, ତାଲିକାରେ ନୂଆ ଭୋଟର ସାମିଲ ପାଇଁ ଏସ୍‌ଆଇଆର୍ ଯୋଗ୍ୟତା ତାରିଖ ଏବଂ ତାଲିକାର ଡିଜିଟାଇଜେସନ ଓ ଅପଲୋଡିଂ ସଂପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଗୋଟିଏ ପୋଲିଂ ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ରୁ ଅଧିକ ହେବା ଉଚିତ ନୁହେଁ ବୋଲି ନିର୍ବାଚନ ଅଧିକାରୀ ମତ ଦେଇଥିଲେ।

ବୈଠକରେ ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱତନ୍ତ୍ର ଉପସ୍ଥାପନ କରିଥିଲେ। ରାଜ୍ୟରେ ଏସ୍‌ଆଇଆର୍ ବେଳେ ଅଧିକାରୀମାନେ ସମ୍ମୁଖୀନ ହୋଇଥିବା ସମସ୍ୟା ଏବଂ ଏହାର କିପରି ମୁକାବିଲା କରାଯାଇଥିଲା, ସେସଂପର୍କରେ କହିଥିଲେ। ଏହି ଅବସରରେ ନିର୍ବାଚନ କମିସନ କହିଥିଲେ ଯେ ବିହାରରେ ଏସ୍‌ଆଇଆର୍ ପାଇଁ ଗତବର୍ଷ ଜୁନ୍ ୨୪ରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଦେଶର ଅବଶିଷ୍ଟ ଅଞ୍ଚଳ ପାଇଁ ଖୁବଶୀଘ୍ର ତାରିଖ ଘୋଷଣା କରାଯିବ। ନିର୍ବାଚନ କମିସନ କହିଥିଲେ ଯେ ଏସ୍‌ଆଇଆର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ।।ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା। ଯେଉଁମାନେ ମୃତ୍ୟୁ ବରଣ କରିଛନ୍ତି, ଯେଉଁମାନେ ଅନ୍ୟ ଅଞ୍ଚଳକୁ ସ୍ଥାୟୀ ଭାବେ ଚାଲିଯାଇଛନ୍ତି, ଯେଉଁମାନଙ୍କର ଦୁଇଟି ସ୍ଥାନରେ ନାମ ରହିଛି ଏବଂ ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି, ସେମାନଙ୍କ ନାମକୁ ଏହି ପ୍ରକ୍ରିୟାରେ କାଟି ଦିଆଯିବ। ତେବେ ସଂଶୋଧିତ ତାଲିକାରେ ଯେପରି ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଯିବ, ସେଥିପାଇଁ ଉଦ୍ୟମ କରାଯିବ। ଏସ୍‌ଆଇଆର।‌ରେ ନାମ ପଞ୍ଜୀକରଣ ପାଇଁ କମିସନ ବିହାରରେ ଯେଉଁ ୧୧ଟି ଦସ୍ତାବିଜ ଲୋଡ଼ିଥିଲେ, ସେଥିରେ ଆଧାର ନଥିଲା। ଏହାକୁ ନେଇ ବିବାଦ ଦେଖାଦେବାରୁ ଆଧାରକୁ ଏହି ଦସ୍ତାବିଜ ତାଲିକାରେ ସାମିଲ କରିବାପାଇଁ ସୁପ୍ରିମ କୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### 'ଭୁବନେଶ୍ୱର ନୂଆ ସହର'...

ଏମଓୟୁ ହୋଇଛି। ଏହି ଚୁକ୍ତି ଅନୁଯାୟୀ ଏସଜେଆଇ ନିୟୁ ସିଟି ପାଇଁ ମାଷ୍ଟର ପ୍ଲାନ ତିଆରି ଓ ଭିତ୍ତିଭୂମି ବିକାଶ ପାଇଁ ପରାମର୍ଶ ଦେବ। ପୂରା ପ୍ରକଳ୍ପ ପାଇଁ ବିଡିଏ ଆଗାମୀ ୧୫ ବର୍ଷରେ ୮୧୭୯ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ରଖିଛି। ପ୍ରଥମ ୫ ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୯-୩୦ ପାଇଁ ରାଜ୍ୟ ବଜେଟରୁ ୧୩୪୨ କୋଟି ଟଙ୍କା ପ୍ରସ୍ତାବ ରଖିଛି।

ସେହିପରି ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ରାଜ୍ୟରେ ବର୍ତ୍ତମାନ ୮୬୦ଟି ଆମ୍ବୁଲାନ୍ସ/ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା(ଇଏମଏଏସ) ମଧ୍ୟରୁ ୪୨୧ଟି ଆମ୍ବୁଲାନ୍ସ ୫ ବର୍ଷରୁ ଅଧିକ ପୁରୁଣା ହୋଇଥିବା ବେଳେ ୨୫୦୦୦୦ କିମିରୁ ଅଧିକ ଚାଲିସାରିଲାଣି। ଉନ୍ନତମାନର ସେବା ପାଇଁ ଏଗୁଡ଼ିକର ପରିବର୍ତ୍ତନ ଆବଶ୍ୟକ ହୋଇପଡ଼ିଛି। ଏହାବ୍ୟତୀତ କାର୍ଡିଆକ୍ କେୟାର ହସ୍ପିଟାଲ, ଝାରସୁଗୁଡାଠାରେ ୨ଟି ଏଏଲଏସ ଆମ୍ବୁଲାନ୍ସ ଏବଂ ବିମାନବନ୍ଦର ପାଇଁ ୫ଟି ଏଏଲଏସ ଆମ୍ବୁଲାନ୍ସ କ୍ରୟ ନିଷ୍ପତ୍ତିକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ୪୨୮ଟି ଆମ୍ବୁଲାନ୍ସ ପାଇଁ ୧୧୮.୯୮ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳ ରଖାଯାଇଛି। ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ଗତ ଜୁଲାଇ ୩୧ ତାରିଖ ସୁଦ୍ଧା ମୋଟର ଯାନ ଅଧିନିୟମ ଉଲ୍ଲଂଘନ କ୍ଷେତ୍ରରେ ବକେୟା ଥିବା ନିର୍ଦ୍ଦିଷ୍ଟ ଇ-ଚାଲାଣ ପାଇଁ ରାଜ୍ୟ ସରକାର ଏକକାଳୀନ ସମାଧାନ ଯୋଜନା(ଓଟିଏସ) ଘୋଷଣା କରିଛନ୍ତି। ଏହାର କାର୍ଯ୍ୟକାରିତା ତଦାରଖ ପରିବହନ ବିଭାଗ କରିବ ଏବଂ ସଡ଼କ ସୁରକ୍ଷା ବୃଦ୍ଧି ପାଇଁ ମୋଟର ଯାନ ଅଧିନିୟମର ସମସ୍ତ ପ୍ରାବଧାନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବ। ବିଭିନ୍ନ କୋର୍ଟକୁ ପଠାଯାଇଥିବା ଚାଲାଣ ଗୁଡ଼ିକର ଫଇସଲା ପାଇଁ ଉପଯୁକ୍ତ ନିଷ୍ପତ୍ତି ନେବା ପାଇଁ ବିଧି ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଏକକାଳୀନ ଯୋଜନା ଅଧିସୂଚନା ଜାରି ହେବା ତାରିଖଠାରୁ ୬ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହିପରି ରାଜ୍ୟ କ୍ୟାବିନେଟ ଓଡ଼ିଶା ନିଯୁକ୍ତି ପରୀକ୍ଷା ଫିସ୍ ପ୍ରଦାନ ଏବଂ ସ୍ୱେ ନିୟମାବଳୀ ୨୦୨୫ର ପ୍ରଣୟନକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଯାହାଫଳରେ ନିଯୁକ୍ତି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ଏସସି, ଏସଟି ଏବଂ ଭିନ୍ନକ୍ଷମ ବର୍ଗ ବ୍ୟତୀତ ଅନ୍ୟ ସମସ୍ତ ଆବେଦନକାରୀଙ୍କଠାରୁ ନିଯୁକ୍ତି ସଂସ୍ଥାଗୁଡ଼ିକ ଦ୍ୱାରା ସ୍ଥିରୀକୃତ ପରୀକ୍ଷା ଫିସ୍ ସଂଗ୍ରହ କରାଯିବ।

### ୩ ବର୍ଷରେ...

ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଖର୍ଚ୍ଚ ବୃଦ୍ଧି ପାଇଥିଲେ ହେଁ ସେମାନେ ଏହାକୁ ଏଡ଼ାଇବାକୁ ବିଳାସପୂର୍ଣ୍ଣ ସାମଗ୍ରୀ ଓ ପ୍ରିମିୟମ ଉତ୍ପାଦଗୁଡ଼ିକରେ କରୁଥିବା ବ୍ୟୟକୁ ହ୍ରାସ କରିବାକୁ ବାଧ୍ୟ ହୋଇଛନ୍ତି। ଯାହାର ନକରାତ୍ମକ ପ୍ରଭାବ ବଜାର ଉପରେ ପଡୁଛି।

ପାରିବାରିକ ଖର୍ଚ୍ଚ ବୃଦ୍ଧି ଲୋକଙ୍କ ଗ୍ରାହକ ବା ଉପଭୋକ୍ତା ଭାବନାକୁ ଦୁର୍ବଳ କରିଛି। ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଗ୍ରାହକ ଆତ୍ମବିଶ୍ୱାସ ସୂଚକାଙ୍କ ଗତ ଏକ ବର୍ଷ ମଧ୍ୟରେ ୩%ରୁ ଊର୍ଦ୍ଧ୍ୱ ହ୍ରାସ ପାଇଛି। ୨୦୨୪ ମାର୍ଚ୍ଚରେ ଦେଶରେ ଉପଭୋକ୍ତା ଆତ୍ମବିଶ୍ୱାସ ସୂଚକାଙ୍କ ୯୮.୫% ରହିଥିବାବେଳେ ୨୦୨୫ ମେ ମାସରେ ଏହା ୯୫.୪%କୁ ଖସିଥବିା ଦେଖାଯାଇଛି। ଦେଶର ୫୯%ରୁ ଊର୍ଦ୍ଧ୍ୱ ପରିବାର ଆଗାମୀ କେଇମାସ ମଧ୍ୟରେ ସେମାନଙ୍କର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ହେବ ନାହିଁ ବୋଲି ଆଶଙ୍କା କରୁଛନ୍ତି ଓ ୩୦% ଲୋକ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥା ଭବିଷ୍ୟତରେ ଅଧିକ ଖରାପ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଦେଶର ଉପଭୋକ୍ତାମାନେ ଏବେ ସେମାନଙ୍କର ଆୟର ପ୍ରମୁଖ ଅଂଶ ଶିକ୍ଷା, ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ ଓ ଋଣ ପରିଶୋଧ ନିମନ୍ତେ ବ୍ୟୟ କରୁଛନ୍ତି। ସେମାନଙ୍କ ପାଖରେ ସଞ୍ଚୟ ପାଇଁ କମ୍ ଅର୍ଥ ରହୁଛି। ଯଦି ଭବିଷ୍ୟତରେ ଅଧିକ ଆୟ ହୁଏ ତେବେ ୫୪ ପ୍ରତିଶତ ପରିବାର ସଞ୍ଚୟ କରିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ମତ ଦେଇଥିବାବେଳେ ୩୮% ପରିବାର ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପାଇଁ ଏହାକୁ ଖର୍ଚ୍ଚ କରିବେ ବୋଲି ମତ ଦେଇଛନ୍ତି। ଅନ୍ୟପକ୍ଷରେ ମାତ୍ର ୭% ପରିବାର ଅଧିକ ଆୟକୁ ବିଳାସପୂର୍ଣ୍ଣ ସାମଗ୍ରୀ କ୍ରୟ ନିମନ୍ତେ ବ୍ୟବହାର କରିବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି।

ଏ ପ୍ରସଙ୍ଗରେ ୱାର୍ଲ୍ଡପ୍ୟାନେଲ୍ ବାଏ ନ୍ୟୁମେରେଟରର ଦକ୍ଷିଣ ଏସିଆର ପରିଚାଳନା ନିର୍ଦ୍ଦେଶକ କେ ରାମକ୍ରିଷ୍ଣନ୍ କହିଛନ୍ତି ଯେ ଦେଶର ସହରୀ ଏବଂ ଗ୍ରାମୀଣ ଉଭୟ କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଏବଂ ଅଧିକାଂଶ ପରିବାର ଅତ୍ୟାବଶ୍ୟକୀୟ ଜିନିଷ, ସଞ୍ଚୟ ଏବଂ ଋଣ ପରିଶୋଧକୁ ପ୍ରାଥମିକତା ଦେଉଛନ୍ତି। ସେମାନଙ୍କ ପାଇଁ ପରିବାରର ଖର୍ଚ୍ଚ ଭରଣା କରିବା ପ୍ରାଥମିକତା ହୋଇଛି।

### ପେଟ୍ରୋଲ ଢାଳି...

କୌଣସି କାରଣକୁ ନେଇ ଆଜି ରାତି ପ୍ରାୟ ୯ଟା ବେଳେ ସୂରଜ ମେଣ୍ଟୁ ଛକରେ ପହଞ୍ଚି ନିଜ ସହ ଆଣିଥିବା ପେଟ୍ରୋଲକୁ ଶରୀରରେ ଢାଳିବା ପରେ ନିଆଁ ଲଗାଇ ଦେଇଥିଲେ। ସେ ହୁତୁହୁତୁ ହୋଇ ଜଳୁଥିବା ଦେଖି ଉପସ୍ଥିତ ଲୋକେ ଦୌଡ଼ି ଯାଇ ନିଆଁ ଲିଭାଇଥିଲେ। ତେବେ କ'ଣ ପାଇଁ ସେ ଏପରି ପଦକ୍ଷେପ ନେଲେ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ, ଆଜି ସେ ଇନ୍‌ଷ୍ଟାଗ୍ରାମରେ ଦୁଃଖଭରା ଷ୍ଟାଟସ୍ ଦେବା ସହ 'ମୋର କିଛି ହେଲେ କାହାର ଦୋଷ ନାହିଁ' ଲେଖି ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ପ୍ରେମକୁ ନେଇ ଝଗଡ଼ା ପରେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଏଥିରୁ ଅନୁମାନ କରାଯାଉଛି। ପୁଲିସ ଏନେଇ ଅଧିକ ତଦନ୍ତ ଚଳାଇଛି।

### ସୁଭଦ୍ରାରୁ ୨ ଲକ୍ଷ...

ମଧ୍ୟରୁ ୧୮୦୫ ଜଣ ଜୀବିତ ଥିବା ଜଣାପଡ଼ିଛି। ଅଭିଯୋଗ ପରେ ଏ ବିଷୟରେ ତଦନ୍ତ କରିବାକୁ ସରକାର ଅଣ୍ଟା ଭିଡ଼ିଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ଘରକୁ ଘର ବୁଲି ଯାଞ୍ଚ କରାଯିବ। ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ବକେୟା ସହ ୩ କିସ୍ତିର 'ସୁଭଦ୍ରା' ଟଙ୍କା ଏକାଥରକେ ମିଳିବ। ଯେଉଁ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି, ପୁଣି ଥରେ ତର୍ଜମା କରାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡ଼ାଯିବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି, ମୃତ୍ୟୁ କାରଣରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚାରିଚକିଆ ଯାନ ଥିବା ହିତାଧିକାରୀଙ୍କ ତାଲିକାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଯାଞ୍ଚ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଜମି ପାଇଁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ ପାଇଁ କ୍ଷେତ୍ର ଅନୁଧ୍ୟାନ କରାଯିବାକୁ କୁହାଯାଇଛି। ସେହିପରି ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ୍ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରାଯିବ। ଅଧିକାରୀମାନେ ଆଗାମୀ ୧୫ ଦିନ ଭିତରେ ଫିଲ୍ଡ ଭିଜିଟ କରି ତଦନ୍ତ ରିପୋର୍ଟ ଦେବେ। ଏଥିପାଇଁ ଦୁଇ ଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲିବ। ବାଦ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗ କରି ଆଉ ଥରେ ସାମିଲ ପାଇଁ ଆବେଦନ କରି ପାରିବେ। ତେବେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍‌କୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

### ରକ୍ତ ଭଣ୍ଡାରରେ ଚିହ୍ନଟ...

ମାମଲାଗୁଡ଼ିକର ଏକତ୍ର ଶୁଣାଣି ପାଇଁ ନିବେଦନ କରାଯାଇଛି। ୨୦୨୩ରେ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସମସ୍ତ ରକ୍ତଭଣ୍ଡାରରେ ଏନ୍‌ଏଟି-ପିସିଆର ପରୀକ୍ଷା ସୁବିଧା ଉପଲବ୍ଧ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ୧୧ଟି ରକ୍ତଭଣ୍ଡାରରେ ଏହି ସୁବିଧା ରହିଛି। ଏବଂ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଅବଶିଷ୍ଟ ୪୫ଟି କେନ୍ଦ୍ରରେ ଏହି ପରୀକ୍ଷା ଉପଲବ୍ଧ ହେବ ବୋଲି ସରକାର ଜବାବ ରଖିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୫କୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସତ୍ୟସୁନ୍ଦର କାନୁନଗୋ ମାମଲା ପରିଚାଳନା କରୁଛନ୍ତି।

ଏମଆରଆଇ ରିପୋର୍ଟ ପ୍ରଦାନରେ ଖାମଖିଆଲି

# ଏମକେସିଜିରେ ରୋଗୀ ହନ୍ତସନ୍ତ



ବ୍ରହ୍ମପୁର, ୧୦।୯ (ସମିସ): ଏମ୍‌କେସିଜି ମେଡ଼ିକାଲରେ ଥିବା ପିଏମ୍‌ଏସ୍‌ଏସ୍‌ୱାଇକୁ ଡାକ୍ତରଙ୍କ ପରାମର୍ଶକ୍ରମେ ଏମ୍‌ଆରଆଇ ପରୀକ୍ଷା କରୁଥିବା ରୋଗୀଙ୍କୁ ସଠିକ ସମୟରେ ରିପୋର୍ଟ ମିଳୁନଥିବା ଅଭିଯୋଗ ହୋଇଛି। ଫଳରେ ବହୁ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ହେବା ସହିତ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ବୁଧବାର ବହୁ ରୋଗୀ ଏମ୍‌କେସିଜି ମେଡିକାଲର ପ୍ରଶାସକ ସଂଗ୍ରାମ ଶେଖର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିବା ସହିତ ତଦନ୍ତ ଦାବି କରିଛନ୍ତି। ମେଡ଼ିକାଲର ରେଡିଓଲୋଜି ବିଭାଗରେ କାର୍ଯ୍ୟରତ କିଛି ଡାକ୍ତର ଡ୍ୟୁଟି ସମୟରେ ବିଭାଗରେ ନରହି ବିଭିନ୍ନ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟରରେ ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଫଳରେ ସଠିକ ସମୟରେ ରୋଗୀଙ୍କୁ ରିପୋର୍ଟ ମିଳୁ ନଥିବା ସେମାନେ ଦର୍ଶାଇଛନ୍ତି। ରୋଗୀମାନେ ଏମ୍‌ଆରଆଇ ପରୀକ୍ଷା କରି ରିପୋର୍ଟ ପାଇଁ ଏକ ସପ୍ତାହ ଧରି ଅପେକ୍ଷା କରିବାକୁ ପଡୁଥିବା ଯୋଗୁଁ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା କହିଛନ୍ତି। ଫଳରେ ଶିଶୁ, ମେଡ଼ିସିନ ଓ ଇଏନଟି ବିଭାଗ ଭଳି ବହୁ ବିଭାଗରେ ରୋଗୀଙ୍କ ଚିକିତ୍ସାରେ ବାଧା ଉପୁଜୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପ୍ରଶାସକ ଶ୍ରୀପଣ୍ଡାଙ୍କ ଘଟଣାର ତଦନ୍ତ କରିବା ସହ ରେଡ଼ିଓଲୋଜି ବିଭାଗର ଡାକ୍ତର ଓ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏବଂ ତୁରନ୍ତ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ।

## ଖରସ୍ରୋତାରେ ଭାସିଗଲେ ମହିଳା



### ଉଦ୍ଧାର କଲେ ଗ୍ରାମବାସୀ

ଗୋବିନ୍ଦପୁର, ୧୦।୯(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଗୋବିନ୍ଦପୁର ଗ୍ରାମର ସମୀର ଦାସଙ୍କ ପତ୍ନୀ ସ୍ନିଗ୍ଧା ସରିତା ଦାସ(୩୫) ଆଜି ସାଢ଼େ ୧୦ଟା ବେଳେ ନଦୀକୁ ଘରୋଇ କାର୍ଯ୍ୟ ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଦୀର୍ଘ ସମୟ ପରେ ନଦୀରେ ମହିଳାଜଣଙ୍କ ଭାସି ଯାଉଥିବା ଦେଖି ଗ୍ରାମର କିଛି ସାହସୀ ଯୁବକ ନିଜ ଜୀବନକୁ ବାଜି ଲଗାଇ ନଦୀ ମଧ୍ୟକୁ ଡେଇଁଥିଲେ। ବନ୍ୟାର ପ୍ରଖରସ୍ରୋତ ସତ୍ତ୍ୱେ ସାହସୀ ଯୁବକ ଅମରେଶ ଦାସ, ରବୀନ୍ଦ୍ର ଧଳ, ରଞ୍ଜିଆ ଦାସ, ସୁଶାନ୍ତ ଦାସ, ବ୍ରଜକିଶୋର ମହାନ୍ତି ଓ ଗ୍ରାମବାସୀଙ୍କ ସହଯୋଗରେ ସ୍ନିଗ୍ଧାଙ୍କୁ ନଦୀରୁ ଉଦ୍ଧାର କରାଯାଇଛି। ତାଙ୍କୁ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## କେନାଲରେ ଭାସି ମହିଳା ମୃତ

ଧରାକୋଟ, ୧୦।୯(ସମିସ): ଧରାକୋଟ ଥାନା ଅନ୍ତର୍ଗତ ଜାନବିଲି ଗ୍ରାମର ଶଙ୍କର ବିଷୋୟୀଙ୍କ ସ୍ତ୍ରୀ ରୁନା ବିଷୋୟୀ (୪୨) ବୁଧବାର ସକାଳୁ ନିକଟସ୍ଥ ଋଷିକୂଲ୍ୟା କେନାଲକୁ ଗାଧୋଇ ଯାଇଥିବା ବେଳେ ଭାସି ଯାଇଛନ୍ତି। ଧରାକୋଟ ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ରୁନା ବିଷୋୟୀଙ୍କ ସମ୍ପର୍କୀୟ କେଶବ ବିଷୋୟୀ ଧରାକୋଟ ଥାନାରେ ଏତଲା ଦେବା ପରେ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ୬୨୮ ଫୁଟ୍ ଡେଇଁଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୧୦।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮ ଫୁଟ୍ ଟପିଛି। ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜଳସ୍ତର ରହିଥିବା ନଦୀବନ୍ଧ ସୂତ୍ରରୁ କୁହାଯାଇଛି। ଆଜି ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୮.୨୫ଫୁଟ୍ ରହିଥିଲା। ନଦୀବନ୍ଧର ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୦,୩୯୫ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୨,୨୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬,୩୦୫ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୫୬୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୧୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୦.୮୯ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୦୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୨୫ ଫୁଟ୍ ରହିଥିଲା।

**NOTICE (for Minor)**
By virtue of an affidavit sworn before Executive Magistrate, Bhubaneswar Dated. 04.09.2025 I Bichitrananda Dalai Address At- Soti, Po- Hatsahi, Ps. Panikoili, Dist- Jajpur, Odisha, pin-755043, declare that i have changed the name of my daughter from Jaeyinaseni Dalai to Jagyanseni Dalai. Henceforth, she shall be known as Jagyanseni Dalai for all purpose.
Bichitrananda Dalai

**NOTICE**
By virtue of an affidavit sworn before the Executive Magistrate, Talcher, Dist.-Angul, dated 09th day of September 2025 I, Dipak Debta, At- Ghantapada, Podachalgarh, Po- Ghantapada, Ps – Colliery, Dist.- Angul, Odisha - 759103 declare that I have change my minor son name from ABHINAM DEBATA to ABHINAM DEBTA. Henceforth, my minor son shall be known as ABHINAM DEBTA for all purpose.
Sd/- Dipak Debta

**NOTICE**
By virtue of an affidavit sworn before Executive Magistrate, Birmaharajpur, dated 06/09/2025, I Prashanna Kumar Padhan, At- Kanpur, Po/Ps- Birmaharajpur, Dist- Subarnapur, Pin-767018 declare that I have changed my name from Prasanna Kumar Padhan to Prashanna Kumar Padhan. Henceforth, I shall be known as Prashanna Kumar Padhan for all purposes.
Prashanna Kumar Padhan

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIIBBS2025 033, ତା.21.08.2025ରିଖର
ଶୁଦ୍ଧିପତ୍ର ସଂ. 01
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।
ବିଷୟ : କାର୍ଯ୍ୟ ଶେଷ ହେବା ଅବଧି :

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| 18 (ଅଠର) ମାସ | 24 (ଚବିଶି) ମାସ |

ବିସ୍ତୃତ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାଙ୍କୁ ପରାମର୍ଶ ଦିଆଯାଉଛି ଯେ, ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-102/CI/25-26

**AFFIDAVIT**
I Susanta Kumar Sahu, aged about 47 years, S/o- Gandharba Sahoo, resident of Shyampur, Near Sum Hospital, PO- Ghatikia, Ps- Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1838, dtd. 09/09/2025 that now onwards I shall be known as **SUSANTA KUMAR SAHOO** for all future purposes.

**AFFIDAVIT**
I Arpita Sahu, aged about 45 years, W/o- Susanta Kumar Sahoo, resident of Shyampur, Near Sum Hospital, PO- Ghatikia, Ps-Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1839, dtd. 09/09/2025 that now onwards I shall be known as **ARPITA SAHOO** for all future purposes.

**AFFIDAVIT**
By virtue of an affidavit No-1489, sworn before the Executive magistrate, Gondia, Dhenkanal on dtd- 08/09/2025, I **Ambuja Dehuri,** S/o- Ratanakar Dehuri, resident of At-Balipasi, Po/Ps- Nihalprasad, Dist- Dhenkanal, Pin-759016. My Aadhar Card bearing No: 3293 5768 8989, My LIC Policy Bond vide No: 585273373 & my SBI Account Passbook vide A/C No: 35711518947. I have changed my name from **Kalandi Dehury** (old name) to **Ambuja Dehuri** (new name). Henceforth both the names Kalandi Dehury and Ambuja Dehuri is one & same person & I will be known as **Ambuja Dehuri** (new name) for all future purposes.
Ambuja Dehuri

**AFFIDAVIT**
By virtue of an affidavit in the court of the Executive Magistrate, Nabarangpur vide Sl.No.985, dtd. 08.09.2025,I, Sanu Mali, have changed my minor daughter's name from Debaki Mali to Chandrika Mali. Henceforth She will be known as Chandrika Mali for all purposes.
Sd/- Sanu Mali

**NOTICE**
By virtue of an affidavit sworn before Executive Magistrate, Udala, Mayurbhanj No-4844, dated 09.09.2025 I, Suryakanta Nayak, Address At- Nandursahi, Po-Sarbanaghaty, Ps- Kaptipada, Dist- Mayurbhanj, Odisha-757077 declare that I have changed my name from Sruyakanta Nayak to Suryakanta Nayak. Henceforth, I will be known as **Suryakanta Nayak** for all purposes.

**AFFIDAVIT**
I, **Jayanta Kumar Giri,** aged about 49 years, son of Pratap Chandra Giri, resident of at Plot No.: 371/4086, Nandighosh Nagar, Sisupal, P.O.: Sisupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, declare that I have changed the name of my daughter from **Sadhanamani Padmagiri** (old name to **Sadhana Manipadma Giri** (new name). Henceforth, she shall be known as **Sadhana Manipadma Giri** (new name) for all purposes.

**NOTICE**
By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Bilipada, Po- Binayakpur, Ps - Pipili, Dist- Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.
(Sd- **MANASI BEHERA**)

**AFFIDAVIT**
By the virtue of an affidavit sworn before Notary Public Daringibadi, Dated 21.08.2025. I JAMINRAJ NAYAK , S/o. AJAYA Nayak, Address Jhimabadi, Po: Partamaha, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from Jaminraj Digal to JAMINRAJ NAYAK son of Ajaya Pradhan to AJAYA NAYAK. Henceforth, I shall be known as JAMINRAJ NAYAK son of AJAYA NAYAK for all purposes.

**AFFIDAVIT**
I, Bijay Kumar Sahu, S/o- Prahallad Chandra Sahoo, Resident of Village- Kundibag, PO- Bhadrak By-Pass, PS- Sabarang, Dist-Bhadrak, Pin -756181, Odisha, declare by this affidavit No -.8365, dated - 09.09.2025, that now on-wards I shall be known as **BIJAY KUMAR SAHOO** for all future purposes.

**AFFIDAVIT**
I, Minarani Sahu, W/o- Bijay Kumar Sahoo, Resident of Village- Kundibag, PO - Bhadrak By- Pass, PS - Sabarang, Dist-Bhadrak, Pin - 756181, Odisha, declare by this affidavit No - 8369, dated - 0 9.09.2025, that now onwards I shall be known as **MEENARANI SAHOO** for all future purposes.

**AFFIDAVIT**
I, Prahallad Chandra Sahu, S/o Late Karunakar Sahoo, Resident of Village- Kundibag, PO-Bhadrak By- Pass, PS-Sabarang, Dist- Bhadrak, Pin - 756181, Odisha, declare by this affidavit No -932, dated - 09.09.2025, that now on- wards I shall be known as **PRAHALLAD CHANDRA SAHOO** for all future purposes.

**GOVERNMENT OF ODISHA** A-604
**DEPARTMENT OF WATER RESOURCES**
**'e' Procurement Notice No 03 (BGR) / 2025-26**

| | | |
|---|---|---|
| 1 | Name of work | Construction of Check Dam & Repair and Renovation of M.I.Ps |
| 2 | Total No. of work | 26 (Twenty-Six) |
| 3 | Estimated cost | Rs.12.58 Lakhs to 99.96 Lakhs |
| 4 | Period of completion | (05) Five calendar months |
| 5 | Date & time of availability of Bid Document in the portal | 10.00 hours of 12.09.2025 to 17.00 hours 21.09.2025 |
| 6 | Last date/ Time for receipt of Bids in the Portal | 21.09.2025 up to 17.00 hours |
| 7 | Date and place of opening of Technical Bid | Dt. 22.09.2025 at 10.00 Hours in the office of the Superintending Engineer, Minor Irrigation Division, Balangir |
| 8 | Date and place of opening of Financial Bid | 24.09.2025 |
| 9 | Date of lottery scheduled to be held (If required) | 26.09.2025 |
| 10 | Name and address of the O.I.T (Officer Inviting Tender) | Superintending Engineer, Minor Irrigation Division, Balangir. |

Further details can be seen from the e-Procurement Portal "https://tendersodisha.gov.in"
Superintending Engineer, Minor Irrigation Division, Balangir.
OIPR-32550/11/0007/2526

# ମାଫିଆଙ୍କ କବ୍‌ଜାରେ ଜଙ୍ଗଲ ଜମି

## ମେଳି ହେଲେ ୧୩ ଗ୍ରାମର ଅଧିବାସୀ, ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ, ୧୦।୯ (ସମିସ)



ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ବନାଞ୍ଚଳ ଯୋରନ୍ଦା ଫରେଷ୍ଟ ସେକ୍ସନ ନୂଆକାଟେଣୀଠାରେ ଜଙ୍ଗଲ ଜମିକୁ ମାଫିଆମାନେ ଦଖଲ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏ ନେଇ ବନ ବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ମାଫିଆ ଜଙ୍ଗଲରୁ ବଡ଼ ବଡ଼ ଗଛ କାଟିବାକୁ ପ୍ରୟାସ ଚଳାଇଛନ୍ତି। ଏହାର ପ୍ରତିବାଦରେ ବାଇଁଶିଆ ଓ ରାଇତଳା ପଞ୍ଚାୟତର ବନସୁରକ୍ଷା ସମିତି ଅଧୀନରେ ଥିବା ୧୩୮ ପରିବାର ମେଳି ବାନ୍ଧିଛନ୍ତି। ବାଇଁଶିଆ ପଞ୍ଚାୟତ ଆମ୍ବବାହାଲିଠାରେ ଏକ ମହାସମାବେଶ ଆୟୋଜନ କରି ପ୍ରଶାସନ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗଁଦିଆ ବ୍ଲକ ବାଇଁଶିଆ ଓ ରାଇତଳା ପଞ୍ଚାୟତର ୧୩ ଗ୍ରାମର ଅଧିବାସୀ ୧୯୮୦ରୁ ଶାଳ ଜଙ୍ଗଲକୁ ଜଗାରଖା କରିଆସୁଛନ୍ତି। ରାଇତଳା ଓ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲକୁ ନେଇ ବାଇଁଶିଆ ପଞ୍ଚାୟତରେ ବନସୁରକ୍ଷା ସମିତି ଗଠନ ହୋଇଛି। ପ୍ରାୟ ୭୦୦ ଏକର ଜଙ୍ଗଲ ଜମିରେ ବିଭିନ୍ନ ବୃକ୍ଷଲତା ଶୋଭା ପାଉଛି। ବନବିଭାଗ ତରଫରୁ ସୀମା ପ୍ରସ୍ତୁତ କରାଯାଇ ଟ୍ରେଞ୍ଚ, ନୟଟିଂ ପିଲର କରାଯାଇଛି। ଏଫଡିଏ ଓ କାମ୍ପା ପ୍ରକଳ୍ପରେ ବନୀକରଣ କରାଯାଇଛି। ୨୦୨୩-୨୪ରେ ବନବିଭାଗ ଏହି ଅଞ୍ଚଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବନୀକରଣ କରିଛି। ଉକ୍ତ ଜଙ୍ଗଲ ମଧ୍ୟରେ ଗୋଟିଏ ସଭାଗୃହ ଓ ଫରେଷ୍ଟ ବିଟ୍ ତିଆରି ହୋଇଛି। ଜଣେ ବନରକ୍ଷୀ ନିଯୁକ୍ତ ହୋଇଛନ୍ତି। ମାତ୍ର ଗତବର୍ଷ ଜଟକ ଓଡ଼ଶପୁର ଅପୂଜା ଅଞ୍ଚଳର ପ୍ରସନ୍ନ ମିଶ୍ର ଉକ୍ତ ଜଙ୍ଗଲ ଜମିକୁ ଦଖଲ କରିବାକୁ ଉଦ୍ୟମ କରି ସଫାସୁତୁରା କରିଥିଲେ। ଏ ନେଇ ଗ୍ରାମବାସୀ ଡିଏଫ୍‌ଓଙ୍କୁ ଅବଗତ କରାଇବା ପରେ ତତ୍କାଳୀନ ଫରେଷ୍ଟର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏଥିରୁ ବିରତ ରହିବାକୁ ତାଗିଦ କରିଥିଲେ। ମାତ୍ର ବ୍ୟକ୍ତିଜଣକ ପରବର୍ତ୍ତୀ ସମୟରେ ଗଁଦିଆ ତହସିଲ, ଷଡ଼ଙ୍ଗୀ ବନାଞ୍ଚଳ ଅଧିକାରୀଙ୍କୁ ହାତ କରି ବନ ସୁରକ୍ଷା ସମିତି ଅଜାଣତରେ ଜାଗା ଚିହ୍ନଟ କରି ହାତେଇଥିବା ଜଣାପଡ଼ିଥିଲା। ଗତ ୧ ତାରିଖ ଲଗାଣ ବର୍ଷା ସମୟରେ ବ୍ୟକ୍ତିଜଣକ ୪୦ରୁ ୫୦ ଲୋକ ଲଗାଇ ୧୦ ଏକର ଜଙ୍ଗଲକୁ ସଫା କରି ଶାଳ, କରଣ, ଖୁକୁଣ୍ଡିଆ ଗଛ କାଟି ଦେଇଛନ୍ତି। ଏହାର ୪ ଦିନ ପରେ ଗ୍ରାମବାସୀ ଜାଣି ବନଖଣ୍ଡ ଅଧିକାରୀ ଓ ସ୍ଥାନୀୟ ଫରେଷ୍ଟରଙ୍କୁ ଏ ନେଇ ଅବଗତ କରାଇଥିଲେ। ତେବେ କୌଣସି ମତେ ଜଙ୍ଗଲ ଜମି ଅକ୍ତିଆର କରିବେ ବୋଲି ବ୍ୟକ୍ତିଜଣକ ଗ୍ରାମବାସୀଙ୍କୁ ଧମକ ଦେଉଛନ୍ତି।

ଅନ୍ୟପଟେ ବ୍ୟକ୍ତିଜଣକ ଜଙ୍ଗଲ ନିକଟରେ ଏକ ଫାର୍ମହାଉସ କରି ଚୋରା ବନ୍ଧୁକ ରଖିବା ସହ ଜନ୍ତୁ ଶିକାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ରାସାୟନିକ ଔଷଧ ପ୍ରୟୋଗ କରି ଜଙ୍ଗଲରେ ଥିବା ପୁରୁଣା ଶାଳଗଛଗୁଡ଼ିକୁ ମାରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହାର ପ୍ରତିବାଦରେ ସୋମବାର ଆମ୍ବବାହାଲିଠାରେ ଖଙ୍କର, ଆମ୍ବବାହାଲି, କାଠପାଳ, ବାଇଁଶିଆ, କଙ୍କା, ବଲ୍ଲବ, ବୁଢ଼ାଖିଆ, ଜୋଲୁହା, ବଜୁରିଆ, ବ୍ରହ୍ମପୁରା, ବାଲିଯୋରନ୍ଦା, ରାଏପୁରା ଆଦି ୧୩ ଖଣ୍ଡ ମୌଜାର ଲୋକେ ଏକାଠି ହୋଇ ପ୍ରତିବାଦ କରିଥିଲେ। ମରିଯିବୁ ପଛେ ଜଙ୍ଗଲ ଜମି ମାଫିଆ ହାତକୁ ଯିବାକୁ ଦେବୁ ନାହିଁ ବୋଲି ନାରା ଦେଇଥିଲେ। ଡିଏଫ୍‌ଓ, ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ପିସିସିଏଫ୍, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ। ଏହାପରେ ବି ସମାଧାନ ନ ହେଲେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଯୋରନ୍ଦା ଫରେଷ୍ଟର ଗଦାଧର ସାହୁ ପ୍ରତିବାଦ ସ୍ଥଳରେ ପହଞ୍ଚି ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଫେରିଆସିଥିଲେ। ହେଲେ ଜଙ୍ଗଲ ଉଜାଡୁଥିବା ବ୍ୟକ୍ତିଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ କୌଣସି ଉତ୍ତର ରଖି ନ ଥିଲେ। ପ୍ରତିବାଦ ବୈଠକରେ ବାଇଁଶିଆ ପଞ୍ଚାୟତ ବନସୁରକ୍ଷା ସମିତି ସଭାପତି ଅଭିରାମ ପଣ୍ଡା, ପୂର୍ବତନ ବାଇଁଶିଆ ସରପଞ୍ଚ ସୁବୋଧ କୁମାର ପଣ୍ଡା, ରାଜେନ୍ଦ୍ର ମୋହନ ପତି, ରବୀନ୍ଦ୍ର ତରାଇ, ପ୍ରସନ୍ନ ନାଏକ, ଶିବ ବେହେରା, ନିରଞ୍ଜନ ପ୍ରଧାନ, ଅମିନ ଦେହୁରୀ, ଦୁର୍ଗାଚରଣ ନାଏକ, ପ୍ରସନ୍ନ ସାମଲ, ଟଙ୍କଧର ତରାଇ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅଭୟ କୁମାର ପାଣିଙ୍କ ସମେତ ୫୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କ୍ଲଷ୍ଟର ପକ୍ଷରୁ ଶିକ୍ଷୟିତ୍ରୀ ସମ୍ମାନିତ



ଯୋରନ୍ଦା, ୧୦।୯ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅନିମା ପରିଡ଼ାଙ୍କୁ କ୍ଲଷ୍ଟର ପକ୍ଷରୁ ସମ୍ମାନିତ କରାଯାଇଛି। ଗୁରୁଦିବସରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ଶିକ୍ଷୟିତ୍ରୀ ପରିଡ଼ାଙ୍କୁ ସମ୍ମାନିତ କରିବା ପାଇଁ ଛାଟିଆଠାରେ କ୍ଲଷ୍ଟରସ୍ତରୀୟ ଉତ୍ସବ ଆୟୋଜନ କରାଯାଇଥିଲା। ଶନିବାର ଯୋରନ୍ଦା ପାଟଣା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋରନ୍ଦା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ଢେଙ୍କାନାଳ ଡିଆଇଇଟି ପକ୍ଷରୁ ଉଲ୍ଲାସ କାର୍ଯ୍ୟକ୍ରମରେ ପୌରଧକ୍ଷା ଜୟନ୍ତୀ ପାତ୍ର ଶିକ୍ଷୟିତ୍ରୀ ପରିଡ଼ାଙ୍କୁ ସମ୍ମାନିତ କରିଥିଲେ।

## ସମାଜସେବୀଙ୍କ ବିୟୋଗରେ ଶୋକ



ଖଜୁରିଆକଟା, ୧୦।୯ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ୧୨ନଂ ୱାର୍ଡ ବନମାଳୀପୁରର ସମାଜସେବୀ ରସାନନ୍ଦ ମୁଦୁଲି (୫୩)ଙ୍କ ପରଲୋକ ଘଟିଛି। ରସାନନ୍ଦ ବୁଧବାର କୌଣସି କାର୍ଯ୍ୟରେ ଢେଙ୍କାନାଳ ଯାଉଥିବାବେଳେ ରସୋଳ ଥାନା ସୁକିଆବାଉତି ନିକଟରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରସାନନ୍ଦ ଜଣେ ଦୃଢ଼ ସଂଗଠକ ଥିଲେ। ଏଥିସହ ସରଳ, ଅମାୟିକ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପୂର୍ବତନ ସାଂସଦ ମହେଶ ସାହୁ ଗଭୀର ଶୋକ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ରମେଶ ସାହୁ, ୧୨ନଂ ୱାର୍ଡ କାଉନସିଲ ଶରତ ଭୁତିଆ, ବିଜେଡି ଯୁବନେତା ଶ୍ରୀକାନ୍ତ ମହାପାତ୍ର, ବିଜେପି କାର୍ଯ୍ୟକର୍ତ୍ତା ରମେଶ ମିଶ୍ର, ବିଜେପି ଯୁବନେତା ପ୍ରମୋଦ ଶଙ୍କର ବେହେରା, ସୁମନ ଦାସ, ସାମ୍ବାଦିକ ଗୌତମ ମୁଦୁଲି ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ସନ୍ଧ୍ୟାରେ ଶତାଧିକ ଲୋକଙ୍କ ଉପସ୍ଥିତରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## କେନ୍ଦୁପତ୍ର ରେଞ୍ଜ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



କାମାକ୍ଷାନଗର, ୧୦।୯ (ସମିସ): କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ କେନ୍ଦୁପତ୍ର ରେଞ୍ଜ ତରଫରୁ ରେଞ୍ଜ ଅଧିକାରୀ କମଳ ଲୋଚନ ନାୟକଙ୍କ ତତ୍ତ୍ୱାବଧାନରେ ପଙ୍ଗାତିରାଠାରେ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ମହାହିରୋଡ୍ କେନ୍ଦୁପତ୍ର ରେଞ୍ଜ ଅଞ୍ଚଳର ୧୮୩ ଜଣ ତୋଳାଳି, ବନ୍ଧେଇ ଶ୍ରମିକ ଓ କର୍ମଚାରୀ ସହିତ ଅନ୍ୟ ଲୋକମାନେ ଶିବିରରେ ପଞ୍ଜୀକରଣ କରି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ନେଇଥିଲେ। ଡାକ୍ତର ନିସର୍ଗ ବେହେରା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ମୁନିରାମ ମୁର୍ମୁ, ଆଶାକର୍ମୀ ତୁଳାବତୀ ନାଏକ, ଲବଙ୍ଗ ନାଏକ, ରଜନୀ ସାହୁ, ବୁଧେଇ ପଧାନ, ତପସ୍ୱିନୀ ଦେହୁରୀ, ସରୋଜିନୀ ସାହୁ କୌଶଲ୍ୟା ବେହେରା ପ୍ରମୁଖ ସହଯୋଗ କରିଥିଲେ। ବନପାଳ କୌଶିକ ଜେନା, ସରୋଜିନୀ ହେମ୍ବ୍ରମ, ବନରକ୍ଷୀ ସସ୍ମିତା ସ୍ୱାଇଁ, ଚିତ୍ତରଞ୍ଜନ ମଢ଼େଇ, ଡିଇଓ ମନୋରଞ୍ଜନ କର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଖଜୁରିଆକଟା ଶିଶୁ ବିଦ୍ୟାମନ୍ଦିର ଛାତ୍ରଙ୍କ ସଫଳତା



ହିନ୍ଦୋଳ, ୧୦।୯ (ସମିସ): ଖଜୁରିଆକଟା ଗୌତମ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ମ ଶ୍ରେଣୀ ଛାତ୍ର ଅଂଶୁମାନ ବେହେରା ପ୍ରାଦେଶିକ ବିଜ୍ଞାନ ମେଳାରେ ବିଜ୍ଞାନ ପତ୍ରବାଚନ ବାଲ ବର୍ଗରେ ରାଜ୍ୟରେ ତୃତୀୟ ସ୍ଥାନ ଓ ୯ମ ଶ୍ରେଣୀ ଛାତ୍ର ସାହିଲ ପଟ୍ଟନାୟକ ଗଣିତ ପ୍ରକଳ୍ପ କିଶୋର ବର୍ଗରେ ୩ୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ର ଦ୍ୱୟଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟା, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ରାଉତ, ଶୁଭେଚ୍ଛୁ, ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା ଓ ବିଜ୍ଞାନ ମେଳା ପାଇଁ ସେମାନଙ୍କୁ ପ୍ରସ୍ତୁତ ତଥା ପ୍ରେରଣା ଯୋଗାଇଥିବା ବିଜ୍ଞାନ ଆଚାର୍ଯ୍ୟ ପ୍ରକାଶ କୁମାର ସାହୁ, ରାଜକିଶୋର ପାଳ, ପ୍ରତାପ ଚନ୍ଦ୍ର ବିଶ୍ୱାଳ ଓ ଶାନ୍ତିପ୍ରିୟା ପାଳ ପ୍ରମୁଖ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ରସାୟନ ବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ



ଖଜୁରିଆକଟା, ୧୦।୯ (ସମିସ): ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ +୩ ରସାୟନ ସମ୍ମାନ ବିଭାଗରେ ବୁଧବାର ନବାଗତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ବରିଷ୍ଠ ଛାତ୍ରଛାତ୍ରୀମାନେ ସ୍ୱାଗତ କରିଛନ୍ତି। ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ପତି ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ।

ମୁଖ୍ୟଅତିଥି ରୂପେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ଯୋଗଦେଇ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହେଲେ ସମାଜରେ ଅନେକ ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ। ଅଧ୍ୟାପକ ଅକ୍ଷୟ ପାତ୍ର, ଡ. କ୍ୟାପଟେନ କିଶୋର କୁମାର ପୃଷ୍ଟି, ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ନାରାୟଣ ପତି, ସୁବ୍ରତ ସ୍ମୃତିରଞ୍ଜନ ମିଶ୍ର, ଡେମନଷ୍ଟ୍ରେଟର ସରୋଜ କୁମାର ସାହୁ, ସୁଧାଂଶୁ ଶେଖର ମିଶ୍ର, କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ତପସ୍ୱିନୀ ଆଚାର୍ଯ୍ୟ, ଓଁସାଗର ସାହୁ, ସୁଧାଂଶୁ ସାହୁ, ମଧୁସ୍ମିତା ପ୍ରଧାନ, ରତ୍ନକେତନ ପ୍ରଧାନ ପ୍ରମୁଖ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ଏଲିସା ଖଡ଼ିରତ୍ନ ଧନ୍ୟବାଦ ଅର୍ପଣ କରିଥିଲେ।

## ସିମିନଇରେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ସେବା ଅଚଳ

ଢେଙ୍କାନାଳ, ୧୦।୯ (ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିନଇ ଅଞ୍ଚଳରେ ଗତ ଦୁଇଦିନ ଧରି ବିଏସଏନଏଲ ସେବା ଅଚଳ ରହିଛି। ଫଳରେ ସାଧାରଣ ଉପଭୋକ୍ତାଙ୍କ ସହ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ହୋଇପାରୁ ନାହିଁ। ସିମିନଇ ଏକ୍ସଚେଞ୍ଜ ତରଫରୁ ବିଏସଏନଏଲ ସେବା ଯୋଗାଇ ଦିଆଯାଉଥିବା ବେଳେ ଅଞ୍ଚଳରେ ହଜାର ହଜାର ଉପଭୋକ୍ତା ଅଛନ୍ତି। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବିଏସଏନଏଲ ବ୍ୟବହାର କରିବାକୁ କଡ଼ା ନିର୍ଦ୍ଦେଶ ଥିବା ବେଳେ ସିମିନଇ ଅଞ୍ଚଳରେ ସେବା ଦେବାରେ ବିଏସ୍‌ଏନ୍‌ଏଲ୍ ବିଫଳ ହୋଇଛି। ଏଠାରେ ଜେନେରେଟର ନ ଥିବାରୁ ବିଦ୍ୟୁତ କଟିଗଲେ ଇଣ୍ଟରନେଟ ସେବା ସହ ନେଟୱର୍କ ରହୁନାହିଁ। ସେହିପରି ଗତ ତିନି ଦିନହେବ ନେଟୱର୍କ ଏବଂ ଇଣ୍ଟରନେଟ ନ ଥିବାରୁ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ କଲେଜଗୁଡ଼ିକରେ ନାମଲେଖା ସହ ବିଭିନ୍ନ କାର୍ଯ୍ୟ ହୋଇପାରୁନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

● ମିଳିଲାନି ନିଯୁକ୍ତି

## ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ




ଢେଙ୍କାନାଳ, ୧୦।୯ (ସମିସ): ନିଯୁକ୍ତି ନ ମିଳିବାରୁ ଜଣେ ଯୁବକ ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ପରଜଙ୍ଗ ବାରିହାପୁର ଗ୍ରାମର ପ୍ରସନ୍ନ କୁମାର ନାଏକ। ପ୍ରସନ୍ନ ୨୦୦୧ରେ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଶିକ୍ଷକ ପାଇଁ ଆବେଦନ କରିଥିଲେ। ଚୟନ ପ୍ରକ୍ରିୟାରେ ତାଙ୍କୁ ନିଯୁକ୍ତି ମିଳିଥିବା ସେ ପ୍ରକାଶ କରିଛନ୍ତି। କିନ୍ତୁ ଚଞ୍ଚକତା ପୂର୍ବକ ତାଙ୍କୁ ନିଯୁକ୍ତି ପ୍ରଦାନ ନ କରି ଅନ୍ୟ ଜଣେ ଝିଅଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଏ ନେଇ ସେ ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇବା ସହ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶେଷରେ ସେ ନିରୁପାୟ ହୋଇ ବୁଧବାର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହା ଦେଖି କାର୍ଯ୍ୟାଳୟ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ପରେ ତାଙ୍କୁ ଟାଉନ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ପ୍ରସନ୍ନଙ୍କୁ ଅଟକ ରଖି କାଗଜପତ୍ର ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ପଦବୀରୁ ବହିଷ୍କୃତ



ଢେଙ୍କାନାଳ, ୧୦।୯ (ସମିସ): ପଦବୀର ଅପବ୍ୟବହାର କରିବା ଅଭିଯୋଗରେ ବହିଷ୍କୃତ ହୋଇଛନ୍ତି ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ। ଢେଙ୍କାନାଳ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ଓଡ଼ିଶା ମ୍ୟୁନିସିପାଲ୍ ଆଇନ-୧୯୫୦ର ଧାରା ୫୩ର ଉପଧାରା (୧) ଅନୁଯାୟୀ ନିକଟରେ ଶୁଭେନ୍ଦୁଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରାଇଥିଲେ। ଅଧ୍ୟକ୍ଷ ପଦରୁ ତାଙ୍କୁ କାହିଁକି ବହିଷ୍କାର କରା ନ ଯିବ ତାହା ବ୍ୟାଖ୍ୟା କରିବାକୁ ଶୁଭେନ୍ଦୁଙ୍କୁ ଆହ୍ୱାନ କରାଯାଇଥିଲା। ଢେଙ୍କାନାଳ ଜିଲ୍ଲା ପ୍ରଶାସନର ତଦନ୍ତ ରିପୋର୍ଟକୁ ସତର୍କତାର ସହ ବିଚାର କରାଯାଇଥିଲା। ତେବେ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ପଷ୍ଟୀକରଣ ସନ୍ତୋଷଜନକ ନ ଥିଲା। ପରେ ତାଙ୍କୁ ଅଗଷ୍ଟ ୧୪ରେ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ଦିଆଯାଇଥିଲା। ଅଧ୍ୟକ୍ଷ ଉଦ୍ଦେଶ୍ୟମୂଳକ ଭାବେ ଉକ୍ତ ଆଇନର ବ୍ୟବସ୍ଥା ଏବଂ ନିୟମଗୁଡ଼ିକୁ ଉଲ୍ଲଂଘନ କରିଛନ୍ତି ବୋଲି ରାଜ୍ୟ ସରକାର ହୃଦୟଙ୍ଗମ କରିଥିଲେ। ଅଧ୍ୟକ୍ଷ ଭାବରେ ତାଙ୍କର କର୍ତ୍ତବ୍ୟ ପାଳନରେ ଗୁରୁତର ଭାବରେ ବିଫଳ ହୋଇଛନ୍ତି। ଉକ୍ତ ଆଇନ, ନିୟମ ଏବଂ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରି କାର୍ଯ୍ୟ କରିଛନ୍ତି। ତେଣୁ ରାଜ୍ୟ ସରକାର ତାଙ୍କୁ ପଦବୀରୁ ବହିଷ୍କାର କରିଥିବା ଜଣାପଡ଼ିଛି। ଏ ନେଇ ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ଚିଠି ଦ୍ୱାରା ଅବଗତ କରାଯାଇଛି।

## ହିରୋ ଗ୍ଲାମର-ଏକ୍ସର ବଜାର ପ୍ରବେଶ



ଢେଙ୍କାନାଳ, ୧୦।୯ (ସମିସ): ହିରୋ ମୋଟୋ କର୍ପର ଅଧିକୃତ ବିକ୍ରେତା ସୋମ ଅଟୋ ପରିସରରେ ଗ୍ଲାମର-ଏକ୍ସର ବଜାର ପ୍ରବେଶ ହୋଇଛି। ଏହି ଗ୍ଲାମର-ଏକ୍ସର ଇଞ୍ଜିନ ୧୨୫ ସିସି ବିଶିଷ୍ଟ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଯାହା ୮୨୫୦ ଆରପିଏମରେ ୧୧.୪ ବିଏଚପି ଉତ୍ପାଦନ କରେ। ଏହା ସହିତ ହାଇଡେନିଟି ହେଡଲ୍ୟାମ୍ପ, ଇଣ୍ଟିଗ୍ରେଟେଡ୍ ପୋଜିସନ ଲ୍ୟାମ୍ପ ଏବଂ ଷ୍ଟାଇଲିସ ଏଲିଡି ଟ୍ରେଲ୍ ଲ୍ୟାମ୍ପ ରହିଛି। ୧୨୫ ସିସି ବାଇକ୍ ସେଗମେଣ୍ଟରେ ଏହା ବିଶ୍ୱର ପ୍ରଥମ ବାଇକ୍ ଯେଉଁଥିରେ ଲୋ ବ୍ୟାଟେରି କିକ୍‌ଷ୍ଟାର୍ଟ ରହିଛି। ଏହି ଅବସରରେ ସୋମ୍ ଅଟୋର ମ୍ୟାନେଜର ଚନ୍ଦନ ନନ୍ଦ ସମସ୍ତ ଗ୍ରାହକ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହି ମଡେଲର ବଜାର ପ୍ରବେଶ କରିଥିଲେ।

## ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ସଭାପତିଙ୍କ ବିଦ୍ୟାଳୟ ପରିଦର୍ଶନ

ପରଜଙ୍ଗ, ୧୦।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରିଷଦ ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବାଳକୃଷ୍ଣ ସାହୁ ବୁଧବାର ପରଜଙ୍ଗ ଓ କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରଥମେ ପରଜଙ୍ଗ ବ୍ଲକରେ ପହଞ୍ଚି ସ୍ଥାନୀୟ ପିଏମଶ୍ରୀ ନୋଡାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ଶ୍ରେଣୀଗୃହରେ ବିଭିନ୍ନ ସମସ୍ୟା ଉପରେ ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଥିଲେ। ପରଜଙ୍ଗ ବିଇଓଙ୍କ କାର୍ଯ୍ୟାଳୟକୁ ଆସି ଏହା ପରିସରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ବୁଝିବା ପରେ ଏହା ପରିସରରେ ଥିବା ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠକୁ ଯାଇ ଦିବ୍ୟାଙ୍ଗମାନଙ୍କ ଆନୁଷଙ୍ଗିକ ଉପକରଣ, ସେମାନଙ୍କ ସ୍ୱାସ୍ଥ୍ୟ, ପାଠପଢ଼ା ସମ୍ପର୍କରେ ଅବଗତ ହୋଇଥିଲେ। ବିଇଓଙ୍କ ସହ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା, ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ।

ଏହି ଅବସରରେ ବିଇଓ ପ୍ରିୟଦର୍ଶିନୀ ନାୟକ, ଏବିଇଓ ସତ୍ୟବ୍ରତ ସାହୁ, ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ। ପରେ କନ୍ତୋର ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ବିଭିନ୍ନ ସମସ୍ୟା ବୁଝିଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ଉଚ୍ଚ ବିଦ୍ୟାଳୟ, ଟିପେଇଝରଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଙ୍କଡ଼ାହାଡ଼ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ବିଇଓ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କଙ୍କଡ଼ାହାଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ପ୍ରତ୍ୟେକ ବିଦ୍ୟାଳୟର ସମସ୍ୟା ଓ ଏହାର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଇଓ ସାଗର ଟୁଡୁଙ୍କ ସହିତ ଆଲୋଚନା କରିଥିଲେ। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କ ଏହି ପରିଦର୍ଶନ ସମୟରେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ଅଶୋକ କୁମାର ବେହେରା, ନବକିଶୋର ସାହୁ, ରବି ପ୍ରଧାନ, ଅଶୋକ ପରିଡ଼ା, ମମତାଞ୍ଜଳି ବେହେରା, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଇପିଏଫ୍ ପେନସନର୍ସ ଆସୋସିଏସନର ବୈଠକ

ଢେଙ୍କାନାଳ, ୧୦।୯ (ସମିସ)



ସ୍ଥାନୀୟ ଜିଲ୍ଲା ଲେଖକ ସଂସଦ ଭବନରେ ନିଖିଳ ଉତ୍କଳ ଇପିଏଫ ପେନସନର୍ସ ଆସୋସିଏସନ ଜିଲ୍ଲା କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କମିଟି ସଭାପତି କ୍ଷୀରୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କମିଟି ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ, ସଂଗଠନ ସମ୍ପାଦକ କଣ୍ଡୁରି ଚରଣ ସୁବୁଦ୍ଧି, ସଂଯୋଜକ ରାଜକିଶୋର ସ୍ୱାଇଁ ଓ କୋଷାଧ୍ୟକ୍ଷ ଲକ୍ଷ୍ମଣ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଇପିଏଫ ସର୍ବନିମ୍ନ ମାସିକ ପେନସନ ୧୦୦୦ରୁ ୯୦୦୦ ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ ଓ ୨୦୧୪ ସେପ୍ଟେମ୍ବର ୧ ପରର କର୍ମଚାରୀଙ୍କ ଉଚ୍ଚତମ ହାରରେ ପେନସନ ପାଇବା ପାଇଁ ଆଲୋଚନା କରାଯାଇଥିଲା। ଜିଲ୍ଲା କମିଟିରେ କ୍ଷୀରୋଦ କୁମାର ବେହେରା ସଭାପତି ଓ ସଦାନନ୍ଦ ସାହୁ ସମ୍ପାଦକ ଓ ଉତ୍କଳ ଆଜବେଷ୍ଟସର କର୍ମଚାରୀ ଅମରେନ୍ଦ୍ର ସିଂଙ୍କୁ ସଂଗଠନ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ସଂଘ ଉପଦେଷ୍ଟା ସୁଶୀଲ କୁମାର ରାଉତ ସର୍ବନିମ୍ନ ପେନସନ ଓ ଉଚ୍ଚତମ ପେନସନ ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ରାଜ୍ୟ କମିଟି ସଭାପତି ସଞ୍ଜୟ କୁମାର ରଥ ଆଭାସୀ ମାଧ୍ୟମରେ ଉଦବୋଧନ ରଖିଥିଲେ। ଅନୁଗୋଳ ଜିଲ୍ଲା କମିଟି ସଭାପତି ଦୁଃଖବନ୍ଧୁ ପଟ୍ଟନାୟକ ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ଜିଲ୍ଲା କମିଟି ସଭାପତି କ୍ଷୀରୋଦ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ନିଷ୍କ୍ରିୟ ପ୍ରଶାସନ
# ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଜନତା

ଜଗତସିଂହପୁର,୧୦।୯ (ସମିସ)

ଜଗତସିଂହପୁର ଏକ ଶିକ୍ଷିତ ଏବଂ ସଚେତନ ଜିଲ୍ଲା ଭାବରେ ସମଗ୍ର ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ରାଜନୀତି, କଳା, ସାହିତ୍ୟ, ସଂସ୍କୃତି ଏବଂ ବିଜ୍ଞାନ କ୍ଷେତ୍ରକୁ ଜିଲ୍ଲାର ବଡ଼ ଅବଦାନ ରହିଛି। ସାମ୍ପ୍ରତିକ ସମୟରେ ପ୍ରଶାସନିକ ନିଷ୍କ୍ରୀୟତା ଏବଂ ପ୍ରତିନିଧିମାନଙ୍କ ଇଚ୍ଛାଶକ୍ତିର ଅଭାବରୁ ଜିଲ୍ଲାର ବିକାଶ ପ୍ରକ୍ରିୟାରେ ବ୍ରେକ୍ ଲାଗିଲା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାର ୪ଜଣ ବିଧାୟକଙ୍କ ମଧ୍ୟରୁ ୨ ଜଣ ଶାସକ ବିଜେପିର ହୋଇଥିବା ବେଳେ ୨ ଜଣ ବିରୋଧୀ ଦଳ ତଥା ବିଜୁ ଜନତା ଦଳର। ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଜଗତସିଂହପୁର ଲୋକସଭା ଆସନରେ ଶାସକ ବିଜେପିର ବିଭୂପ୍ରସାଦ ତରାଇ ସାଂସଦ ଅଛନ୍ତି। ବିଭିନ୍ନ ସମୟରେ ସଭାସମିତି ଏବଂ ସମୀକ୍ଷା ବୈଠକ ମଧ୍ୟ ପ୍ରଶାସନ ତରଫରୁ କରାଯାଉଛି। ପ୍ରାୟ ସମସ୍ତ ବୈଠକରେ ରାଜନିତୀରୁ ଉର୍ଦ୍ଧ୍ୱରେ ରହି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ଦଳମତ ନିର୍ବିଶେଷରେ ଆହ୍ୱାନ ଦିଆଯାଉଛି। ହେଲେ ଜିଲ୍ଲାର ଜନ ପ୍ରତିନିଧି ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ବିକାଶ ପ୍ରକ୍ରିୟା ଏକପ୍ରକାର ଅଚଳ ହୋଇପଡିଛି ବୋଲି ଅଭିଯୋଗ ହେଉଛି। ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ ଓ ରାସ୍ତାର ଦୂରାବସ୍ଥା ଏବଂ ଜିଲ୍ଲା ସଦରମହକୁମା ଅଞ୍ଚଳରେ ବିପର୍ଯ୍ୟସ୍ତ ରାସ୍ତାଘାଟକୁ ଦେଖିଲେ କିପରି ବିକାଶ ଚାଲିଛି ତାହା ସହଜେ ଅନୁମେୟ। ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିବାରୁ ଅସରାଏ ବର୍ଷାରେ ଜଗତସିଂହପୁର ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଲୋକଙ୍କ ଦୁର୍ଦ୍ଦଶାର କାରଣ ପାଲଟୁଛି। ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟ ଚିକିତ୍ସାଳୟଗୁଡ଼ିକରେ ଡାକ୍ତର ମରୁଡି ପରିସ୍ଥିତି ଲାଗିରହିଛି। ଫଳରେ ଶିକ୍ଷାଦାନ ଏବଂ ରୋଗୀସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ସେହିପରି ଜଗତସିଂହପୁର ସଦର ଥାନା ସମେତ ଅନ୍ୟ ଥାନାଗୁଡ଼ିକରେ ପୁଲିସ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ମଧ୍ୟ ଆବଶ୍ୟକତାକୁ ପୂରଣ କରି ପାରୁନାହିଁ। ଅବକାରୀ ବିଭାଗ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମଧ୍ୟ ସମାନ ପରିସ୍ଥିତି। ଫଳରେ ବିଭାଗୀୟ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଶାସକ ଦଳର ନେତାଙ୍କ ମଧ୍ୟରେ ଫାଟ ଏବଂ ପ୍ରଶାସନିକ ବ୍ୟବସ୍ଥାରେ ତାଳମେଳ ଅଭାବ ଯୋଗୁଁ ଜଳସେଚନ, ଜଳ ନିଷ୍କାସନ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରିକି ଖୋଦ୍ ଶାସକ ଦଳର ବିଧାୟକଙ୍କ ଚିଠିକୁ ମଧ୍ୟ ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ଉଦାହରଣ ରହିଛି। ତେଣୁ ଖାଲି କଥାରେ ନୁହେଁ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ନିଜ ଭିତରେ ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ ଦିଗରେ କାମ କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

# ଜିଲ୍ଲାର ସଂଗ୍ରାମୀ, ବରପୁତ୍ରଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ମ୍ୟୁଜିୟମ ପ୍ରତିଷ୍ଠା ଦାବି

ଜଗତସିଂହପୁର,୧୦।୯ (ସମିସ): ଓଡ଼ିଶାର ସାହିତ୍ୟ, ସଂସ୍କୃତି, କଳା ଏବଂ ସର୍ବୋପରି ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ଜଗତସିଂହପୁର ମାଟିର ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ଆଦିକବୀ ସାରଳା ଦାସଙ୍କ ଠାରୁ ଆରମ୍ଭ କରି ନବକୃଷ୍ଣ ଚୌଧୁରୀଙ୍କ ପର୍ଯ୍ୟନ୍ତ ବରପୁତ୍ର ଏବଂ ଅନେକ ମହିୟସୀ ମହିଳାମାନେ ଏଠାରେ ଜନ୍ମଲାଭ କରି ମାଟିର ଟେକ ରଖିଛନ୍ତି। ଏହି ବରପୁତ୍ରମାନଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ପାଇଁ କେତେକ ଅନୁଷ୍ଠାନ ତରଫରୁ ଔପଚାରିକ ଭାବେ ସେମାନଙ୍କର ଜନ୍ମଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଛି। ତେବେ ସରକାରୀସ୍ତରରେ ଏହି ବରପୁତ୍ର ଓ ସଂଗ୍ରାମୀମାନଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ଉଦ୍ଦେଶ୍ୟରେ ଏକ ମ୍ୟୁଜିୟମ ପ୍ରତିଷ୍ଠା ପାଇଁ ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ମ୍ୟୁଜିୟମ ପ୍ରତିଷ୍ଠା ଦ୍ୱାରା ଜିଲ୍ଲାର ସଂଗ୍ରାମୀ ଓ ବରପୁତ୍ରମାନଙ୍କ ତ୍ୟାଗ, ବଳିଦାନ ଓ ଅମରକୃତିକୁ ଉଜ୍ଜିବୀତ କରି ରଖାଯିବା ସହିତ ଭବିଷ୍ୟତ ପିଢି ପାଇଁ ଏହା ଅତ୍ୟନ୍ତ ଉପାଦେୟ ହୋଇପାରିବ ବୋଲି ଉକ୍ତ ଚିଠିରେ ବିଧାୟକ ଶ୍ରୀ ଦାସ ଉଲ୍ଲେଖ କରିଛନ୍ତି। ଏଥିସହିତ ଜିଲ୍ଲାର ସାହିତ୍ୟ, ସାଂସ୍କୃତିକ ଓ ଐତିହ୍ୟକୁ ମଧ୍ୟ ଏହି ମ୍ୟୁଜିୟମ ମାଧ୍ୟମରେ ଉଜ୍ଜିବୀତ କରାଯାଇ ଆଗାମୀ ପିଢିକୁ ଜ୍ଞାନ ବିତରଣ କରାଯାଇପାରିବ ବୋଲି ବିଧାୟକ ଶ୍ରୀ ଦାସ ଆଶାବ୍ୟକ୍ତ କରିଛନ୍ତି।

# ଓଡ଼ିଶା ନିଶା ନିବାରଣ ଅଭିଯାନର ସାଂଗଠନିକ ବୈଠକ



ଜଗତସିଂହପୁର,୧୦।୯ (ସମିସ): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ସାଂଗଠନିକ ବୈଠକ ଜଗତସିଂହପୁର ଜିଲ୍ଲା ଅବାହିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଆହ୍ୱାନରେ ଜଗତସିଂହପୁର କଲେଜ ଛକସ୍ଥିତ ବିଦ୍ୟାବାଣୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌର ପରିଷଦର ପ୍ରତିନିଧିମାନେ ଯୋଗଦେଇଥିଲେ। ଆଗାମୀ ଦିନରେ କିଭଳି ଜିଲ୍ଲାକୁ ସମ୍ପୂର୍ଣ୍ଣ ନିଶା ମୁକ୍ତ କରାଯାଇ ପାରିବ ସେଥିପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ମୋନା କେନ୍ଦ୍ରୀୟ କମିଟିର ଉପସଭାପତି ଖଗେଶ୍ୱର ବଳ, କୋଷାଧ୍ୟକ୍ଷ ଶୁଭେନ୍ଦୁ ରାଉତରାୟ, ସମ୍ପାଦକ ରମାକାନ୍ତ ମଣ୍ଡଳ, ଜିଲ୍ଲା କର୍ମକର୍ତ୍ତା ରବି ମହାନ୍ତି, ବାବୁରାମ ଚୌଧୁରୀ, ସ୍ନେହାଂଶୁ ଜେନା, ଦେବୀପ୍ରସାଦ ମହାରଣା, ସୁରେଶ ଚନ୍ଦ୍ର ସ୍ୱାଇଁ, ନାରାୟଣ ଭୋଳ, ସମୀର ଖଟୁଆ ପ୍ରମୁଖ ଯୋଗଦେଇ ଜିଲ୍ଲାର ସାଂଗଠନିକ ଶକ୍ତି ବୃଦ୍ଧି ପାଇଁ ଆସନ୍ତା ଡିସେମ୍ବର ମାସରେ ପ୍ରତି ବ୍ଲକ୍‌ସ୍ତରରେ କମିଟି ଗଠନ କରି ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିଥିଲେ। ଆବଶ୍ୟକ ସ୍ଥଳେ ପ୍ରତିବାଦ ଯଥା ଶାନ୍ତିପୂର୍ଣ୍ଣ ଧାରଣା, ଧର୍ମଘଟ, ସତ୍ୟାଗ୍ରହ ଇତ୍ୟାଦି ପନ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତି ବ୍ଲକ୍ ଓ ପୌର ପରିଷଦର ଦୁଇ ଜଣ ଲେଖାଏ (୧-ଆବାହକ ୨-ସହ-ଆବାହକ) ସ୍ଥିର କରାଯାଇଛି। ବିରିଡି ବ୍ଲକ ପାଇଁ ନାରାୟଣ ଭୋଳ, ରଘୁନାଥପୁର ବ୍ଲକ୍ ଶିକ୍ଷାବିତ ରମାରଞ୍ଜନ ସ୍ୱାଇଁ, ସରିତ ମହାପାତ୍ର, ଜଗତସିଂହପୁର ବ୍ଲକ ସବିତା ସ୍ୱାଇଁ, ଲିଲି ପ୍ରତିହାରୀ ଜଗତସିଂହପୁର ପୌର ପରିଷଦ ଗୀତାଞ୍ଜଳି ନନ୍ଦୀ, ସସ୍ମିତା ବେହେରା ନାଉଗାଁ ବ୍ଲକ୍ ଅଞ୍ଜଳି ଦାସ, ବାଲିକୁଦା ବ୍ଲକ୍ ସୁରେନ୍ଦ୍ର ବିଶ୍ୱାଳ, ଏରସମା ବ୍ଲକ୍ ଦେବାଶିଷ ଜେନା, ଉମେଶ ଖଟୁଆ, ପାରାଦ୍ୱୀପ ପୌର ପରିଷଦ ପ୍ରେମଲତା ବାରିକ, କୁଜଙ୍ଗ ବ୍ଲକ୍ ବାବୁରାମ ଚୌଧୁରୀ, ତିର୍ତୋଲ ବ୍ଲକର ବିଭୁତି ଭୂଷଣ ମହାପାତ୍ର ଯଥାକ୍ରମେ ଆବାହକ ଓ ସହ-ଆବାହକ ଭାବରେ ଦାୟିତ୍ୱ ବଣ୍ଟନ କରାଯାଇଛି। ବିଜନ ମହାପାତ୍ର, ଲିଲି ପ୍ରତିହାରୀ, ରବି ମହାନ୍ତି, ଗୋବିନ୍ଦ ଓଝା ପ୍ରମୁଖ ଯୋଗଦେଇ ସେମାନଙ୍କର ମତାମତ ରଖିଥିଲେ। ଶେଷରେ ସାମାଜିକ କର୍ମୀ ସବିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ନାଗ ସାପ ଉଦ୍ଧାର



ପାରାଦୀପ,୧୦।୯ (ସମିସ): କୁଜଙ୍ଗ ବ୍ଲକ୍ ଚେୟାରମ୍ୟାନ ନିନାରାଣୀ ସାହୁଙ୍କ ଘରୁ ଏକ ନାଗ ସାପ ଉଦ୍ଧାର ହୋଇଛି। ବିଷଧର ସାପକୁ ଦେଖି ତାଙ୍କ ପରିବାର ଲୋକେ ଭୟଭୀତ ହୋଇ ତୁରନ୍ତ କୁଜଙ୍ଗର ଯୁବ ସାପ ଧରାଳି ପ୍ରଭାତ ବେହେରା ଓରଫ ବାବୁନି ବାବାଙ୍କୁ ଡାକିଥିଲେ। ଜ୍ୟୋତିରଞ୍ଜନ ମହାପାତ୍ର, ରାଜା ପରିଡ଼ା, ରଘୁନାଥ ମାଝୀ, ସତ୍ୟ ଦାସ ଓ ଦିପୁ ତରେଇ ପ୍ରମୁଖ ମିଳିତ ଟିମ୍ ତାଙ୍କ ବାସଭବନରେ ପହଞ୍ଚି ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଛନ୍ତି। ପ୍ରଭାତ ଏବଂ ତାଙ୍କର ସହଯୋଗୀମାନଙ୍କୁ ଚେୟାରମ୍ୟାନ ଧନ୍ୟବାଦ ଜଣାଇଛନ୍ତି।



ଉତ୍କଳ ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ।

# ନାରୀ ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ,୧୦।୯ (ସମିସ): ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ନାରୀ ସଶକ୍ତିକରଣ ଓ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଛାତ୍ରୀମାନଙ୍କୁ ଅଧିକ ଦାୟିତ୍ୱ ସମ୍ପନ୍ନ ଏବଂ ନିଜର ଆତ୍ମସୁରକ୍ଷା ପାଇଁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ "ସଶକ୍ତ ନାରୀ ଓ ଶକ୍ତିଶାଳୀ ଭବିଷ୍ୟତ' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ 'ଶକ୍ତିଶ୍ରୀ ସଶକ୍ତିକରଣ କକ୍ଷ'ର ସଂଯୋଜିକା ଡ. ଶୁଭଶ୍ରୀ ନାୟକ ଓ ଶକ୍ତିଶ୍ରୀ ସାଥୀ ଲିପ୍ସା ମହାନ୍ତି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଂଯୋଜିକା ଡ. ସ୍ମିତା ବିଶ୍ୱାଳଙ୍କ ସମେତ ଅଧ୍ୟାପିକା ତନୁଜା ପାଣି, ଅଧ୍ୟାପକ ଗଣେଶ୍ୱର ପାତ୍ର, ଅଧ୍ୟାପକ ଅକ୍ଷୟ ମିଶ୍ର ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ

ପାରାଦୀପ,୧୦।୯ (ସମିସ): ଜଗତସିଂହପୁର ଜିଲ୍ଲା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଚ୍ ଭଲିବଲ ପ୍ରତିଯୋଗିତା ଆଜି ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ



ହୋଇଯାଇଛି। ପ୍ରତିଯୋଗିତାକୁ ବରିଷ୍ଠ କ୍ରୀଡ଼ାବିତ ତଥା ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର କୁମାର ଦାସ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିବାସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିରଞ୍ଜନ ଅତି, ପ୍ରଧାନଶିକ୍ଷକ ମୁନିସିପାଲ ହାଇସ୍କୁଲ ପାରାଦୀପ, ସୁକାନ୍ତ କୁମାର ସ୍ୱାଇଁ, ସିଆରସିସି, କାଳନ୍ଦୀ ଚରଣ ନାଥ ପ୍ରମୁଖ ଯୋଗଦେଇଥିଲେ। ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଧରଣୀଧର ପରିଡା ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। କୁଜଙ୍ଗ ବ୍ଲକ କ୍ରୀଡା ସମ୍ପାଦକ ରଶ୍ମୀକାନ୍ତ ଦାସ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶିଶୁମନ୍ଦିରର କ୍ରୀଡା ଶିକ୍ଷକ ପ୍ରଦୀପ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସମୁଦାୟ ୬ଟି ବ୍ଲକର ମୋଟ ୨୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୧୭ ବର୍ଷରୁ କମ ବାଳକ ବିଭାଗରେ କୁଜଙ୍ଗ ବ୍ଲକ ଚାମ୍ପିଅନ ହୋଇଥିଲା। ୧୭ ବର୍ଷ କମ ବାଳିକା ବିଭାଗରେ ଜଗତସିଂହପୁର ଚାମ୍ପିଅନ ହୋଇଛଇ। କ୍ରୀଡ଼ା ପ୍ରତିଯୋଗିତାରେ ଅଫିସିଆଲ ସହଯୋଗୀ ଭାବେ ଅବଦୁଲ ହମିଦ, ମିଲନ କୁମାର ଓଝା, ସଞ୍ଜୟ ଭୋଇ, ରଶ୍ମିରଞ୍ଜନ ଦାସ, ସୁବ୍ରତ ଚାନ୍ଦ, ବିକ୍ରମ ମହାପାତ୍ର ଯୋଗଦେଇଥିଲେ। ଭୁବନ ମୋହନ ଦାସ କ୍ରୀଡ଼ା ନିରୀକ୍ଷକ ଭାବେ ପ୍ରତିଯୋଗିତାକୁ ସମ୍ପାଦନ କରିଥିଲେ।

# ସମୁଦ୍ର କୂଳଲଂଘିଲା, ରାମତରାବାସୀ ଭୟଭୀତ

ଏରସମା,୧୦।୯ (ସମିସ): ପୂନେଇ ଉଠାଣିରେ ସମୁଦ୍ର କୂଳଲଂଘିଛି। ଗତକାଲି ରାତିରେ ସାମାନ୍ୟ ଜୁଆର ଆସିଥିବା ବେଳେ ଆଜି ତାହା ଉଗ୍ରରୂପ ନେଇଛି। ଏରସମା ବ୍ଲକ୍ ଅଧୀନ



ରାମତରା ସମୁଦ୍ର ବେଳାଭୂମିର, ଉତ୍ତରପଡା ପଦ୍ମପୁର ଘେରି ନିକଟରେ ଘାଇ ସୃଷ୍ଟି ହୋଇଛି। ସମୁଦ୍ର ଜୁଆର କ୍ରମଶଃ ଜନବସତି ଆଡ଼କୁ ମୁହାଁଉଛି। ଯେଉଁଥିପାଇଁ ରାମତରା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ କିଛିଦିନ ତଳେ ଶିଆଳିଠାରେ ସମୁଦ୍ର କୂଳଲଂଘନ କରି ପଦ୍ମପୁର ପଞ୍ଚାୟତ ଅଞ୍ଚଳରେ ଆତଙ୍କ ସୃଷ୍ଟିକରିଥିବା ବେଳେ ଶିଆଳି ପରେ ଆଜି ରାମତରା ବେଳାଭୂମିରେ ସମୁଦ୍ର କୂଳଲଂଘିଛି।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଅଧ୍ୟକ୍ଷଙ୍କୁ 'ଓଡ଼ିଶା ରତ୍ନ' ସମ୍ମାନ

ଜଗତସିଂହପୁର,୧୦।୯ (ସମିସ): ଭୁବନେଶ୍ୱର ଜୟଦେବଭବନରେ ଅନୁଷ୍ଠିତ ଶିକ୍ଷା ସମ୍ମିଳନୀରେ ଉନ୍ନତମାନର ଶିକ୍ଷା ବିଭିନ୍ନ ପାରଦର୍ଶୀତା ପାଇଁ ଜଗତସିଂହପୁର ସେଣ୍ଟ




ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ଅବଦୁଲ ଅଜିମ ଖାନଙ୍କୁ ନିଜର ସଫଳତା ପାଇଁ 'ଓଡିଶା ରତ୍ନ' ପୁରସ୍କାର ସମ୍ମାନ ପ୍ରଦାନ କରାଯାଇଛି। ସେଣ୍ଟର ଫର ଏଜୁକେସନ ଡେଭେଲପମେଣ୍ଟ ଇଣ୍ଡିଆ ଏବଂ ନୀତି ଆୟୋଗ ଦ୍ୱାରା ଭାବର ଅଲମ୍ପିଆଡ ଫାଉଣ୍ଡେସନର ମିଳିତ ସହଯୋଗରେ ସମାରୋହରେ ଉତ୍କୃଷ୍ଟ ଶିକ୍ଷକ ଏବଂ ଅନୁଷ୍ଠାନଗୁଡିକୁ ସମ୍ମାନିତ କରାଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଏବଂ କଟକର ବିଜେପି ନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରସିଦ୍ଧ ବିଶେଷଜ୍ଞ ଡ. ହୃଷିକେଶ ସେନାପତି, ଏନସିଇଆରଟି ପୂର୍ବତନ ନିର୍ଦ୍ଦେଶକ ସମେତ ଡ. ଶଙ୍କର ଗୋଏଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସିଇଡି ଫାଉଣ୍ଡେସନର ଡ. ପ୍ରିୟଦର୍ଶିନୀ ନାୟକ କାର୍ଯ୍ୟକ୍ରମ ଆୟୋଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଓଡିଶା ଯୁବ ପିଢିକୁ ଗଠନ କରି ଏକ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଏହା ବେଶ ସହାୟକ ଥିଲା। ଏହାସହିତ ଶ୍ରୀ ଖାନ ମଧ୍ୟ ଆମ ଜଗତସିଂହପୁର ଜିଲ୍ଲାର ଯୁବପିଢ଼ି ପାଇଁ ଏକ ପ୍ରେରଣା ଓ ଗୌରବ ନିଦର୍ଶନ ଆଣିଥିଲେ।

# ଗାଡ଼ିଧକ୍କାରେ ଗୁଜୁରାଟରେ କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କ ମୃତ୍ୟୁ

ରଘୁନାଥପୁର,୧୦।୯ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଧୀନସ୍ଥ ଜଗନ୍ନାଥପୁର ପଞ୍ଚାୟତ କୁଆମାଙ୍ଗା, ଗୋଠିଣା ଗ୍ରାମର ତଥା ଗୁଜୁରାଟରେ ସୁରକ୍ଷାକର୍ମୀ ଭାବେ

## ସରକାରୀ ସହାୟତା ପାଇଁ ଦାବି

କାର୍ଯ୍ୟରତ ଅରୁଣ କୁମାର ନାୟକ (୫୮)ଙ୍କ ଗାଡ଼ି ଧକ୍କାରେ ପରଲୋକ ଘଟିଛି। ସିଟି ପାସ୍ କରି ଶିକ୍ଷକ ଚାକିରୀ ନ ପାଇବାରୁ ବିବାହ ପରେ ପରିବାର ଗୁଜୁରାଣ ମେଣ୍ଟାଇବାକୁ ଦୀର୍ଘ ୨୫ବର୍ଷ ହେବ ସେ ଗୁଜୁରାଟରେ ଏକ ଘରୋଇ କମ୍ପାନୀରେ ସୁରକ୍ଷାକର୍ମୀ ଭାବେ ଦାଦାନ ଖଟୁଥିଲେ। ଦି'ପଇସା ପାଇ ପରିବାର ଚଳାଉଥିଲେ। ମଙ୍ଗଳାବାର କମ୍ପାନୀ ଗେଟରେ ଡ୍ୟୁଟି କରୁଥିବା ସମୟରେ ପଛରୁ ଏକ ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ଅରୁଣଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗ ଖବର ପାଇ ପତ୍ନୀ ଓ ଏକମାତ୍ର ପୁତ୍ର ଗୁଜୁରାଟରେ ପହଞ୍ଚି ଶବସତ୍କାର କରିଥିବା ଜଣାପଡ଼ିଛି। ଅରୁଣଙ୍କ ବିୟୋଗରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ଅସହାୟ ପରିବାରକୁ ସରକାରୀ ସାହାୟତା ପାଇଁ ସରକାରଙ୍କ ନିକଟରେ ଦାବି ହେଉଛି।

# ସୁନାହାର ଛଡ଼ାଇ ନେଇଥିବା ଦୁର୍ବୃତ୍ତକୁ ଧରି ପୁଲିସ ଜିମାଦେଲେ

ନାଉଗାଁ,୧୦।୯ (ସମିସ): ନାଉଗାଁ ଥାନା ଅଧୀନ ଗଳଧାରୀ ପଞ୍ଚାୟତ ଏରଡ଼ା -୨ ଗ୍ରାମରେ ଜଣେ ମହିଳାଙ୍କ ବେକରୁ ସୁନାହାର ଛଡ଼ାଇ ନେଇଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କୁ ଗ୍ରାମବାସୀ କାବୁକରି ପୁଲିସ ଜିମାରେ ଦେଇଛନ୍ତି। ମାସେ ତଳେ ଗ୍ରାମର ତପନ ମହାନ୍ତିଙ୍କ ପତ୍ନୀ ନିର୍ମଳା ମହାନ୍ତି ଓ ତାଙ୍କ ପୁଅ ଘର ଆଗରେ ଛିଡ଼ା ହୋଇଥିବା ବେଳେ ଦୁଇ ଯୁବକ ବାଇକ୍‌ରେ ଆସି ନିର୍ମଳାଙ୍କ ବେକରୁ ସୁନା ହାରଟିକୁ ଝାମ୍ପିନେଇ ଫେରାର ହୋଇଥିଲେ। ଏନେଇ



ନିର୍ମଳା ସେହି ସମୟରେ ନାଉଗାଁ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ମାସେ ହେଲା ପୁଲିସ ଅପରାଧୀମାନଙ୍କୁ ଧରିବାରେ ବିଫଳ ହୋଇଥିବା ବେଳେ ନିର୍ମଳାଙ୍କ ପୁଅ ସେହି ଯୁବକ ଦୁହିଁଙ୍କୁ ଗତ ୮ତାରିଖରେ ସେହି ବାଇକ୍‌ରେ ଉକ୍ତ ବାଟରେ ଯାଉଥିବା ଦେଖିଥିଲେ। ବାଇକ୍ ପଛରେ ବସିଥିବା ଯୁବକକୁ ଟାଣି ଧରିବାରୁ ଯୁବକଜଣଙ୍କ ଗାଡିରୁ ତଳକୁ ପଡ଼ିଯିବା ବେଳେ ଅନ୍ୟ ଯୁବକଜଣଙ୍କ ଗାଡ଼ିନେଇ ସେଠାରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଉକ୍ତ ଯୁବକକୁ ପ୍ରବଳ ଛେଚିବା ପରେ ଯୁବକ ଜଣଙ୍କ ତାର ନାମ ସରୋଫ ସେକ ଏବଂ ସେ ପଶ୍ଚିମବଙ୍ଗ ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ଏବେ ନିମାପଡ଼ା ଥାନାଞ୍ଚଳରେ ରହୁଥିବା କହିଥିଲା। ସେ ଓ ତାର ସାଙ୍ଗ ଉକ୍ତ ମହିଳାଙ୍କ ବେକରୁ ସୁନାହାର ଛଡାଇ ନେଇଥିବା ମାନିବା ପରେ ଗ୍ରାମବାସୀ ନାଉଗାଁ ପୁଲିସକୁ ଡାକି ଯୁବକ ଜଣଙ୍କୁ ତାଙ୍କ ଜିମା ଦେଇଥିଲେ। ଗତ ମାସେ ତଳେ ଥାନା ଅଧୀନ ଘୋଡାଂଶ ଗ୍ରାମରୁ ମଧ୍ୟ ଜଣେ ମହିଳା ଚଉରା ପୂଜିବା ବେଳେ ଦୁଇ ଯୁବକ ବାଇକ୍‌ରେ ଆସି ତାଙ୍କ ବେକରୁ ମଧ୍ୟ ଏକ ସୁନା ଚେନ ଝାମ୍ପି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଉଭୟ ଘଟଣାକୁ କେନ୍ଦ୍ରକରି ନାଉଗାଁ ପୁଲିସ ଉକ୍ତ ଯୁବକକୁ ଦୁଇଦିନ ଥାନାରେ ରଖି ଅଧିକ ପଚରାଉଚରା କରିବା ପରେ ଆଜି ଅଦାଲତ ଚାଲାଣ କରିଥିବା ଜଣାପଡିଛି।

# ୫ ଦଫା ଦାବିରେ ଦ୍ୱିତୀୟ ଦିନରେ ଶ୍ରମିକଙ୍କ ଧାରଣା



ପାରାଦୀପ,୧୦।୯ (ସମିସ): ପାଞ୍ଚ ଦଫା ଦାବିନେଇ ପିଆଇସିଟି କମ୍ପାନୀ ଫାଟକ ନିକଟରେ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ୍‌ର ଦୁଇଶହ ଶ୍ରମିକ ଗତକାଲିଠାରୁ ଅହରାତ୍ରୀ ଧାରଣାରେ ବସିରହିଛନ୍ତି। ଯେ ପର୍ଯ୍ୟନ୍ତ ତାଙ୍କର ଦାବି କର୍ତ୍ତୃପକ୍ଷ ନ ମାନିଛନ୍ତି, ସେ ପର୍ଯ୍ୟନ୍ତ ଧାରଣ ଜାରି ରହିବ ବୋଲି ଆଜି ସଂଘର ମୁଖ୍ୟ ଉପଦେଷ୍ଟା ତଥା ବିଜେପି ନେତା ସତ୍ୟ ସାରଥୀ ମହାନ୍ତି ଓ ସଂଘର କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସୁଧାକର ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିନା ନୋଟିସରେ କାମରୁ ବାହାର କରି ଦିଆଯାଇଥିବା ୩୨ ଜଣ ଶ୍ରମିକଙ୍କୁ ପ୍ରଥମେ ନିଯୁକ୍ତି ଏବଂ ଅନ୍ୟ ଦାବିଗୁଡିକୁ ପୂରଣ କରିବା ସମ୍ପର୍କରେ ଆଲୋଚନା କରାଯିବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାଜାରୀ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଜରାନିବାସରେ ଖାଦ୍ୟ, ବସ୍ତ୍ରଦାନକରି ଜନ୍ମଦିନ ପାଳନ



କୁଜଙ୍ଗ,୧୦।୯ (ସମିସ): କୁଜଙ୍ଗ ବଜାରର ପ୍ରତିଷ୍ଠିତ ବ୍ୟବସାୟୀ ନୀରଞ୍ଜନ ସାହୁଙ୍କ ନାତି ଦୁର୍ଗାପ୍ରସାଦ ସାହୁଙ୍କର ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରାଯାଇଛି। "୧୦ମ ବାର୍ଷିକ ଜନ୍ମଦିନ ଦୁଆଡିଆ ସ୍ଥିତ ମା' ରଜନୀ ଦେବୀ ଜରା ନିବାସରେ ପାଳିତ ହୋଇଯାଇଅଛି କ୍ଷ ଜରା ନିବାସର ପ୍ରତିଷ୍ଠାତା ଆଡଭୋକେଟ୍ ମଂଜୁଲତା ରାଉତ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି କୁଜଙ୍ଗ ଅଞ୍ଚଳର ଏହି ଜରାନିବାସ ପରିଚାଳନାରେ ଶ୍ରୀଯୁକ୍ତ ସାହୁଙ୍କ ସହଯୋଗ କାମନା କରିବା ସହିତ ଅଂଚଳର ସବୁ ପ୍ରତିଷ୍ଠିତ ବ୍ୟକ୍ତିମାନେ ସେମାନଙ୍କ ସ୍ମରଣୀୟ ଦିବସକୁ ଏହିପରି ପାଳନକଲେ ଅନ୍ତେବାସୀ ମାନେ ଏହାକୁ ନିଜର ପରିବାର ମନେକରି ନିଜକୁ ଆନନ୍ଦିତ ମନେକରିବେ ବୋଲି କହିଥିଲେ। ଏହି ଅବସରରେ ୧୬ ଜଣ ଅନ୍ତେବାସୀଙ୍କୁ ଖାଦ୍ୟ, ପାନୀୟ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା ଓ ନୀରଂଜନ ସାହୁ, ଅଶୋକ କୁମାର ସାହୁ, ସ୍ମୃତିଲିନା ସାହୁ,ପ୍ରଭାଂଜଳୀ ସାହୁ,ଦେବୀପ୍ରସାଦ ସାହୁ,ବୃନ୍ଦାବନ ବାରିକ,ହୃଦାନନ୍ଦ ସାହୁଙ୍କ ସମେତ ସମସ୍ତ ଜରାନିବାସ ଅନ୍ତୋବାସୀ ମାନେ ଏହି ଅବସରରେ ଉପସ୍ଥିତ ଥିଲେ।

# ବ୍ଲକ୍ ପରିସଂଖ୍ୟାନ କାର୍ଯ୍ୟାଳୟ ସମ୍ପ୍ରସାରଣ ଦାବି

ବାଲିକୁଦା,୧୦।୯ (ସମିସ)

ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ପରିସଂଖ୍ୟାନ କାର୍ଯ୍ୟାଳୟ ଗୃହ ସମ୍ପ୍ରସାରଣ ପାଇଁ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ ପଞ୍ଚାୟତ ସମିତି ବୈଠକଠାରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏହି କାର୍ଯ୍ୟାଳୟକୁ ସମ୍ପ୍ରସାରଣ କରାଯିବାକୁ ଶ୍ରୀ ସାହୁ ଦାବି କରିଛନ୍ତି। ବାଲିକୁଦା ବ୍ଲକ ୩୦ ପଞ୍ଚାୟତକୁ ନେଇ ଗଠିତ ହୋଇଥିବା କାରଣରୁ ବ୍ଲକ୍ କାର୍ଯ୍ୟାଳୟରେ ଥିବା ଯୋଗାଣ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ବେଶ ଭିଡ଼ ପରିଲକ୍ଷିତ ହୋଇଥାଏ। ବ୍ଲକର ସାଧାରଣ ଲୋକେ ସେମାନଙ୍କ ଖାଉଟି କାର୍ଡ




ସମସ୍ୟା ସମାଧାନ ପାଇଁ ଆସୁଥିବା ବେଳେ ସମସ୍ତ ପଞ୍ଚାୟତର ଡିଲର ମଧ୍ୟ ସେମାନଙ୍କ କାର୍ଯ୍ୟରେ ଏହି କାର୍ଯ୍ୟାଳୟକୁ ଆସିଥା'ନ୍ତି। ଏପରିକି ଜନପ୍ରତିନିଧି ସେମାନଙ୍କ ପଞ୍ଚାୟତର ସମସ୍ୟା ନେଇ ଅନେକ ସମୟରେ କାର୍ଯ୍ୟାଳୟ ଆସିଥା'ନ୍ତି। ପରିତାପର ବିଷୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଅନେକ ବିଭାଗ ଘର ଅତ୍ୟନ୍ତ ସୁନ୍ଦର ଓ ପ୍ରକୋଷ୍ଠ ବଡ଼ ହୋଇଥିବା ବେଳେ ଏହି କାର୍ଯ୍ୟାଳୟରେ ଥିବା ପ୍ରକୋଷ୍ଠ ତୁଳନାତ୍ମକ ଭାବେ ବହୁ ଛୋଟ। ଏପରିକି କାର୍ଯ୍ୟାଳୟରେ ଇନଭର୍ଟର ସଂଯୋଗ ନ ଥିବା କାରଣରୁ ବିଦ୍ୟୁତ୍ କାଟ ସମୟରେ ଘରଟି ସମ୍ପୂର୍ଣ୍ଣ ଅନ୍ଧାର ହୋଇଯିବା ସହ ପଙ୍ଖା ବନ୍ଦ ହୋଇଯାଏ। ଏପରିକି ଏହି ଅଫିସ ମଧ୍ୟରେ ସମସ୍ତ କାର୍ଯ୍ୟ ଅନଲାଇନ ଦ୍ୱାରା କରାଯାଉଥିବା ବେଳେ ବିଦ୍ୟୁତ୍‌କାଟ କାରଣରୁ ବାଧା ସୃଷ୍ଟି ହେଉଛି। ଦିନେ ଦିନେ ବିଭାଗ ବିଦ୍ୟୁତ୍ କାଟ କରି ମରାମତି କରାଗଲେ ଦିନ ତମାମ କାମ ବାଧାପ୍ରାପ୍ତ ହୋଇଥାଏ। ସବୁଠୁ ରୋଚକ କଥା ହେଉଛି ସବୁ କାର୍ଯ୍ୟ ଅନଲାଇନ ହେବା ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ସିଧାସଳଖ ଅନଲାଇନ ବ୍ୟବସ୍ଥା ପ୍ରଦାନ କରାଯାଇନାହିଁ। ସିଡିପିଓ କାର୍ଯ୍ୟାଳୟରୁ ଅନଲାଇନ ସେବା ଆଣି ବିଭାଗର କାର୍ଯ୍ୟ କରାଯାଏ। ଦିନେ ଦିନେ ସିଡିପିଓ କାର୍ଯ୍ୟାଳୟ ଖୋଲିବା ବିଳମ୍ବ ହେଲେ ଏଠାର କାମ ଅଧୁରା ରହୁଥିବା ବେଳେ ସିଡିପିଓ କାର୍ଯ୍ୟାଳୟ ଖୋଲା ବନ୍ଦ ଉପରେ ଖାଉଟିଙ୍କ ଭାଗ୍ୟ ନିର୍ଭର କରିଥାଏ। ଲୋକଙ୍କ ବସିବା ପାଇଁ ଜାଗା ନାହିଁ। ୧୦ରୁ ଅଧିକ ଲୋକ ହେଲେ କାର୍ଯ୍ୟାଳୟ ଭିଡ଼ ପରିଲିକ୍ଷିତ ହୁଏ। ପଞ୍ଚାୟତ ସମିତି ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଏହି ସମସ୍ୟାକୁ ପ୍ରସଙ୍ଗ କରିଥିବା ବେଳେ ବିଡିଓ ସାଗର ନନ୍ଦ ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଖାଉଟି ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀ କାର୍ଯ୍ୟର ସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ବିଭିନ୍ନ ସମସ୍ୟା କାରଣରୁ ଲୋକଙ୍କ ସମସ୍ୟା ସମାଧାନ କରିବାରେ ସେମାନେ ବିଫଳ ହେଉଥିବା କହିଛନ୍ତି।

# କୁମ୍ଭୀର ବଞ୍ଚାଇ ଦେଲା ମହିଳାଙ୍କ ଜୀବନ



କାନପୁର, ୧୦।୯ (ଏଜେନ୍ସି): ସ୍ୱାମୀ ସବୁବେଳେ ମଦ ପିଉଥିଲେ। ଆଉ ଏହି ମଦ ନିଶାରେ ଆସି ସେ ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ମାର୍‌ପିଟ କରୁଥିଲେ ଏବଂ ନିର୍ଯାତନା ଦେଉଥିଲା। ପ୍ରାୟ ସବୁ ଦିନ ଏପରି ଲାଗି ରହିଥିଲା। ଏଥିପାଇଁ ଘରେ ଅଶାନ୍ତି ସୃଷ୍ଟି ହେଉଥିଲା। ଏହାକୁ ନେଇ ମହିଳା ଅତିଷ୍ଠ ହୋଇଯାଇଥିଲେ। ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ରାତିରେ ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୧୦ଟା ୩୦ରେ ଏକ ପୋଲ ଉପରୁ ଭରା ନଦୀକୁ ଡେଇଁ ପଡ଼ିଥିଲେ। ହେଲେ ଟିକେ ଟିକେ ପହଁରା ଶିଖିଥିବାରୁ ସଂଘର୍ଷ କରି ମହିଳା କିଛି ବାଟ ପଳାଇ ଥିଲେ। ମାତ୍ର ଅଣନିଃଶ୍ୱାସୀ ଲାଗିବାରୁ ମହିଳା କିଛି ସମୟ ଅଟକିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ନିକଟ ଦେଇ ଭାସି ଯାଉଥିବା ଏକ କାଠକୁ ଆଶ୍ରା କରି ନଦୀ କୂଳ ଆଡକୁ ଚାଲି ଆସିଥିଲେ। ଟିକେ ଅପେକ୍ଷା କରି ଦୀର୍ଘ ଶ୍ୱାସ ନେଉଥିବା ସମୟରେ ସେ ଏକ ବିରାଟକାୟ କୁମ୍ଭୀର ତାଙ୍କ ଅଭିମୁଖେ ଆସୁଥିବା ଦେଖିବାକୁ ପାଇଥିଲେ। ଆଉ ଏହି କୁମ୍ଭୀର ହିଁ ମହିଳାଙ୍କ ମନ ବଦଳାଇ ଦେଇଥିଲା। ଆତ୍ମହତ୍ୟା କରିବାକୁ ଗଙ୍ଗା ନଦୀକୁ ଡେଇଁଥିବା ଏହି ମହିଳା ଜୀବନ ବଞ୍ଚାଇବା ପାଇଁ ଦୌଡି ଥିଲେ। ନଦୀ କୂଳରେ ଥିବା ଏକ ପିଜୁଳି ଗଛ ଦେଖି ଜୀବନ ବିକଳରେ ତା ଉପରେ ଚଢ଼ି ଯାଇଥିଲେ। ସାରା ରାତି ସେହି ଗଛ ଉପରେ ମହିଳା ଅପେକ୍ଷା କରିଥିଲେ। ଆଉ ରାତି ପାହିବା ପରେ ମହିଳାଙ୍କ କାନ୍ଦ ଶୁଣି କିଛି ଲୋକ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ପୁଲିସ ତାଙ୍କ ଘରେ ପହଞ୍ଚାଇ ଥିଲା। ଆଉ ଝଗଡ଼ା ନ କରିବାକୁ ସ୍ୱାମୀଙ୍କୁ ପରାମର୍ଶ ଦେଇଥିଲା। ଉତ୍ତର ପ୍ରଦେଶ କାନପୁର ଅନ୍ତର୍ଗତ ଅହିରୱାନ ବାସିନ୍ଦା ମାଳତୀ ଦେବୀ (୩୨)ଙ୍କ କ୍ଷେତ୍ରରେ ଏଭଳି ଘଟିଥିଲା। ସ୍ୱାମୀଙ୍କ ସହ ଝଗଡ଼ା ହେବା ଯୋଗୁଁ ସେ ଗତ ଶୁକ୍ରବାର ରାତିରେ ଜଜମଉ ପୋଲରୁ ଗଙ୍ଗାକୁ ଡେଇଁଥିଲେ। ଏହି ଖବର ଖୁବ ଚର୍ଚ୍ଚାରେ ରହିଛି।

# ସହାୟତା ମାଗିଲେ ନେପାଳରେ ଫସିଥିବା ଭାରତୀୟ ଯୁବତୀ



ପଞ୍ଚକୁଲା, ୧୦।୯ (ଏଜେନ୍ସି): ନେପାଳରେ ଚାଲିଥିବା ଉଗ୍ର ତଥା ହିଂସ୍ର ଆନ୍ଦୋଳନ କାରଣରୁ ଦିଲ୍ଲୀର ଉପାସନା ଗିଲ୍ ସେଠାରେ ଫସି ରହିଛନ୍ତି। ସହାୟତା କରିବା ପାଇଁ ସେ ସାମାଜିକ ଗଣମାଧ୍ୟମରେ କାନ୍ଦି କାନ୍ଦି ନିବେଦନ କରିଛନ୍ତି। ଉପାସନା ଏକ ଭଲିବଲ୍ ଇଭେଣ୍ଟ ଉପସ୍ଥାପନ କରିବାକୁ ନେପାଳର ପୋଖରା ଯାଇଥିଲେ। ତାଙ୍କ ଟିମ୍‌ରେ ହରିୟାଣା ଓ ଫରିଦାବାଦ୍‌ର ଅନ୍ୟ ଝିଅମାନେ ମଧ୍ୟ ଥିଲେ। ସାମାଜିକ ଗଣମାଧ୍ୟମରେ ଭିଡିଓ ସେୟାର କରି ସେ ତୁରନ୍ତ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି। ହରିୟାଣା ରାଜ୍ୟ ମହିଳା କମିଶନ ଏ ସଂକ୍ରାନ୍ତରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସାଇନିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସେ ରହୁଥିବା ହୋଟେଲକୁ ଆନ୍ଦୋଳନକାରୀମାନେ ସମ୍ପୂର୍ଣ୍ଣ ରୂପେ ଜାଳି ଦେଇଛନ୍ତି। ହିଂସା ବେଳେ ସେ ଏକ ସ୍ପାରେ ଥିଲେ। ଉତ୍ତ୍ୟକ୍ତ ଲୋକେ ବାଡି ଧରି ତାଙ୍କୁ ପଛରୁ ଗୋଡାଇଥିଲେ। କୌଶଳ କ୍ରମେ ଯୁବତୀ ଅଳ୍ପକେ ବର୍ତ୍ତିଯାଇ ଖସି ପଳିଆସିଛନ୍ତି ବୋଲି ପୋଷ୍ଟ କରିଥିବା ଭିଡିଓରେ ସେ କହିଛନ୍ତି। ପୋଖରାରେ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ସବୁଆଡେ ଖାଲି ନିଆଁ ଓ ପୋଡାଜଳା ଦେଖିବାକୁ ମିଳିଛି। ଉତ୍ତ୍ୟକ୍ତ ଲୋକଙ୍କ ଭିଡ଼ ପର୍ଯ୍ୟଟକଙ୍କୁ ମଧ୍ୟ ଛାଡୁନାହାନ୍ତି। ସ୍ଥାନୀୟ ଓ ବାହାରୁ ଆସିଥିବା ଲୋକ ଯାହାକୁ ଦେଖୁଛନ୍ତି ସେମାନେ ଆକ୍ରମଣ କରୁଛନ୍ତି ବୋଲି ସେ କହିଛନ୍ତି। ଏବେ ସେ ଓ ତାଙ୍କ ଟିମ୍ ଅନ୍ୟ ହୋଟେଲରେ ରହୁଛନ୍ତି। ସେମାନେ ସେଠାରେ କେତେଦିନ ରହିପାରିବେ ତାହା କହିବା କଷ୍ଟକର। ତେଣୁ ତାଙ୍କ ବାର୍ତ୍ତାକୁ ଭାରତୀୟ ଦୂତାବାସକୁ ପଠାଇବାକୁ ସେ ଅନୁରୋଧ କରିଛନ୍ତି।

## ଶୁକ୍ରବାର ଶପଥ ନେବେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଆସନ୍ତା ଶୁକ୍ରବାର ଦିନ ନବନିର୍ବାଚିତ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଶପଥ ଗ୍ରହଣ କରିବେ। ଆଜି ରାଷ୍ଟ୍ରପତି ଭବନ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଗତକାଲି ହୋଇଥିବା ନିର୍ବାଚନରେ ଏନଡିଏ ପ୍ରାର୍ଥୀ ରାଧାକୃଷ୍ଣନ୍ ଇଣ୍ଡିଆ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନ୍ ୪୫୨ ଭୋଟ ଏବଂ ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ ପାଇଥିଲେ।

## ପାକିସ୍ତାନକୁ ସିମ୍ କାର୍ଡ ପଠାଇ ନେପାଳୀ ନାଗରିକ ଗିରଫ

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ବୁଧବାର ଜଣେ ନେପାଳୀ ନାଗରିକକୁ ଗିରଫ କରିଛି। ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ସିମ୍ କାର୍ଡ ପଠାଇବା ଅଭିଯୋଗରେ ପ୍ରଭାତ କୁମାର ଚୌରାସିଆ ନାମକ ଏହି ଯୁବକଙ୍କୁ ଦିଲ୍ଲୀର ଲକ୍ଷ୍ମୀ ନଗରରୁ ଗିରଫ କରାଯାଇଛି ବୋଲି ପୁଲିସ୍ ତରଫରୁ କୁହାଯାଇଛି। ପ୍ରଭାତ ମହାରାଷ୍ଟ୍ରର ଲାଟୁରରୁ ୧୬ଟି ସିମ୍ କାର୍ଡ କ୍ରୟ କରି ନେପାଳ ପହଞ୍ଚାଇଥିଲେ। ସେଠାରୁ ୧୧ଟି କାର୍ଡ ପାକିସ୍ତାନର ବାହବଲପୁରରେ ଥିବା ଟ୍ରେସ୍ ହୋଇଥିଲା। ଏହି କାର୍ଡଗୁଡିକର ନମ୍ବରକୁ ଭାରତ ବିରୋଧୀ ଗତିବିଧିରେ ବ୍ୟବହାର କରାଯାଇଥିଲା। ବାହବଲପୁର ହେଉଛି ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଗଡ଼। ଅପରେସନ ସିନ୍ଦୂରରେ ଭାରତ ଏହି ସ୍ଥାନରେ ଥିବା ଆତଙ୍କବାଦୀ ଠିକଣା ଉପରେ ମିସାଇଲ ଆକ୍ରମଣ କରିଥିଲା। ୨୦୨୪ରେ ପ୍ରଭାତ ଜଣେ ନେପାଳୀ ମଧ୍ୟସ୍ଥି ମାଧ୍ୟମରେ କାର୍ଡଗୁଡିକୁ ପାକିସ୍ତାନ ପଠାଇଥିଲା। ପ୍ରତିବଦଳରେ ଆଇଏସ୍‌ଆଇ ତାଙ୍କୁ ଆମେରିକା ଭିସା ଦେବାକୁ ପ୍ରତିଶ୍ରୁତି ଦେଇଥିଲା।

## ମନମୋହନ ସିଂହଙ୍କୁ 'ପିଭି ନରସିଂହ ରାଓ' ପୁରସ୍କାର

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଅର୍ଥନୀତିଜ୍ଞ ମନମୋହନ ସିଂହଙ୍କୁ ମରଣୋତ୍ତର ଭାବେ 'ପିଭି ନରସିଂହ ରାଓ' ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ଅର୍ଥନୀତିର ରୂପାନ୍ତରଣ ଓ ଦେଶ ନିର୍ମାଣରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରାଯାଇଛି। ଦିଲ୍ଲୀରେ ଗତ ସପ୍ତାହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ପାଇଁ ପତ୍ନୀ ଗୁରଶରଣ କୌର ଏହି ପୁରସ୍କାର ଗ୍ରହଣ କରିଥିଲେ ବୋଲି ହାଇଦରାବାଦ ପର୍ଯ୍ୟବସିତ ପିଭି ନରସିହ୍ମା ରାଓ ସ୍ମାରକୀ ଫାଉଣ୍ଡେସନ (ପିଭିଏନ୍‌ଏମ୍‌ଏଫ୍) ତରଫରୁ କୁହାଯାଇଛି। ଯୋଜନା କମିଶନ ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ ସିଂହ ଆହ୍ଲୁୱାଲିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅର୍ଥନୀତିରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ଅବସରରେ ପିଭିଏନ୍‌ଏମ୍‌ଏଫ୍ ଅଧ୍ୟକ୍ଷ କେ ରାମଚନ୍ଦ୍ର ମୂର୍ତ୍ତୀ ଓ ସାଧାରଣ ସମ୍ପାଦକ ମାଧମଚେଟ୍ଟୀ ଅନିଲ କୁମାର ଉପସ୍ଥିତ ଥିଲେ।

## ଇସ୍ରାଏଲ ବିପକ୍ଷରେ ଯୁଦ୍ଧ କରିବେ ଆରବ ଦେଶ

ଦୋହା, ୧୦।୯(ଏଜେନ୍ସି): କାତାର ରାଜଧାନୀ ଦୋହାରେ ଇସ୍ରାଏଲ ଆକ୍ରମଣ କରିବା ପରେ ଆରବର ସବୁ ଇସ୍‌ଲାମିକ ଦେଶ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇସ୍ରାଏଲର ଏହି ଆକ୍ରମଣକୁ ନିନ୍ଦା କରି ସାଉଦି ଆରବ, ୟୁଏଇ, କାତାର, ଜୋର୍ଡାନ ଓ ତୁର୍କୀ ଭଳି ଆରବ ଦେଶଗୁଡିକ ମିଳିତ ବିବୃତ୍ତି ଦେଇଛନ୍ତି। ଏହା ଆଞ୍ଚଳିକ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରିବା ସହ କାତାରର ସାର୍ବଭୌମତ୍ୱ ଉପରେ ଆକ୍ରମଣ ଓ ଅନ୍ତର୍ଜାତୀୟ ନିୟମର ଘୋର ଉଲ୍ଲଂଘନ ବୋଲି କୁହାଯାଇଛି। ଇସ୍ରାଏଲର ଏଭଳି ଆକ୍ରମଣ ଆତଙ୍କବାଦର ଏକ ବୃହତ ରୂପ ବୋଲି କାତାର ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ କହିଛନ୍ତି। କାତାରକୁ ସବୁ ଦେଶଗୁଡିକ ସମର୍ଥନ କରିଛନ୍ତି। ଏଭଳି ଆକ୍ରମଣ କଲେ ଇସ୍ରାଏଲ ବିରୋଧରେ ଯୁଦ୍ଧ ଘୋଷଣା କରାଯିବ ବୋଲି ଏହି ଦେଶଗୁଡିକ ମିଳିତ ବିବୃତ୍ତିରେ କହିଛନ୍ତି।

## ବର୍ତ୍ତିଲେ ହମାସ୍ ନେତା; ୬ ମୃତ

ଦୋହା, ୧୦।୯(ଏଜେନ୍ସି): କତାର ରାଜଧାନୀ ଦୋହାରେ ମଙ୍ଗଳବାର ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା। ଏହି ଆକ୍ରମଣ ଇସ୍ରାଏଲ ସେନା କରିଛି। ଆତଙ୍କବାଦୀ ସଂଗଠନ ହମାସର କେତେଜଣ ବରିଷ୍ଠ ନେତାଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ୍ ସେନା ତରଫରୁ କୁହାଯାଇଛି। ହମାସ ମୁଖ୍ୟ ଖଲିଲ ଅଲ-ହୟାଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। କିନ୍ତୁ ସେ ଅଳ୍ପକେ ବଞ୍ଚିଯାଇଥିବା ବେଳେ ଅନ୍ୟ ୬ଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

# ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ କରିଛି କିଏ?

**ସନ୍ଦେହ ଘେରରେ ପାୱାର ଓ ଉଦ୍ଧବଙ୍କ ସାଂସଦ**

**ଇଣ୍ଡିଆ ମେଣ୍ଟର ମିତ୍ର ସାଂସଦଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ': କେନ୍ଦ୍ର ମନ୍ତ୍ରୀ**

ନୂଆଦିଲ୍ଲୀ, ୧୦।୯: ଗତକାଲି ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ ହୋଇଛି। କ୍ଷମତାସୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ସୁଦର୍ଶନ ରେଡୀ ୨୪ଟି କମ୍ ଭୋଟ୍ ପାଇଛନ୍ତି। ୧୫ଟି ଭୋଟ୍ ନାକଚ ହୋଇଛି। କିଏ କ୍ରସଭୋଟିଂ କରିଛି ଏହାକୁ ନେଇ ବିରୋଧୀ ଶିବିରରେ ଘଣ୍ଟାଚକଟା ଚାଲିଥିବା ବେଳେ ସେମାନଙ୍କ କଟା ଘା'ରେ ଆଜି ଚୂନ ଲଗାଇଛନ୍ତି ବିଜେପି ନେତା ତଥା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ସେ କହିଛନ୍ତି ଯେ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧୀ ମେଣ୍ଟର କିଛି ସାଂସଦ ନିଜ ବିବେକ ଅନୁଯାୟୀ ଭୋଟ୍ ଦେଇଛନ୍ତି। ସେମାନଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ'। ବିରୋଧୀ ମେଣ୍ଟର ଏହି ସାଂସଦଙ୍କୁ ସେ ଏନଡିଏର ମିତ୍ର ବୋଲି କହିଛନ୍ତି। ରିଜିଜୁଙ୍କ ଏହି ଟୁଇଟ୍ ଆଜି ବିରୋଧୀ ଶିବିରରେ ନିଆଁ ଲଗାଇଦେଇଛି। ଶାସକ ମେଣ୍ଟର ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରିଥିବା ଏନଡିଏର ସେହି ମିତ୍ର ସାଂସଦ କିଏ? ସେମାନଙ୍କୁ ଖୋଜି ବାହାର କରାଯାଉ ଏବଂ ଏହା ଉପରେ ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି କଂଗ୍ରେସ ନେତା ମନିଶ ତିୱାରୀ। ସେ କହିଛନ୍ତି ଯେ ବିହାର ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକଜୁଟ୍ ହେବା ଲାଗି ବିରୋଧୀ ଶିବିର ଅକ୍ଳାନ୍ତ ପରିଶ୍ରମ କରୁଥିବା ବେଳେ କ୍ରସଭୋଟିଂ କରି ସାଂସଦ ବିଶ୍ୱାସଘାତ କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ।

ଦିଲ୍ଲୀ ରାଜନୈତିକ ମହଲରେ ଯେଉଁ ଚର୍ଚ୍ଚା ଚାଲିଛି, ତାହାକୁ ଯଦି ବିଶ୍ୱାସ କରାଯାଏ, ତାହାହେଲେ ଶରଦ ପାୱାରଙ୍କ ଏନ୍‌ସିପି, ଉଦ୍ଧବ ଠାକରେଙ୍କ ଶିବ ସେନା, ଅରବିନ୍ଦ କେଜ୍ରିୱାଲଙ୍କ ଆପ୍‌ର ସାଂସଦ ସନ୍ଦେହ ଘେରରେ ରହିଛି। କଂଗ୍ରେସ ସାଂସଦ ମଧ୍ୟ ସନ୍ଦେହରୁ ଉର୍ଦ୍ଧ୍ୱରେ ନୁହନ୍ତି। କାରଣ ଗତବର୍ଷ ହିମାଚଳ ପ୍ରଦେଶରେ କଂଗ୍ରେସର ୬ ବିଧାୟକ ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରି ଜିତାଇଥିଲେ। ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ଆଜି କହିଛନ୍ତି ଯେ ତାଙ୍କର ସମସ୍ତ ୯ ସାଂସଦ ସୁଦର୍ଶନଙ୍କ ସପକ୍ଷରେ ଭୋଟ୍ ଦେଇଛନ୍ତି। ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀ କହିଛନ୍ତି ଯେ ତାଙ୍କ ଦଳର ସମସ୍ତ ୪୧ ଜଣ ସାଂସଦ ବିରୋଧୀ ମେଣ୍ଟ ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦେଇଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ।

ଅନ୍ୟପକ୍ଷରେ ଏନସିପି (ପାୱାର) ନେତ୍ରୀ ସୁପ୍ରିୟା ସୁଲେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ସନ୍ଦେହ ବଢାଇଛି। ସେ କହିଛନ୍ତି ଯେ ମତଦାନ ଯଦି ଗୁପ୍ତ, ତାହାହେଲେ କିଏ କ୍ରସଭୋଟିଂ କରିଛି, ଜାଣିବା କଷ୍ଟକର। ସାଂସଦମାନଙ୍କ ମଧ୍ୟରେ ଯଦି ମତଭେଦ ହେବ, ତାହାହେଲେ ଆମେ କଣ କରିପାରିବା। କିନ୍ତୁ ଏଥିପାଇଁ ମହାରାଷ୍ଟ୍ରକୁ ବଦନାମ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ସେହିଭଳି ଉଦ୍ଧବ ଶିବ ସେନାର ନେତା ଅରବିନ୍ଦ ସାୱନ୍ତ କହିଛନ୍ତି ଯେ ଏହା ପଛରେ ବଡ଼ ଧରଣର ଷଡଯନ୍ତ୍ର ରହିଛି। କିଛି ସାଂସଦଙ୍କୁ ଅର୍ଥ ଲୋଭ କିମ୍ବା ବ୍ଲାକମେଲ କରାଯାଇଥିବ ବୋଲି କହି ସେ ମଧ୍ୟ ଅସହାୟତା ପ୍ରକାଶ କରିଛନ୍ତି। କେଜ୍ରିୱାଲଙ୍କ ଆପ୍ ନିରବ ରହିଛି। ଏହି ତିନିଟି ଦଳର ୩୩ ଜଣ ସାଂସଦ ରହିଛନ୍ତି।

# ନେପାଳରୁ ଫ୍ରାନ୍ସ: ୧୧ ଦେଶରେ ସମାନ ସଙ୍କଟ



ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ନେପାଳରେ ଲାଗିଥିବା ନିଆଁ ଲିଭିବାର ନା ଧରୁନି। ଆନ୍ଦୋଳନକାରୀଙ୍କ ସାମ୍ନାରେ ସରକାରେ ନଇଁ ଗଲେଣି। ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ସାରିଲେଣି। ଉପ-ପ୍ରଧାନମନ୍ତ୍ରୀଙ୍କ ଅନେକ ମନ୍ତ୍ରୀ ପଦ ଛାଡ଼ି ସାରିଲେଣି। ସାମାଜିକ ଗଣମାଧ୍ୟମରୁ କଟକଣା ହଟିଲାଣି। ଏହା ସତ୍ତ୍ୱେ ଜେନ୍-ଜେଡ୍ ତଥା ଯୁବ ଗୋଷ୍ଠୀଙ୍କ କ୍ରୋଧ ଶାନ୍ତ ପଡୁନାହିଁ। ନେପାଳ ଭଳି ବିଶ୍ୱର କିଛି ଅନ୍ୟ ଦେଶରେ ମଧ୍ୟ ଏଭଳି ସ୍ଥିତି ଜାରି ରହିଛି। ଏହା ମଧ୍ୟରେ ଫ୍ରାନ୍ସ, ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ସମେତ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ସାମିଲ ଅଛନ୍ତି। ପ୍ରମୁଖ ୧୧ଟି ଦେଶରେ ରାଜନୈତିକ ଅସ୍ଥିରତା ଜାରି ରହିଛି। ତେବେ ଏହି ସବୁ ଦେଶର ସମସ୍ୟା ସମାନ ହୋଇଥିଲେ ମଧ୍ୟ କାରଣ ଭିନ୍ନ ଭିନ୍ନ ରହିଛି। ଦୁର୍ନୀତି ଏବଂ ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲାଗି ନେପାଳ ଜଳୁଥିବାବେଳେ ନିର୍ବାଚନରେ ବହୁମତ ଲାଗି ରାଜନୈତିକ ଅସ୍ଥିରତା ସହିତ ବଜେଟ ହ୍ରାସକୁ ନେଇ ଫ୍ରାନ୍ସରେ ଆରମ୍ଭ ହୋଇଛି ବିକ୍ଷୋଭ୍ ପ୍ରଦର୍ଶନ। ଏଠାରେ ଗତ ତିନି ବର୍ଷରେ ୪ ଥର ପ୍ରଧାନମନ୍ତ୍ରୀ ବଦଳିଲେଣି। ରାଷ୍ଟ୍ରପତି ଏମାନୁଏଲ ମାକ୍ରନଙ୍କ ମଧ୍ୟ ଲୋକପ୍ରିୟତା କମ୍ ହେବାରେ ଲାଗିଛି। ଜାପାନରେ ମଧ୍ୟ ଏଭଳି ସ୍ଥିତି ଲାଗି ରହିଛି। କ୍ଷମତାସୀନ ଦଳ ବହୁତମ ସାବ୍ୟସ୍ତ ନ କରିପାରିବାରୁ ପ୍ରଧାନମନ୍ତ୍ରୀ ସିଗେରୁ ଇସିବା ପଦ ଛାଡିଛନ୍ତି। ସେହିପରି କୋର୍ଟଙ୍କ ନିଷ୍ପତ୍ତି ଯୋଗୁଁ ଥାଇଲାଣ୍ଡରେ ସିନାବାତ୍ରା ପରିବାରର ସମସ୍ୟା ବଢି ଚାଲିଛି। ଏହା ବ୍ୟତୀତ ଆର୍ଥିକ ସୁଧାର ପାଇଁ ସରକାର ବଢ଼ାଇଥିବା ଟିକସକୁ ଇଣ୍ଡୋନେସିଆର ସାଧାରଣ ନାଗରିକ ହଜମ କରିପାରୁନାହାନ୍ତି। ଏହାକୁ ନେଇ ଲୋକେ ବଡ଼ଧରଣର ବିକ୍ଷୋଭ କରୁଛନ୍ତି। ମାଲି, ମଙ୍ଗୋଲିଆ, ଆର୍ମେନିଆ, କଙ୍ଗୋରୁ ନେଇ ସୁଦାନ ଏବଂ ଲେବାନନ ପର୍ଯ୍ୟନ୍ତ ମଧ୍ୟ ସମାନ ସ୍ଥିତି ରହିଛି।

ଜାପାନରେ ଚଳିତ ଥର ନିର୍ବାଚନ ପରେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। କ୍ଷମତାସୀନ ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି)ର ରାଜନୈତିକ ସ୍ଥିତି ଏଭଳି ଭୁଶୁଡ଼ି ଯାଇଛି ଯେ ଦଳ ସେଥିରୁ ବାହାରି ପାରୁନାହିଁ। କାରଣ ଜାପାନ ରାଜନୀତିରେ ୭୦ ବର୍ଷ ହେଲା ଏହି ଦଳର କର୍ତ୍ତୃତ୍ୱ ରହିଛି। ତେଣୁ ପରାଜୟକୁ ଜାପାନ ରାଜନୀତିରେ ଏକ ବଡ଼ ମୋଡ ଭାବେ ଦେଖାଯାଉଛି। ଆର୍ଥିକ ଆହ୍ୱାନ, ସରକାରଙ୍କ ବିଫଳତା, ମନ୍ଥର ବିକାଶ ହାର ଆଦି ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇ ଦେଇଛି। ସେହିପରି ଥାଇଲାଣ୍ଡରେ ନ୍ୟାୟପାଳିକା ଏବଂ ରାଜନୈତିକ ବଂଶବାଦ ମଧ୍ୟରେ ମୁକାବିଲା ଯୋଗୁଁ ଅସ୍ଥିରତା ସୃଷ୍ଟି ହୋଇଛି। ଏଠାରେ ସୁପ୍ରିମକୋର୍ଟ ଦୁର୍ନୀତି ଏବଂ କ୍ଷମତାର ଅପବ୍ୟବହାର ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ତାଙ୍କ ଝିଅ ସିନାବାତ୍ରାଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏହା ଦ୍ୱାରା ଲୋକେ ଉତକ୍ଷିପ୍ତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଦେଶର ରାଜନୀତିରେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ସିନାବାତ୍ରାଙ୍କ ପରିବାରର କର୍ତ୍ତୃତ୍ୱ ରହିଥିଲା। ଚାର୍ଣ୍ଣବିରାକୁଲ କ୍ଷମତାସୀନ ହେବା ପରେ ବି ବିକ୍ଷୋଭ ଜାରି ରହିଛି। ସାଂସଦ ଭାଗ ଭାଗ ହୋଇ ଯାଇଛନ୍ତି। ବିରୋଧୀ ସୁଯୋଗର ଲାଭ ନେବା ପାଇଁ ଅପେକ୍ଷା କରି ରହିଛନ୍ତି।

ଦକ୍ଷିଣ ପୂର୍ବ ଏସିଆର ବୃହତ୍ତ ଅର୍ଥବ୍ୟବସ୍ଥା ଇଣ୍ଡୋନେସିଆରେ ରାଷ୍ଟ୍ରପତି ପ୍ରବୋଭୋ କଡ଼ା ଆହ୍ୱାନ ଦେଇ ଗତି କରୁଛନ୍ତି। ସରକାର ଭ୍ୟାଟ ବଢ଼ାଇ ୧୧ରୁ ୧୨ ପ୍ରତିଶତ କରିବାରୁ ଦରଦାମ ବୃଦ୍ଧି ପାଇଲା। ଏଥିଯୋଗୁଁ ଲୋକେ କ୍ରୋଧିତ ହୋଇ ବିକ୍ଷୋଭ କରୁଛନ୍ତି। ରାଜନେତାଙ୍କ ଦରମା ବୃଦ୍ଧିଙ୍କୁ ବିରୋଧ କରୁଛନ୍ତି। ଗତ ସପ୍ତାହରେ ଲୋକେ ସଂସଦ ଘେରଉ କରିଥିଲେ। ଏହାକୁ କିଛି ମାତ୍ରାରେ ଦମନ କରିବାକୁ ସରକାର ସଫଳ ହୋଇଥିଲେ ବି ଅସନ୍ତୋଷ କୁହୁଳିବାରେ ଲାଗିଛି।

## ନେପାଳରେ କ'ଣ ଚାଲିଛି ଦେଖନ୍ତୁ: ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ରାଷ୍ଟ୍ରପତିଙ୍କ ପରାମର୍ଶ ଉପରେ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ସମୟରେ ଦେଶର ସମ୍ବିଧାନକୁ ନେଇ ଆମେ ଗର୍ବିତ ବୋଲି କହିଛନ୍ତି ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠ। ବାଂଲାଦେଶ ଏବଂ ନେପାଳରେ ଜାରି ହିଂସା ବିଷୟରେ ଉଲ୍ଲେଖ କରି ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସିଜେଆଇ ଗଭାଇ କହିଥିଲେ ଯେ ପଡ଼ୋଶୀ ନେପାଳରେ ଅସ୍ଥିରତା ଲାଗି ରହିଥିବା ବେଳେ ଭାରତରେ ମଜବୁତ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଛି। ଦେଶର ସମ୍ବିଧାନକୁ ନେଇ ଆମେ ଗର୍ବ କରୁଛୁ। ପଡୋଶୀ ଦେଶରେ କ'ଣ ସବୁ ଚାଲିଛି ଦେଖନ୍ତୁ। ବାଂଲାଦେଶରେ କଣ ହେଉଥିଲା ଏବଂ ନେପାଳରେ କ'ଣ ହେଉଛି ତାହା ଦେଖନ୍ତୁ। ସଲିସିଟର ଜେନେରାଲ ତୁଷାର ମେହଟ୍ଟାଙ୍କ ଦଲିଲ ଉପରେ ବିଚାରପତି ଏହି ଟିପ୍ପଣୀ ଦେଇଥିଲେ। ଏହା ପୂର୍ବରୁ ସଲିସିଟର ଜେନେରାଲ କହିଥିଲେ ଯେ ୧୯୭୦ରୁ ଏ ପର୍ଯ୍ୟନ୍ତ କେବଳ ୨୦ଟି ବିଲ୍ ରାଷ୍ଟ୍ରପତିଙ୍କ ପାଖରେ ପଡ଼ି ରହିଛି। କିନ୍ତୁ ୯୦ ପ୍ରତିଶତ ବିଲ୍ ମାସେ ଭିତରେ ପାରିତ ହୋଇଯାଉଛି। ଏହା ଉପରେ ଆପତ୍ତି ଉଠାଇ ସିଜେଆଇ କହିଥିଲେ ଯେ କେବଳ ତଥ୍ୟରୁ ନିଷ୍କର୍ଷ ବାହାର କରିବା ଉଚିତ ନୁହେଁ।

# ଫ୍ରାନ୍ସରେ ବି ତାତିଲେ ବିରୋଧୀ, ୨୦୦ ଗିରଫ



**ବଜେଟ ହ୍ରାସ, ସରକାରୀ ନୀତିକୁ ବିରୋଧ**

**ରାସ୍ତାକୁ ଓହ୍ଲାଇଲେ ଲକ୍ଷେରୁ ଉର୍ଦ୍ଧ୍ୱ ପ୍ରଦର୍ଶନକାରୀ**

ପ୍ୟାରିସ, ୧୦।୯ (ଏଜେନ୍ସି): ସରକାର ବିରୋଧୀ ଆନ୍ଦୋଳନ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଭାରତର ପଡୋଶୀ ରାଷ୍ଟ୍ର ଶ୍ରୀଲଙ୍କା, ପାକିସ୍ତାନ,ନେପାଳ ପରେ ଏବେ ଏହା ୟୁରୋପକୁ ବ୍ୟାପିଛି। ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତି ହେଉ ହେଉ ଏହି ଦେଶରେ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ନୀତି ଏବଂ ବଜେଟ ହ୍ରାସ୍‌କୁ ବିରୋଧ କରି ଲକ୍ଷେରୁ ଉର୍ଦ୍ଧ୍ୱ ଲୋକ ବୁଧବାର ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରୀ ରାଷ୍ଟ୍ରପତି ମାକ୍ରନଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରଦର୍ଶନକାରୀ ଉଗ୍ର ହୋଇ ଉଠିଛନ୍ତି। ପ୍ୟାରିସ ସମେତ ଅନେକ ସହରରେ ବିକ୍ଷୋଭ ଚାଲିଛି। ରେନ ସହରରେ ଏକ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଦକ୍ଷିଣ-ପଶ୍ଚିମ କ୍ଷେତ୍ରର ଏକ ବିଦ୍ୟୁତ ଲାଇନକୁ କାଟି ଦେଇଛନ୍ତି। ଏଥିଯୋଗୁଁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଛି। ଅନେକ ସ୍ଥାନରେ ଆନ୍ଦୋଳନକାରୀ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ଏଥିରେ କିଛି ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ବିଭିନ୍ନ ସହରରେ ନିଆଁ ଲଗାଇ ଦେଇଛନ୍ତି। ପ୍ୟାରିସର ବେଲ୍ଟୱେକୁ ବନ୍ଦ କରିଦେଇଛନ୍ତି। ଟ୍ରାଫିକ ଅଟକାଇ ଦେଇଛନ୍ତି।

ଗୃହମନ୍ତ୍ରୀ କହିଛନ୍ତି ଯେ ପ୍ରଦର୍ଶନକାରୀ ବିଦ୍ରୋହର ପରିବେଶ ସୃଷ୍ଟି କରୁଛନ୍ତି। ବାମ ଦଳଗୁଡିକର ଆହ୍ୱାନରେ ଲକ୍ଷାଧିକ ଛାତ୍ରଛାତ୍ରୀ, ସାଧାରଣ ନାଗରିକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାସ୍ତାଘାଟ କବ୍‌ଜା କରି ନିଆଁ ଲଗାଇ ଦେଇଛନ୍ତି। ଏହି ବିକ୍ଷୋଭର ନାମ 'ବ୍ଲକ ଏଭ୍ରିଥିଙ୍ଗ' ରଖାଯାଇଛି। ଦେଶରେ ସବୁ କିଛି ବନ୍ଦ କରି ସରକାରଙ୍କୁ ନୁଆଁଇବା ପାଇଁ ବିରୋଧୀ ଉଦ୍ୟମ କରୁଛନ୍ତି। ବିକ୍ଷୋଭ ଦମନ କରିବା ପାଇଁ ୮୦ ହଜାର ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଏ ପର୍ଯ୍ୟନ୍ତ ୨୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରାଗଲାଣି। ଏହି ବିକ୍ଷୋଭ ପଛରେ ପ୍ରମୁଖ ଚାରିଟୋ କାରଣ ରହିଛି। ରାଷ୍ଟ୍ରପତି ମାକ୍ରନଙ୍କ ନୀତି ସାଧାରଣ ଲୋକଙ୍କ ବିରୋଧୀ ଏବଂ ସେ ଧନୀ ବର୍ଗଙ୍କୁ ଲାଭ ଦେଉଛନ୍ତି ବୋଲି ସିଂହଭାଗ ଲୋକ ଭାବୁଛନ୍ତି। ସେହିପରି ସରକାର ଖର୍ଚ୍ଚ କାଟ୍ କରି ଜନକଲ୍ୟାଣ ମୂଳକ ଯୋଜନାଗୁଡିକୁ ହ୍ରାସ କରୁଛନ୍ତି। ଏହା ଦ୍ୱାରା ସାଧାରଣ ଜନତା ବିଶେଷ କରି ମଧ୍ୟବିତ୍ତ ଏବଂ ଶ୍ରମିକ ବର୍ଗଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି।

## ରୁଷର ୩ଟି ଡ୍ରୋନ୍ ମାରି ଖସାଇଲା ପୋଲାଣ୍ଡ

ୱାରସା, ୧୦।୯(ଏଜେନ୍ସି):ରୁଷ ତୃତୀୟ ବିଶ୍ୱଯୁଦ୍ଧକୁ ନିମନ୍ତ୍ରଣ ଦେଉଛି। ପୋଲାଣ୍ଡ ଉପରକୁ ମାଡ଼ କରିଥିବା ୧୬ ଡ୍ରୋନ ମଧ୍ୟରୁ ଏହି ଦେଶ ବୁଧବାର ରୁଷିଆର ୩ଟି ଡ୍ରୋନ୍‌କୁ ମାରି ଖସାଇ ଦେଇଛି। ବାୟୁ ସୀମା ଭିତରକୁ ଡ୍ରୋନ ସବୁ ଆସିଥିଲା ବୋଲି ପୋଲାଣ୍ଡ ପକ୍ଷରୁ କୁହାଯାଇଛି। ରୁଷ୍- ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ନାଟୋର କୌଣସି ସଦସ୍ୟ ରାଷ୍ଟ୍ର ପ୍ରଥମଥର ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ପୋଲାଣ୍ଡ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି। ପୋଲାଣ୍ଡ ରୁଷିଆର ପଡୋଶୀ ହୋଇ ନଥିଲେ ମଧ୍ୟ ରୁଷିଆର ଡ୍ରୋନ ତା'ର ବାୟୁସୀମାରେ ପ୍ରବେଶ କରିଥିଲା। ରାତିରେ ୧୯ଥର ବାୟୁସୀମାର ଉଲ୍ଲଂଘନ ହୋଇଥିଲା ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି। ଏହି କ୍ରମରେ ପୋଲାଣ୍ଡ ନାଟୋ ଚୁକ୍ତିର ନିୟମ ୪କୁ ଲାଗୁ କରିଥିଲା। ଏହି ନିୟମ ଅନୁସାରେ କୌଣସି ସହଯୋଗୀ ରାଷ୍ଟ୍ରଠାରୁ ମତାମତ ନେଇ ହେବ। ତେବେ ଆମେ ସମ୍ଭାବ୍ୟ ଯୁଦ୍ଧର ନିକଟତର ନୁହଁ ବୋଲି ସେ କହିଛନ୍ତି। କିନ୍ତୁ ଏବେ ସ୍ଥିତି ପୂର୍ବଠାରୁ ଆହୁରି ବିପଜ୍ଜନକ ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମଥର ପାଇଁ ଏଭଳି ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଛି।

# ପଞ୍ଜାବର ୨୦୦୦ ଗାଁ ଏବେ ବି ବନ୍ୟା ଘେରରେ

**୧୬ ଦିନ ପରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଖୋଲିଲା**

**ହରିୟାଣାରେ ଏଥର ୪୬ ପ୍ରତିଶତ ଅଧିକ ବର୍ଷା**

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ପଞ୍ଜାବରେ ଏଥର ମୌସୁମୀରେ ସବୁଠାରୁ ବଡ଼ ବନ୍ୟା ଆସିଛି। ପଞ୍ଜାବରେ ଏବେ ବି ୨୩ଟି ଜିଲ୍ଲା ବନ୍ୟା ଘେରରେ ରହିଛି। ୨୦୦୦ ଗାଁ ଏବେ ମଧ୍ୟ ଜଳମଗ୍ନ ରହିଛି। କେନ୍ଦ୍ର ସରକାର ବନ୍ୟା ପାଇଁ ପଞ୍ଜାବକୁ ୧୬୦୦ କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ପଞ୍ଜାବର ଲୁଧିଆନାରେ ୩୫୦ ଏକରର ଅଧିକ ଚାଷଜମି ଜଳମଗ୍ନ ହୋଇଛି। ସେହିପରି ଜମ୍ମୁ- କଶ୍ମୀର ଜମ୍ମୁ ଘାଟିର ଜୀବନ ରେଖା ବିବେଚିତ ହେଉଥିବା ଜମ୍ମୁ- ଶ୍ରୀନଗର ଜାତୀୟ ରାଜପଥକୁ ବୁଧବାର ଦୀର୍ଘ ୧୬ ଦିନ ପରେ ଖୋଲାଯାଇଛି। ସଡ଼କ ଉପରେ କେତୋଟି ସ୍ଥାନରେ ଭୂସ୍ଖଳନ ହେବା କାରଣରୁ ବନ୍ଦ କରାଯାଇଥିଲା। ଉଦୟପୁର ଓ ରାମବନ ଜିଲ୍ଲାରେ ସବୁଠାରୁ ଅଧିକ କ୍ଷତି ହୋଇଛି। ରାଜପଥ ଖୋଲାଯିବା ପରେ କଶ୍ମୀର ଘାଟିରେ ଫଳ ସମେତ ଅତ୍ୟାବଶ୍ୟକୀୟ ଜିନିଷପତ୍ରର ନେବା ଆଣିବା ହୋଇପାରିବ।

ହରିୟାଣାରେ ଏଥର ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ସାମାନ୍ୟଠାରୁ ଅଧିକ ୪୬ ପ୍ରତିଶତ ବର୍ଷା ହୋଇଛି। ଏହି ରାଜ୍ୟରେ ହାରାହାରି ୩୮୫.୧ ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ୫୬୩. ୮ମିମି ବର୍ଷା ହୋଇଛି। ଯମୁନାନଗରରେ ଏପର୍ଯ୍ୟନ୍ତ ସର୍ବାଧିକ ୧୦୮୦.୮ ମିମି ବର୍ଷା ହୋଇଛି। ସେହିପରି ଗୁଜରାଟର ବନାସକାଣ୍ଠା ସମେତ ୩ଟି ଜିଲ୍ଲାରେ ଗତ ୨ ଦିନରେ ୧୬ ଇଞ୍ଚଠାରୁ ଅଧିକ ବର୍ଷା ହୋଇଛି। ଫଳରେ ଭାଭ-ଥରାଦ ଓ ସୁଇଗାମ ତାଲୁକ୍‌ସରେ ବନ୍ୟା ଆସିଛି। ପାଖାପାଖି ୧୨ଟି ଗାଁରେ ୫ ଫୁଟ ପର୍ଯ୍ୟନ୍ତ ପାଣି ପସିଯାଇଛି। ଅନ୍ୟପଟେ ରାଜସ୍ଥାନରେ ଏଥର ଗତ ୧୦୦ ଦିନ ମଧ୍ୟରେ ୭୦୦ମିମି ବର୍ଷା ହୋଇଛି। ତେବେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବର୍ଷାର କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ। ସେହିପରି ଉତ୍ତର ପ୍ରଦେଶର ଆଗ୍ରାରେ ହାଥି ଘାଟ ପର୍ଯ୍ୟନ୍ତ ଯମୁନା ନଦୀର ପାଣି ଅସି ପହଞ୍ଚିଛି।

## ଆଉଟ୍‌ଫିଟ୍‌ରୁ ବୃଦ୍ଧି ପାଏ ଆତ୍ମବିଶ୍ୱାସ



**ପୋଷାକ ଶରୀରକୁ ସୁନ୍ଦର ଆକାର ଦେବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ଭଲ ପୋଷାକ ପିନ୍ଧିଲେ, ମନ ଭିତରୁ ଭଲ ଅନୁଭବ ହୋଇଥାଏ। ବିଶେଷ କରି ଏହା ମହିଳାଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇଥାଏ। ଏପରି କିଛି ଟିପ୍ସ ରହିଛି ଯାହାକୁ ଆପଣାଇ ସିମ୍ପଲ ଆଉଟ୍‌ଫିଟ୍‌ରେ ମଧ୍ୟ ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ।**

### ଫିଟିଂ ଡ୍ରେସ୍

ଏବର ଫେଶନ ଅନୁଯାୟୀ କିଛି ମହିଳା ଢିଲା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। କିନ୍ତୁ ଆବଶ୍ୟକତାଠୁ ଅଧିକ ଢିଲା ପୋଷାକ ପିନ୍ଧିଲେ ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ବିଗାଡ଼ି ଦେଇଥାଏ। ତେଣୁ ନିଜ ଫିଟିଙ୍ଗ୍ ଅନୁସାରେ ପୋଷାକ ପିନ୍ଧିଲେ ଏହା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ଏଥିପାଇଁ ସର୍ବଦା ନିଜ ଶରୀର ଆକାର ଅନୁସାରେ ପୋଷାକ ପିନ୍ଧିବା ଜରୁରୀ।

### ରଙ୍ଗ ଚୟନ

ତ୍ୱଚାର ରଙ୍ଗ ଅନୁଯାୟୀ, କେଉଁ ରଙ୍ଗର ପୋଷାକ ଭଲ ମାନିବ ସେହି ଅନୁସାରେ ପୋଷାକ କିଣିବା ଆବଶ୍ୟକ। ଗାଢ଼ ରଙ୍ଗ ବଦଳରେ ସର୍ବଦା ହାଲୁକା ରଙ୍ଗର କପଡ଼ା ପିନ୍ଧନ୍ତୁ। ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ତ୍ୱଚାରେ ଏକ ଚମକ ଆସିଥାଏ।

### ଆସେସରିଜ୍‌ରେ ରଖନ୍ତୁ ସନ୍ତୁଳନ

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଏକା ସହିତ ଭାରି କାନଫୁଲ ଓ ଅଳଙ୍କାର ପିନ୍ଧନ୍ତୁ ନାହିଁ। ଏହା ଆତ୍ମବିଶ୍ୱାସକୁ କମ୍ କରିଥାଏ। ଆଖିକୁ ଅସୁନ୍ଦର ଦିଶିଥାଏ। ତେଣୁ ଆସେସରିଜ୍‌ରେ ସନ୍ତୁଳନ ରଖନ୍ତୁ।

## ଗୋବରରୁ ସ୍ୱାବଲମ୍ବୀ ସାରିକା





**ହିନ୍ଦୁଧର୍ମରେ ଗୋବର ବିଭିନ୍ନ ଦେବକାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ଗାଁ, ଗହଳିରେ ମହିଳାମାନେ ମାଟିଘରକୁ ଚିକ୍କଣ କରିବା ପାଇଁ ଗୋବରରେ ବାରି, ଦୁଆର,ଘର, ଅଗଣା ଆଦି ଲିପିଥାନ୍ତି। ସେହିପରି ମାଣବସା ଗୁରୁବାରରେ ମଧ୍ୟ ଏକବର୍ଣ୍ଣ ଗାଇ ଗୋବରର ସ୍ୱତନ୍ତ୍ର ବିଶେଷତା ରହିଛି। କେବଳ ସେତିକି ନୁହେଁ, ଏଥିରୁ ଘଷି ପ୍ରସ୍ତୁତ କରି ଜାଳେଣି ଭାବେ ବ୍ୟବହାର କରାଯାଇଥାଏ। ଏହି କ୍ରମରେ ଏବେ ଗୋବରରୁ ଭଳିକି ଭଳି ମୂର୍ତ୍ତି, ଧୂପଦାନୀ, ପେନ୍‌ଷ୍ଟାଣ୍ଡ, ଫୁଲକୁଣ୍ଡ ଆଦି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ସ୍ୱାବଲମ୍ବୀ ହୋଇଛନ୍ତି, ଭୁବନେଶ୍ୱର ଲକ୍ଷ୍ମୀସାଗରର ସାରିକା ଜୈନ୍।**

ସାଧାରଣତଃ ଲୋକେ ଦୁଗ୍ଧ ଦେଉଥିବା ଗାଈକୁ ଘାସ, କୁଣ୍ଡା, ଭାତ ଆଦି ଖାଦ୍ୟ ଦେଇ ପାଳନ କରନ୍ତି। କିନ୍ତୁ ଦୁଗ୍ଧ ଦେଉ ନ ଥିବା ଗାଈ ତଥା ଷଣ୍ଢକୁ ବାହାରେ ଛାଡ଼ି ଦିଅନ୍ତି। ତେଣୁ ସାରିକା ଅବହେଳିତ ଗାଈଙ୍କୁ ନେଇ କିଛି ନୂଆ କରିବାକୁ ଭାବିଥିଲେ। ଏହାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ସେ ଦେଶୀ ଗାଈ ଗୋବରରୁ ଭଳିକି ଭଳି ସାଜସଜ୍ଜା ଉପକରଣ ପ୍ରସ୍ତୁତ କରିଥିଲେ। ସାରିକା ଛତିଶଗଡ଼ ରାୟପୁର ହୋଇଥିବାବେଳେ ସେ ଏବେ, ଦୀର୍ଘ ବର୍ଷ ଧରି ଭୁବନେଶ୍ୱରରେ ରହୁଛନ୍ତି। ଗତ ୩ ବର୍ଷ ଧରି ସେ ଦେଶୀ ଗାଈ ଗୋବରରୁ ଏହି ସାମଗ୍ରୀ ପ୍ରସ୍ତୁତ କରିଆସୁଛନ୍ତି। ଏଥିପାଇଁ ସେ ବିଭିନ୍ନ ସ୍ଥାନରୁ ଗୋବର ଏକତ୍ର କରିଥାନ୍ତି। ଏହାକୁ ପ୍ରକ୍ରିୟାକରଣ କରି ତାହାକୁ ବିଭିନ୍ନ ରୂପ ଦେଇଥାନ୍ତି। ଗାଈ ଗୋବରରୁ ପ୍ରସ୍ତୁତ କରୁଥିବା ସାମଗ୍ରୀଗୁଡ଼ିକର ନାମ ସେ ଗୋ ଧାମ ରଖିଛନ୍ତି। ଏହା ପରିବେଶ ଅନୁକୂଳ ହେବା ସହ ହାଲୁକା ଓ ସୁନ୍ଦର ହୋଇଥାଏ। ଏଥିପାଇଁ ସେ ବିଭିନ୍ନ ରାଜ୍ୟର ଗୋଶାଳାରୁ ଶୁଖିଲା ଗୋବର ସଂଗ୍ରହ କରିଥାନ୍ତି। ସନାତନ ଧର୍ମରେ ଗୋବରର ବିଶେଷ ମହତ୍ତ୍ୱ ରହିଛି। ଏହାକୁ ପବିତ୍ର କୁହାଯାଏ। ସେହିପରି ପ୍ଲାଷ୍ଟିକ୍ ଜିନିଷ ବଦଳରେ ଲୋକେ ପ୍ରାକୃତିକ ଓ ପାରମ୍ପରିକ ଜିନିଷ କିଣିବାକୁ ଅଧିକ ପସନ୍ଦ କରନ୍ତି। ଏହି ଜିନିଷଗୁଡ଼ିକ ଆକାରରେ ବଡ଼ ଦେଖାଯାଉଥିଲେ ଏହାର ଓଜନ କମ୍ ଥାଏ। ସାରିକା ଛୋଟରୁ ନେଇ ବଡ଼ ବିଭିନ୍ନ ଆକୃତିର ଜିନିଷ ବିକିଥାନ୍ତି। ବିଭିନ୍ନ ପ୍ରଦର୍ଶନୀ, ମେଳା ଆଦିରେ ସେ ଷ୍ଟଲ୍ ପକାଇ ଏହି ବ୍ୟବସାୟ କରିଥାନ୍ତି। ଏଥିସହ ଘରେ ମଧ୍ୟ ବିକ୍ରି କରିଥାନ୍ତି। ସାରିକାଙ୍କ କହିବାନୁଯାୟୀ, ଲୋକେ ଏହାକୁ ବେଶ ଆଗ୍ରହରେ ସହ କିଣୁଛନ୍ତି। ଅନ୍‌ଲାଇନରେ ଲୋକଙ୍କ ବରାଦ ମୁତାବକ ସେମାନଙ୍କ ଠିକଣାରେ ମଧ୍ୟ ଏସବୁ ସାମଗ୍ରୀ ପାର୍ସଲ କରିଥାନ୍ତି। ସାରିକା କହନ୍ତି, ସନାତନ ଧର୍ମରେ ଗୋମାତା ପୂଜନୀୟ। ଅଧିକାଂଶ କ୍ଷେତ୍ରରେ ଲୋକମାନେ ଭାବନ୍ତି, ଗାଈ ଯେତେବେଳେ କ୍ଷୀର ଦେବା ବନ୍ଦ କରିଦିଏ ତାହା ପାଖରୁ ଆମେ ଆଉ କିଛି ଉପକାରୀ ସାମଗ୍ରୀ ପାଉନା। ହେଲେ ଗୋମାତା ନିଜ ଜୀବନର ଶେଷ ପର୍ଯ୍ୟନ୍ତ ଆମକୁ ବହୁତ କିଛି ଦେଇଥାଏ ଯାହାର ଉପକାରିତା ଅତୁଳନୀୟ। ସେହିପରି ସେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ସେହି ଅନୁସାରେ ମଧ୍ୟ ବିଭିନ୍ନ କଳାକୃତି କରିଥାନ୍ତି। ଯାହାକୁ ଲୋକମାନେ ଖୁବ୍ ଆଦରର ସହ କିଣିଥାନ୍ତି।

## ମସଲାରେ ତ୍ୱଚାର ଯତ୍ନ

**ସୁନ୍ଦର, ଚିକ୍କଣ ଓ ଉଜ୍ଜ୍ୱଳ ତ୍ୱଚା ସମସ୍ତେ ଚାହାଁନ୍ତି। ଏଥିପାଇଁ ମହିଳାମାନେ ବିଭିନ୍ନ ପ୍ରସାଧନରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି। ଅବଶ୍ୟ ଏଥିରୁ ତ୍ୱଚାକୁ ସ୍ୱଳ୍ପ ସମୟ ପାଇଁ ଅନେକ ଫାଇଦା ମିଳିଥାଏ; କିନ୍ତୁ ଏହା ଦୀର୍ଘସ୍ଥାୟୀ ହୋଇ ନଥାଏ। ତେଣୁ ଚାହିଁଲେ ରୋଷେଇ ଘରେ ଥିବା ମସଲାକୁ ଉପଯୋଗ କରି ପ୍ରାକୃତିକ ଉପାୟରେ ତ୍ୱଚାର ଯତ୍ନ ନେଇପାରିବେ।**



### ମେଥି

ଏହା ଏକ ପ୍ରାକୃତିକ ଟୋନର୍ ଭଳି କାର୍ଯ୍ୟ କରିଥାଏ। ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ନିୟନ୍ତ୍ରଣ କରିବା ସହ ଚର୍ମକୁ ଟାଇଟ୍ ରଖିଥାଏ। ଏହାଦ୍ୱାରା ଦାଗ, କୁଞ୍ଚନ ସମସ୍ୟା କମ୍ ହୋଇଥାଏ। ତେଣୁ ମେଥିଦାନାକୁ ଟୋନର୍ ଭାବେ ବ୍ୟବହାର କରିବାକୁ ଚାହୁଁଥିଲେ, ଗୋଟିଏ କପ୍‌ରେ ଅଳ୍ପ ପାଣି ନେଇ ସେଥିରେ ଏକ ଚାମଚ ମେଥିଦାନା ପକାଇ ଭିଜାଇ ରଖନ୍ତୁ। ସକାଳେ ଏହି ପାଣିକୁ ଛାଣି ଏକ ସ୍ପ୍ରେ ବୋତଲରେ ରଖନ୍ତୁ। ଏହାକୁ ଫ୍ରିଜ୍‌ରେ ରଖି ବ୍ୟବହାର କରିପାରିବେ। ଚାହିଁଲେ ଏଥିରୁ ଫେସ୍‌ମାସ୍କ ପ୍ରସ୍ତୁତ କରି ଲଗାଇପାରିବେ।

### ଅଳେଇଚ

ତ୍ୱଚାକୁ ପ୍ରାକୃତିକ ଉପାୟରେ ସଫା ତଥା ଉଜ୍ଜ୍ୱଳ କରିବାକୁ ଚାହୁଁଥିଲେ, ଅଳେଇଚ ବ୍ୟବହାର କରିପାରିବେ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସତେଜ ରଖିଥାଏ। ଏହାକୁ ବ୍ୟବହାର କଲେ ତ୍ୱଚା ସଫା ଓ ଉଜ୍ଜ୍ୱଳ ଦିଶିଥାଏ। ଏଥିପାଇଁ କଞ୍ଚାକ୍ଷୀରରେ ଏକ ଚାମଚ ଗୁଜୁରାତି ପାଉଡର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଏହା ଦୁଇଥର ଲଗାଇଲେ ଏଥିରୁ ସୁଫଳ ମିଳିଥାଏ।

### ଜୁଆଣୀ

ଏହା ତ୍ୱଚାରେ ଥିବା ବ୍ଲାକ୍‌ହେଡ୍‌ସ ଦୂର କରି ତ୍ୱଚାକୁ ଡିଟକ୍ସ କରିଥାଏ। ଏଥିପାଇଁ ଜୁଆଣୀ ଷ୍ଟିମ୍ ନେଇପାରିବେ। ଏହାଦ୍ୱାରା ପୋର୍ସଗୁଡ଼ିକ ଖୋଲିଯାଏ, ଓ ବ୍ଲାକ୍‌ହେଡ୍‌ସ ସହଜରେ ଦୂର ହୋଇଥାଏ। ଏଥିସହ ଏହି ଷ୍ଟିମ୍ ନେବା ଦ୍ୱାରା ତ୍ୱଚା ଭିତରୁ ସଫା ହୋଇଥାଏ। ଏଥିପାଇଁ ଏକ ଚାମଚ ଜୁଆଣୀକୁ ପାଣିରେ ପକାଇ ଫୁଟାନ୍ତୁ। ଏହାକୁ ମୁହଁରେ ଷ୍ଟିମ୍ ଦେଇ ୫ ମିନିଟ୍ ରଖି ଦିଅନ୍ତୁ।





## ମୋ ହାଣ୍ଡିଶାଳରୁ...

## ମୁଗଡାଲି ଢୋକ୍‌ଲା

### ଆବଶ୍ୟକ ସାମଗ୍ରୀ

ମୁଗ ଡାଲି - ୨୦୦ ଗ୍ରାମ୍, ସୁଜି - ଏକ କପ୍, ଦହି - ଏକ କପ୍, ଅଦା - ଏକ ଇଞ୍ଚ, କଞ୍ଚାଲଙ୍କା - ଦୁଇଟି, ହଳଦିଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଲେମ୍ବୁ - ଛୋଟ ଖଣ୍ଡେ, ଇନୋ - ଏକ ପ୍ୟାକେଟ୍, ଭୃସଙ୍ଗପତ୍ର - ଅଳ୍ପ, ହେଙ୍ଗୁ - ଅଧା ଚାମଚ, ରାଶି- ଏକ ଚାମଚ, ସୋରିଶ- ଏକ ଚାମଚ, ଚିନି- ଅଧା ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି



ଗୋଟିଏ ବାଉଲ୍‌ରେ ପାଣି ନେଇ ସେଥିରେ ମୁଗଡାଲି ପକାଇ ୩-୪ ଘଣ୍ଟା ବତୁରାଇ ରଖନ୍ତୁ। ଏହାପରେ ଏକ ପାତ୍ରରେ ଏକ କପ୍ ସୁଜି ଓ ଅଧା କପ୍ ଦହି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ବତୁରା ମୁଗ ଡାଲି, କଞ୍ଚାଲଙ୍କା, ଅଦା, ହଳଦୀ, ଲୁଣ, ଗୋଳେଇ ରଖିଥିବା ସୁଜି ସହ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢ଼ି ଇନୋ ପକାଇ ଗୋଳାନ୍ତୁ। ପରେ ଏହାକୁ ଏକ ଥାଳିରେ ଭଲ ଭାବେ ଖେଳାଇ ଦିଅନ୍ତୁ। ଏକ ହାଣ୍ଡିରେ ଅଳ୍ପ ପାଣିଦେଇ ଗୋଟିଏ ପାତ୍ରରେ ଏହି ଗୋଳାକୁ ରଖି ବାମ୍ଫ ଦିଅନ୍ତୁ। ୩୦ ମିନିଟ୍ ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଗୋଟିଏ ଡଙ୍କିରେ ତେଲ ନେଇ ସେଥିରେ ସୋରିଷ, ରାଶି, ହେଙ୍ଗୁ, ଭୃସଙ୍ଗପତ୍ର, ଲେମ୍ବୁ, ଚିନି ଦେଇ ଛୁଙ୍କ ଦିଅନ୍ତୁ। ଏହି ଛୁଙ୍କକୁ ପ୍ରସ୍ତୁତ କରି ରଖିଥିବା ଢୋକ୍‌ଲା ଉପରେ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ମୁଗଡାଲି ଢୋକ୍‌ଲା'।

## ମଇଳା ପାନିଆ ବ୍ୟବହାର କରୁଥିଲେ

**ସାଧାରଣତଃ ମହିଳାମାନେ ଦୀର୍ଘ ସମୟ ଧରି ଗୋଟିଏ ପାନିଆରେ କେଶ କୁଣ୍ଡାଇଥାନ୍ତି। ହେଲେ ଏହା ସଫା ପ୍ରତି ଧ୍ୟାନ ବିଶେଷ ଧ୍ୟାନ ଦିଅନ୍ତିନି। ମଇଳା ପାନିଆ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏହା ଅନେକ କେଶଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହାକୁ ଦୁଇ, ତିନି ସପ୍ତାହରେ ସଫା କରିବା ଆବଶ୍ୟକ।**



- ଅପରିଷ୍କାର ପାନିଆ ବ୍ୟବହାର କଲେ ଏହାଦ୍ୱାରା କେଶମୂଳ ସଂକ୍ରମଣ ସମସ୍ୟା ହୋଇଥାଏ। ଏଥିସହ କେଶଝଡ଼ା, ଦୋମୁହାଁ ଓ ରୂପି ଭଳି ଅନେକ ସମସ୍ୟା ହୋଇଥାଏ।
- ଏହା କେଶକୁ ଖୁବ୍ ଜଲ୍‌ଦି ଚିପ୍‌ଚିପା କରିଥାଏ। ଏଥିପାଇଁ ବାରମ୍ବାର କେଶ ସାମ୍ପୁ କରିବାକୁ ପଡ଼ିଥାଏ। କେବଳ ସେତିକି ନୁହେଁ, ଏହା କେଶର ଉଜ୍ଜ୍ୱଳତାକୁ ହ୍ରାସ କରିଥାଏ। କେଶର ପ୍ରାକୃତିକ ଚମକ ହଜିଯାଏ।
- ଅପରିଷ୍କାର ପାନିଆରେ ବ୍ୟାକ୍ଟେରିଆ ଜମି ରହିଥାନ୍ତି। ଏହାଦ୍ୱାରା କେଶ ଦୁର୍ଗନ୍ଧ ହୋଇଥାଏ। କେଶଝଡ଼ା ସମସ୍ୟା ମଧ୍ୟ ଦେଖାଯାଏ।

## ହେୟାର୍ ଏକ୍ସଟେନ୍‌ସନ୍

**ଅଧିକାଂଶ ମହିଳା ଲମ୍ବା, ଘନ କେଶ ଚାହାଁନ୍ତି। ଏହା ଆକର୍ଷଣୀୟ ଦିଶିବା ସହ ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। ହେଲେ ଧୂଳି, ପ୍ରଦୂଷଣ, ବ୍ୟସ୍ତଜୀବନଶୈଳୀ ଯୋଗୁଁ ଏବେ କେଶଝଡ଼ା ମୁଖ୍ୟ ସମସ୍ୟା ପାଲଟିଛି। ଏହାଦ୍ୱାରା କେଶ ପତଳା ହୋଇଯାଏ। ଏପରି ସ୍ଥଳେ ହେୟାର୍ ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ, ଲମ୍ବା କରିପାରିବେ।**

### ହେୟାର ଏକ୍ସଟେନସନ କ'ଣ


ଏହା ଉଭୟ ଅସଲି ଓ କୃତ୍ରିମ କେଶକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ। କେଶ ପତଳା ଓ ଛୋଟ ଥିଲେ, ଏହି ହେୟାର ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ ଓ ଲମ୍ବା କରିପାରିବେ। ଏହାକୁ ମଡେଲ, ସିନେତାରକାଠୁ ନେଇ ସାଧାରଣ ଯୁବତୀ ବ୍ୟବହାର କରୁଛନ୍ତି।

### ହେୟାର ଟୋପର୍ସ

ଏହା ହେୟାର ୱିଗ୍‌ର ଏକ ଛୋଟ ଅଂଶ ଭାବେ ଜଣାଯାଏ। କେଶର ମଝି ଅଂଶ ଝଡ଼ି ପତଳା ହୋଇଯାଇଥିଲେ, ଏହାକୁ ଲଗାଇ କେଶକୁ ଘନ ଆକାର ଦେଇପାରିବେ। ଏହା କେଶର ମଝିଅଂଶକୁ କଭର କରିଥାଏ। ଏଥିରେ କ୍ଲିପ୍ ଲାଗିଥାଏ। ଏହାକୁ କେଶରେ ଲଗାଇ ଫିକ୍ସ କରିପାରିବେ। ଏହା ଉଭୟ ସିଧା ଓ କୁଞ୍ଚ କେଶରେ ଲଗାଇପାରିବେ।


### ହେଲୋ ହେୟାର

ଏହା ଏକ ପ୍ରକାର ହେୟାର୍ ଏକ୍ସଟେନ୍‌ସନ୍। ଏହାକୁ ବିନା କ୍ଲିପ୍, ଅଠାରେ ସହଜରେ ଲଗାଯାଇପାରିବେ। ଏହାର ଉପରଭାଗରେ ପତଳା ରବର ଥାଏ। ଏହା ଦେଖିବାକୁ ଲମ୍ବା ରହିଥାଏ। ଏହାକୁ ଲଗାଇବାକୁ ମାତ୍ର ଏକ ମିନିଟ୍ ସମୟ ଲାଗିଥାଏ। ଏଥିରେ କ୍ଲିପ୍, ଅଠା ଆଦି ବ୍ୟବହୃତ ନ ହେବାରୁ ଏହା କେଶକୁ କୌଣସି କ୍ଷତି ପହଞ୍ଚାଏନି। କେଶର ଆବଶ୍ୟକତା ଅନୁଯାୟୀ ଏପରି ଅନେକ ଏକ୍ସଟେନ୍‌ସନ୍ ରହିଛି।



### ମହିଳା ଦିନିକିଆ ବିଶ୍ୱକପ୍

## ଚାମାରିଙ୍କ ନେତୃତ୍ୱରେ ଖେଳିବ ଶ୍ରୀଲଙ୍କା



କଲମ୍ବୋ, ୧୦।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଚଳିତ ମାସ ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଏଥିଲାଗି ବୁଧବାର ସହ-ଆୟୋଜକ ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଭେଟେରାନ ଅଲ୍‌ରାଉଣ୍ଡର ଚାମାରି ଆଟ୍ଟାପାଟ୍ଟୁଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱରେ ଭାର ଦିଆଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଆୟୋଜକ ଭାରତ ସହ ଖେଳି ଶ୍ରୀଲଙ୍କା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଗୌହାଟୀରେ ଖେଳାଯିବ।

ଘୋଷିତ ଶ୍ରୀଲଙ୍କା ଦଳ: ଚାମାରି ଆଟ୍ଟାପାଟ୍ଟୁ (ଅଧିନାୟିକା), ହାସିନି ପେରେରା, ଭିସ୍ମି ଗୁଣରତ୍ନେ, ହର୍ଷିତା ସମରବିକ୍ରମା, କାଭିଶା ଦିଲହାରି, ନୀଳକ୍ଷୀ ଡି ସିଲ୍‌ଭା, ଅନୁଷ୍କା ସଞ୍ଜୀବନୀ, ଇମେଶା ଦୁଲାନି, ଦେୱାମି ବିହଙ୍ଗା, ପିଉମି ୱାଥସାଲ୍, ଇନୋକା ରଣୱିରା, ସୁଗନ୍ଧିକା କୁମାରୀ, ଉଦେଶିକା ପ୍ରବୋଧିନୀ, ମାଲକି ମାଦରା ଓ ଅଚିନି କୁଲସୋରିୟା।

## ପୁଣିଥରେ ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ସିନ୍ଧୁ

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଚଳିତ ବର୍ଷ ଜାରି ରହିଛି। ପୁଣିଥରେ ସିନ୍ଧୁ ଚଳିତ ସିଜନରେ ଏକ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ହଂକଂ ଓପନ୍ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସିନ୍ଧୁ ୨୧-୧୫, ୧୬-୨୧, ୧୯-୨୧ ଗେମରେ ବିଶ୍ୱ ମାନ୍ୟତାର ୨୭ତମ ସ୍ଥାନରେ ରହିଥିବା ଡେନମାର୍କର ଲିନ କ୍ରିଷ୍ଟୋଫରସେନଙ୍କ ନିକଟରୁ ହାରିଯାଇଛନ୍ତି। ଫଳରେ ୧୪ତମ ମାନ୍ୟତା ସିନ୍ଧୁ ଚଳିତ ବର୍ଷ ୬ଷ୍ଠଥର ଲାଗି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ସେହିଭଳି ଲିନ୍‌ଙ୍କ ବିପକ୍ଷରେ ୬ଷ୍ଠ ମୁକାବିଲାରୁ ସିନ୍ଧୁ ପ୍ରଥମ ପରାଜୟବରଣ କରିଛନ୍ତି। ତେବେ ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ ଅଗ୍ରଗତି କରିଛନ୍ତି। ଲକ୍ଷ୍ୟ ୨୨-୨୦, ୧୬-୨୧, ୨୧-୧୫ ଗେମରେ ଚାଇନିଜ ତାଇପେଇର ୱାଙ୍ଗ ଜୁ ୱି'ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିଭଳି ଏଚଏସ୍ ପ୍ରଣୟ ଓ କିରନ ଜର୍ଜ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

### ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍

## ଭାରତର ପ୍ରଥମ ପଦକ ନିଶ୍ଚିତ କଲେ ନୂପୁର



ଲଣ୍ଡନ, ୧୦।୯ (ଏଜେନ୍ସି): ଲିଭରପୁଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତ ପ୍ରଥମ ପଦକ ନିଶ୍ଚିତ କରିଛି। ମହିଳା ୮୦ କିଗ୍ରାରୁ ଊର୍ଦ୍ଧ୍ୱ ବର୍ଗରେ ନୂପୁର ଶିଓରାନ ୪-୧ରେ ଉଜବେକିସ୍ତାନର ଓଲଟିନୀ ସୋତିମବୋଏଭାଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ପହଞ୍ଚି ନୂପୁର କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ନୂପୁର ବିଶ୍ୱ ବକ୍ସିଂ କପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବୁଧବାର ରାତିରେ ଦୁଇଥରର ବିଶ୍ୱ ଚାମ୍ପିଅନ ଭାରତର ନିଖିତ ଜରିନ ତୁର୍କିର କାକିରୋଗଲୁଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ।

### ଏସିଆ କପ୍: ଦୁବାଇରେ ଦୁବେ, କୁଲଦୀପଙ୍କ କମାଲ

# ୟୁଏଇ ବିପକ୍ଷରେ ଭାରତର ଦମ୍‌ଦାର ବିଜୟ

ଦୁବାଇ, ୧୦।୯ (ଏଜେନ୍ସି):

ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଭାରତ ପ୍ରଥମ ମ୍ୟାଚରେ ୯୩ ବଲ୍ ଓ ୯ ୱିକେଟ ବଳକା ଥାଇ ବଡ଼ ବ୍ୟବଧାନରେ ଆୟୋଜକ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ମାତ୍ ଦେଇଛି। ରିଷ୍ଟ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୪ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନକୁ ଭେଟିବ।

ବୁଧବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଏ'ର ଏହି ମ୍ୟାଚରେ ଟସ୍ ଜିତି ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ପାଇଁ ଦୁଇ ଓପନର୍ ଅଧିନାୟକ ମହମ୍ମଦ ୱାସିମ ଓ ଆଲିସାନ ଶରଫୁ ପ୍ରଥମ ୱିକେଟ୍‌ରେ ୨୬ ରନ ଉଠାଇଥିଲେ। ତେବେ ୪ର୍ଥ ଓଭରର ୪ର୍ଥ ବଲ୍‌ରେ ବୁମ୍‌ରାଙ୍କ ଏକ ଚମତ୍କାର ୟର୍କରକୁ ଖେଳି ନ ପାରି ଆଲିସାନ ୨୨ ରନରେ କ୍ଲିନ ବୋଲ୍ଡ ହୋଇଯାଇଥିଲେ। ଏହାପରେ ୟୁଏଇର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ବ୍ୟାଟର୍‌ମାନେ କୁଲଦୀପଙ୍କ ସ୍ପିନ ଯାଦୁ ଓ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଶିଭମ ଦୁବେଙ୍କ ବଲ୍‌କୁ ସାମ୍ନା କରି ନ ଥିଲେ। ଫଳରେ ଘରୋଇ ଦଳ ୧୩.୧ ଓଭରରେ ମାତ୍ର ୫୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ଅଧିନାୟକ ୱାସିମ (୧୯ ରନ) ଓ ଆଲିସାନ (୨୬ ରନ) କେବଳ ଦୁଇଅଙ୍କବିଶିଷ୍ଟ ସ୍କୋର ଛୁଇଁପାରିଥିଲେ। ଏକଦା ୟୁଏଇ ଏକ ୱିକେଟ୍‌ରେ ୨୬ ରନ କରିଥିବାବେଳେ ଆଉ ୩୧ ରନରେ ୯ଟି ଯାକ ୱିକେଟ ହରାଇଥିଲା। ଭାରତ ପକ୍ଷରୁ କୁଲଦୀପ (୨.୧-୦-୭-୪) ଓ ଶିଭମ (୨-୦-୪-୩) ମିଳିତ ଭାବେ ୨୫ ବଲ୍ ବୋଲିଂ କରି ୧୧ ରନ ବ୍ୟୟରେ ୭ଟି ୱିକେଟ୍ ନେଇଥିଲେ। ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ। ଏଥିସହ ଟି-୨୦ରେ ଭାରତ ବିପକ୍ଷରେ ସବୁଠୁ କମ୍ ରନରେ ଅଲ୍‌ଆଉଟ୍ ହେବାରେ ଏହା ରେକର୍ଡ ହୋଇଛି। ପୂର୍ବରୁ ୨୦୨୩ରେ ଭାରତ ବିପକ୍ଷ ଟି-୨୦ରେ ନ୍ୟୁଜିଲାଣ୍ଡ ମାତ୍ର ୬୬ ରନରେ ଅଲ୍‌ଆଉଟ୍ ହୋଇଥିଲା।



କୁଲଦୀପଙ୍କୁ ବଧାଇ ଜଣାଉଛନ୍ତି ସୂର୍ଯ୍ୟ କୁମାର

ଜବାବରେ ୫୮ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୪.୩ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଓପନର୍ ଅଭିଷେକ ଶର୍ମା ୧୬ ବଲରେ ୩୦ ରନ କରି ଆଉଟ୍ ହୋଇଥିଲେ। ଶୁବମନ ଗିଲ୍ ୯ ବଲରେ ୨୦ ଓ ଅଧିନାୟକ ଯାଦବ ୨ ବଲରେ ୭ ରନ କରି ଅପରାଜିତ ରହିଥିଲେ। ଶ୍ରେଷ୍ଠ ଖେଳାଳି କୁଲଦୀପଙ୍କୁ ୫ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪.୪୦ ଲକ୍ଷ) ପୁରସ୍କାର ଦିଆଯାଇଥିଲା। ସେହିଭଳି ମ୍ୟାଚର ବିଜୟୀ ଦଳକୁ ୧୫ ହଜାର ଡଲାର (୧୩ ଲକ୍ଷ ୨୦ ହଜାର ଟଙ୍କା) ପୁରସ୍କାର ପ୍ରଦାନ କରାଯାଇଥିଲା।

**ଆଜିର ମ୍ୟାଚ୍**
**ବାଂଲାଦେଶ-ହଂକଂ**
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

**ସଂକ୍ଷିପ୍ତ ସ୍କୋର**

ୟୁଏଇ ପାଳି: ୫୭/୧୦, ୧୩.୧ ଓଭର (ଆଲିସାନ ଶରାଫୁ-୨୨, ମହମ୍ମଦ ୱାସିମ- ୧୯, କୁଲଦୀପ୍- ୪/୭, ଶିଭମ- ୩/୪)।

ଭାରତ ପାଳି: ୬୦/୧, ୪.୩ ଓଭର (ଅଭିଷେକ ଶର୍ମା- ୩୦, ଶୁବମନ ଗିଲ୍- ଅପରାଜିତ ୨୦, ସୂର୍ଯ୍ୟକୁମାର ଯାଦବ- ଅପରାଜିତ ୭, ଜୁନେଦ ସିଦ୍ଧିକ- ୧/୧୬)।

## ୟୁଏଇ ଦଳରେ ୫ ଭାରତୀୟ ବଂଶୋଦ୍ଭବ

ଚଳିତ ଏସିଆ କପ୍‌ରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ପରାସ୍ତ କରିଛି। ଏହି ମ୍ୟାଚ୍ ଖେଳିଥିବା ୟୁଏଇ ଦଳରେ ୫ଜଣ ଖେଳାଳି ଭାରତୀୟ ବଂଶୋଦ୍ଭବ ରହିଥିଲେ। ୟୁଏଇ ଦଳରେ ସାମିଲ ହୋଇଥିବା ଏହି ଭାରତୀୟ ବଂଶୋଦ୍ଭବ ଖେଳାଳିମାନେ ହେଲେ ସିମରନଜିତ୍ ସିଂହ, ହର୍ଶିତ କୌଶିକ, ଧ୍ରୁବ ପରାସର, ଆଲିସାନ ଶରାଫୁ ଓ ରାହୁଲ ଚୋପ୍ରା। ରାହୁଲ ୱିକେଟକିପର ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ଭାରତରେ ଜନ୍ମଗ୍ରହଣ କରିଛନ୍ତି। ପରବର୍ତ୍ତି ସମୟରେ ନିଜ ପରିବାର ସହ ୟୁଏଇରେ ଅବସ୍ଥାପିତ ହୋଇ ଓ ନିଜ ପ୍ରଦର୍ଶନ ଓ ଦକ୍ଷତା ବଳରେ ସେଠାରେ ଜାତୀୟ ଦଳରେ ସ୍ଥାନ ହାସଲ କରିଛନ୍ତି।



ହର୍ଶିତ କୌଶିକ



ସିମରନଜିତ୍ ସିଂହ

### ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

## ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଲା ଇକ୍ୱେଡର



ତାରକ୍ୱି, ୧୦।୯ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବୁଧବାର ସ୍ଥାନୀୟ ମୌନମେଣ୍ଟାଲ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଘରୋଇ ଇକ୍ୱେଡର ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଇଞ୍ଜୁରୀ ଟାଇମରେ ଘରୋଇ ଇକ୍ୱେଡରକୁ ଏକ ପେନାଲ୍ଟି ମିଳିଥିଲା। ଏହି ଫ୍ରି କିକ୍‌ର ଭରପୁର ଫାଇଦା ଉଠାଇ ଭାଲେନସିଆ ଏନ୍ନର ଘରୋଇ ଦଳକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ଏହାପରେ ବଳକା ୪୫ ମିନିଟ୍‌ରେ ଆର୍ଜେଣ୍ଟିନା ଗୋଲକୁ ଶୁଝାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଆର୍ଜେଣ୍ଟିନାର ତାରକା ଖେଳାଳି ଲିଓନେଲ ମେସି ଏହି ମ୍ୟାଚରେ ଖେଳୁ ନ ଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ଆର୍ଜେଣ୍ଟିନା ପୂର୍ବରୁ ୨୦୨୬ ଫିଫା ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିସାରିଛି। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆର୍ଜେଣ୍ଟିନା ବର୍ତ୍ତମାନ ୧୮ ମ୍ୟାଚ୍ ଖେଳି ୧୨ ବିଜୟ, ୪ ପରାଜୟ ଓ ୨ଟି ଡ୍ର ସହ ୩୮ ପଏଣ୍ଟ ସହ ଶୀର୍ଷରେ ରହିଛି। ସେହିଭଳି ଇକ୍ୱେଡର ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍‌ରେ ସ୍ଥାନ ସୁରକ୍ଷିତ କରିନେଇଛି।

## ଜାତୀୟ ଯୁବ ଓ ଜୁନିଅର ପାରା ବ୍ୟାଡ୍‌ମିଣ୍ଟନ; ଓଡ଼ିଶାକୁ ୯ ପଦକ

ଭୁବନେଶ୍ୱର, ୧୦।୯ (ସମିସ): ଲକ୍ଷ୍ନୌରେ ଶେଷ ହୋଇଥିବା ଜାତୀୟ ଯୁବ ଓ ଜୁନିଅର ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶା ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୯ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ସୌମ୍ୟରଞ୍ଜନ ମହାକୁଲ ଏବଂ ରାଣୀ ଗୌଡ଼ା ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ପାଇଛନ୍ତି। ସୌମ୍ୟରଞ୍ଜନ ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ରୌପ୍ୟ ଓ ୧୯ ବର୍ଷରୁ କମ୍ ବିଭାଗରେ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ରାଣୀ ୧୯ ବର୍ଷରୁ କମ୍ ବାଳିକା ଓ ୟୁଥ୍ ବର୍ଗରେ ଏହି ସଫଳତା ପାଇଥିଲେ। ଏହାବାଦ୍ ବିଭାସିନ୍ଧୁ ବାରିକ ହରିୟାଣାର କାର୍ତ୍ତିକ ସୁହାଗଙ୍କୁ ସାଥୀ କରି ୧୯ ବର୍ଷରୁ କମ୍ ଡବଲ୍ସରେ ଚାମ୍ପିଅନ ହୋଇଥିଲେ। ବିଭାସିନ୍ଧୁ ମଧ୍ୟ ଏହି ବୟସବର୍ଗର ବାଳକ ଫାଇନାଲରେ ହାରି ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ଆକାଶ ରଞ୍ଜନ ମୁଣ୍ଡା ଓ ଅଜୟ କୁମାର ପ୍ରଧାନ ଗୋଟିଏ ଲେଖାଏ କାଂସ୍ୟ ପଦକ ଜିତିଛନ୍ତି। ଅମରେନ୍ଦ୍ର ବେହେରା ଓ ପ୍ରତୀକ ବେହେରା ଓଡ଼ିଶା ଦଳର ପ୍ରଶିକ୍ଷକ ଭାବେ ଦଳ ସହ ଗସ୍ତ କରିଥିଲେ।





### ମହିଳା ଏସିଆ କପ୍ ହକି: ଦ.କୋରିଆ ୨-୪ ଗୋଲ୍‌ରେ ପରାସ୍ତ

# ସୁପର୍-୪ରେ ଭାରତର ବିଜୟ ଅଭିଯାନ

ହାଙ୍ଗଝୋଉ, ୧୦।୯ (ଏଜେନ୍ସି):

ଚାଇନାରେ ଚାଲିଥିବା ମହିଳା ଏସିଆ କପ୍ ହକି ୧୧ତମ ସଂସ୍କରଣର ସୁପର୍-୪ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଭାରତୀୟ ମହିଳା ଦଳ ୪-୨ ଗୋଲ୍‌ରେ ୩ଥରର ବିଜେତା ଦକ୍ଷିଣ କୋରିଆକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ବୈଷ୍ଣବୀ ବିଥାଲ, ସଙ୍ଗୀତା କୁମାରୀ, ଲାଲରେମସିଆମି ଓ ଋତୁଜା ଦାଦାସୋ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ଏଥିସହ ୩ ପଏଣ୍ଟ ପାଇ ୪ ଦଳୀୟ ଟେବଲ ତାଲିକାର ଶୀର୍ଷରେ ରହିଛି। ସୁପର୍-୪ରେ ଭାରତ ଏହାର ପରବର୍ତ୍ତୀ ଦୁଇଟି ମ୍ୟାଚରେ ଯଥାକ୍ରମେ ଗୁରୁବାର ଚୀନ ଓ ଶନିବାର ଜାପାନ ବିପକ୍ଷରେ ଖେଳିବ। ରବିବାର ସୁପର୍-୪'ର ଦୁଇ ଶୀର୍ଷ ଦଳ ମଧ୍ୟରେ ଫାଇନାଲ ଖେଳାଯିବ।



ସୁପର୍-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ବୁଧବାର ଅପରାହ୍ଣରେ ଭାରତ ଓ ଦକ୍ଷିଣ କୋରିଆ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚର ଦ୍ୱିତୀୟ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ବୈଷ୍ଣବୀ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟରରେ ଏହି ଅଗ୍ରଣୀକୁ ଭାରତ ବଜାୟ ରଖିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଗୋଲଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୩୩ତମ ମିନିଟରେ ଫିଲ୍ଡ ଗୋଲ୍ ଜରିଆରେ ସଙ୍ଗୀତା କୁମାରୀ ଭାରତକୁ ୨-୦ରେ ଆଗୁଆ କରାଇଥିଲେ। ସେହି ସମାନ ମିନିଟ୍‌ରେ କିନ୍ତୁ ଦକ୍ଷିଣ କୋରିଆ କାଉଣ୍ଟର ଆଟାକ୍ କରି ଗୋଟିଏ ଗୋଲ୍ ଶୁଝିଦେଇଥିଲା। କିମ୍ ୟୁଜିନ ପେନାଲ୍ଟି କର୍ଣ୍ଣରରୁ ଏହି ଗୋଲ୍‌ଟି ଦେଇଥିଲେ। ଏହାପରେ ୪୦ତମ ମିନିଟରେ ଲାଲରେମସିଆମିଙ୍କ ଗୋଲ୍ ବଳରେ ଭାରତ ଅଗ୍ରଣୀକୁ ୩-୧କୁ ବୃଦ୍ଧି କରାଇଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ୫୩ତମ ମିନିଟ୍‌ରେ କିମ୍ କୋରିଆ ପାଇଁ ୨ୟ ଗୋଲ୍ ଦେଇ ମ୍ୟାଚରେ ରୋମାଞ୍ଚ ଭରିଥିଲେ। ତେବେ ଶେଷ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଋତୁଜା ଏହାକୁ ଗୋଲରେ ରୂପାନ୍ତରିତ କରି ଭାରତକୁ ୪-୨ ଗୋଲରେ ବିଜୟୀ କରାଇଥିଲେ।

## କେଭିଏଲ୍‌ରେ ଭାଗନେବେ ୭୬ଟି ଦଳ

କଟକ,୧୦।୯ (ସମିସ): ଖୁବଶୀଘ୍ର କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ୍) ଆରମ୍ଭ ହେବ। ଏଥିନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟର ମୋଟ୍ ୭୬ଟି ଦଳ ଭାଗନେବେ। ୧୬ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଲିଗ୍ ଆୟୋଜନ କରାଯିବ। ୪ଟି ଜୋନ୍‌ରେ ଲିଗ୍ ଖେଳାଯିବା ପରେ କଟକରେ ଫାଇନାଲ ମୁକାବିଲା ହେବ। ଏଥିରେ ଚାମ୍ପିଅନ ଦଳ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଆସାମ ଯାତ୍ରା କରିବ। ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଗେଷ୍ଟହାଉସ୍‌ରେ କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ସାଧାରଣ ପରିଷଦ ବୈଠକରେ ଏହି ସୂଚନା ଦିଆଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କେଭିଏଲର ପ୍ରଥମ ପର୍ଯ୍ୟାୟ ଲିଗ୍ କଟକ ଜିଲ୍ଲାର ନାରଙ୍ଗବସ୍ତରେ ଆୟୋଜନ ହେବ। ନାରଙ୍ଗବସ୍ତ ଇନଚାର୍ଜ ସୁଶାନ୍ତ ମାଝୀ ଉପସ୍ଥିତ ରହି ଲିଗ୍‌କୁ ସଫଳ କରିବା ଦିଗରେ ମତବ୍ୟକ୍ତ କରିଥିଲେ। ପରେ ଯାଜପୁରରେ, ଅନୁଗୋଳରେ ଏବଂ ଭୁବନେଶ୍ୱରରେ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍ ସବୁ ଖେଳାଯିବ। ଦିବ୍ୟବ୍ରତ ପଣ୍ଡା, ଆଇନଜୀବୀ ବସନ୍ତ ଦାସ ପ୍ରମୁଖ ଲିଗ୍ ପରିଚାଳନାରେ ସହଯୋଗ କରିବେ।

ଅନ୍ୟପକ୍ଷରେ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଭଲିବଲ ପ୍ରଶିକ୍ଷଣ ଶିବିର ଆୟୋଜନ ବାବଦରେ ଆଲୋଚନା କରାଯାଇଥିଲା। ଜାତୀୟସ୍ତରର ପ୍ରଶିକ୍ଷକଙ୍କୁ ନେଇ ଗ୍ରାମାଞ୍ଚଳରେ ନିଃଶୁଳ୍କ ପ୍ରଶିକ୍ଷଣ ଶିବିର କରାଯିବ। ବୈଠକରେ କେଭିଡିସିର କଟକ ଜିଲ୍ଲା ଇନଚାର୍ଜ ଅମର ଭଞ୍ଜ, ଢେଙ୍କାନାଳ ଇନଚାର୍ଜ ରାକେଶ ପ୍ରଧାନ, ଜାତୀୟସ୍ତରର ଖେଳାଳି ମହମ୍ମଦ ଓବେଦୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ। ଏଫଆଇଭିବି ପ୍ରଶିକ୍ଷକ ଆଶୁତୋଷ ପାତ୍ର ବୈଠକ ପରିଚାଳନା କରିଥିଲେ।

## ଆଜିଠୁ ଦୁଲୀପ୍ ଟ୍ରଫି ଫାଇନାଲ

ବେଙ୍ଗାଲୁରୁ, ୧୦।୯ (ଏଜେନ୍ସି): ବିସିସିଆଇର ୨୦୨୫-୨୬ ସିଜନର ପ୍ରଥମ ଘରୋଇ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫିର ଫାଇନାଲ ମ୍ୟାଚ୍ ଗୁରୁବାରରୁ ଆରମ୍ଭ ହେବ। ସ୍ଥାନୀୟ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସଲେନ୍ସି ଗ୍ରାଉଣ୍ଡରେ ଦକ୍ଷିଣାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ପୂର୍ବରୁ ସେମିଫାଇନାଲରେ ଉତ୍ତରାଞ୍ଚଳ ବିପକ୍ଷରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ପାଳି ଅଗ୍ରଣୀ ରହି ଫାଇନାଲରେ ପହଞ୍ଚିଛନ୍ତି। ଭାରତର ପ୍ରମୁଖ ଖେଳାଳି ବର୍ତ୍ତମାନ ଏସିଆ କପ୍ ଏବଂ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ସିରିଜରେ ବ୍ୟସ୍ତ ରହିଥିବାରୁ ଦୁଲୀପ୍ ଟ୍ରଫି ଫାଇନାଲରେ ତାରକା ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ଇଣ୍ଡିଆ-ଏ ଦଳରେ ସାମିଲ ହୋଇଥିବାରୁ ଏନ୍. ଜଗଦୀଶନ ଓ ଦେବଦତ୍ତ ପାଡିକଲ ଫାଇନାଲ ଲଢ଼େଇରେ ଦକ୍ଷିଣାଞ୍ଚଳ ପକ୍ଷରୁ ଖେଳିବେ ନାହିଁ। ତେଣୁ ଫାଇନାଲ ଲାଗି ଦକ୍ଷିଣାଞ୍ଚଳ ଦଳରେ କର୍ଣ୍ଣାଟକର ଆର. ସ୍ମରଣ ଓ ତାମିଲନାଡୁର ଆନ୍ଦ୍ରେ ସିଦ୍ଧାର୍ଥଙ୍କୁ ସାମିଲ କରାଯାଇଛି। ସେହିଭଳି କେନ୍ଦ୍ରାଞ୍ଚଳ ଦଳରେ ୪ ଖେଳାଳିଙ୍କୁ ନିଆଯାଇଛି। ସେମାନେ ହେଲେ ନଚିକେତ ଭୁତେ, କୁମାର କାର୍ତ୍ତିକେୟ, କୁଲଦୀପ ସେନ ଓ କୁକନା ଅଜୟ ସିଂ। ୟଶ ଠାକୁର ହର୍ଷ ଦୁବେ, ଖଲିଲ ଅହମ୍ମଦ ଓ ମାନବ ସୁତାରଙ୍କ ସ୍ଥାନରେ ଏମାନେ ଖେଳିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS